# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 20/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 145 | ମୂଲ୍ୟ ₹୭/-




କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚାର୍ଜଶିଟ ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଇଡି ଅଫିସ ସମ୍ମୁଖରେ ବିକ୍ଷୋଭ ବେଳେ ଦଳୀୟ କର୍ମୀଙ୍କୁ ପୋଲିସ ଅଟକାଉଛି। (ଫଟୋ: ବିକାଶ ନାୟକ)

# ହିନ୍ଦୀ ପୂରାଇ ଦେବୁନି: ଠାକ୍‌ରେ ଭ୍ରାତା ଏକାଠି

## ମହାରାଷ୍ଟ୍ର ସରକାର ହିନ୍ଦୀକୁ 'ତୃତୀୟ ଭାଷା' ରୂପେ ସ୍କୁଲ ପାଠ୍ୟକ୍ରମରେ ବାଧ୍ୟତାମୂଳକ କରିଛନ୍ତି

**ମହାରାଷ୍ଟ୍ରର ଭାଜପା-ଶିବସେନା ମହାଯୁତି ସରକାର କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ୩ ଭାଷା ସୂତ୍ରକୁ ଅନୁସରଣ କରି ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷାର ମାନ୍ୟତା ଦେଇଛନ୍ତି। ପୂର୍ବରୁ ବିଦ୍ୟାଳୟ ପାଠ୍ୟକ୍ରମରେ ମରାଠୀ ଓ ଇଂଲିଶ୍ ପ୍ରଚଳିତ ଥିବାବେଳେ ରାଜ୍ୟ ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ 'ମରାଠୀ ଅସ୍ମିତା'ର ପରିପନ୍ଥୀ ଦର୍ଶାଇ ତୀବ୍ର ବିରୋଧ କରିଛନ୍ତି। କଂଗ୍ରେସ ଏବଂ ଶରତ ପାଓ୍ୱାରଙ୍କ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଉପରେ ହିନ୍ଦୀ ଭାଷା ଲଦାଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏହି ପ୍ରସଙ୍ଗ ମହାରାଷ୍ଟ୍ର ରାଜନୀତିର ମୋଡ଼ ବଦଳାଇବାକୁ ଯାଉଛି। ମରାଠୀ ଓ ହିନ୍ଦୁ ଭୋଟକୁ ଆଧାରକରି ରାଜ୍ୟରେ ଶକ୍ତିଶାଳୀ ଥିବା ଶିବସେନା(ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କାକାପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଏକାଠି ହୋଇପାରନ୍ତି ବୋଲି ଉଭୟେ ସଙ୍କେତ ଦେଇଛନ୍ତି। ରାଜ୍ କହିଛନ୍ତି, ଆମ ଭିତରେ ଥିବା ମତପାର୍ଥକ୍ୟ ବଡ଼ ନୁହେଁ, ମହାରାଷ୍ଟ୍ରର ଆତ୍ମସମ୍ମାନ ରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ରାଜ୍‌ଙ୍କ ଏହି ମନ୍ତବ୍ୟ ପରେ ତାଙ୍କ ସହ ଥିବା ସମସ୍ତ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିବା ଉଦ୍ଧବ କହିଛନ୍ତି। ଗତ କିଛିବର୍ଷର ରାଜ୍ୟ ରାଜନୀତିରେ ଠାକ୍‌ରେ ଭ୍ରାତାଙ୍କ ସ୍ଥିତି ସେମାନଙ୍କୁ ଏବେ ଏକାଠି ହେବାକୁ ଦିଗ ଦେଖାଉଛି। ହିନ୍ଦୀକୁ ବିରୋଧର ମାଧ୍ୟମ କରି ସେମାନେ ଶାସକ ମହାଯୁତିକୁ ଶକ୍ତ ଜବାବ ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।**



ଉଦ୍ଧବ ଠାକ୍‌ରେ



ରାଜ୍ ଠାକ୍‌ରେ

**ମୁମ୍ବାଇ,୧୯।୪**

ମହାରାଷ୍ଟ୍ର ରାଜନୈତିକ ଦୃଶ୍ୟପଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କଠାରୁ ଦୂରେଇ ଯାଇଥିବା ଭାଇ ତଥା ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେଙ୍କ ସହ ହାତ ମିଳାଇବାକୁ ଶନିବାର ଆଗ୍ରହ ପ୍ରକାଶ କରିଛନ୍ତି। ହିନ୍ଦୀକୁ ବିରୋଧ ପ୍ରସଙ୍ଗ ୨ ଭାଇଙ୍କୁ ପରସ୍ପରର ନିକଟତର କରାଇଛି। ଚଳିତବର୍ଷ ଶେଷଭାଗରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ପାଇଁ ମହାରାଷ୍ଟ୍ର ପ୍ରସ୍ତୁତି ଚଳାଇଥିବାବେଳେ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ମଧ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା କରାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ରାଜ୍ ଠାକ୍‌ରେ ଦୃଢ଼ ବିରୋଧ କରିଥିଲେ। ରାଜ୍ୟରେ ହିନ୍ଦୀକୁ ବାଧ୍ୟତାମୂଳକ ହେବାକୁ ଦିଆଯିବ ନାହିଁ ବୋଲି ଶନିବାର ଉଦ୍ଧବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶିବସେନା (ୟୁବିଟି)ର ଶ୍ରମିକ ସଙ୍ଗଠନ ଭାରତୀୟ କାମଗାର ସେନାକୁ ଉଦ୍‌ବୋଧନ ଦେଇ ଉଦ୍ଧବ କହିଛନ୍ତି, ହିନ୍ଦୀ ଭାଷା ପ୍ରତି ତାଙ୍କ ଦଳର ଘୃଣା ନାହିଁ। ତେବେ ଏହାକୁ କ'ଣ ପାଇଁ ଲଦିଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଛୋଟମୋଟ ବିବାଦକୁ ପଛରେ ପକାଇବାକୁ ସେ ପ୍ରସ୍ତୁତ ଅଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ସମସ୍ତ ମରାଠୀ ଜନସାଧାରଣ ଏକାଠି ହେବାକୁ ସେ ନିବେଦନ କରିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକ ଗୁଜରାଟ ଚାଲିଯାଉଥିବା ନେଇ ଆମେ ପାର୍ଲାମେଣ୍ଟରେ ଉଠାଇଥିଲୁ। ସେତେବେଳେ ଯଦି ଆମେ ଏକାଠି ହୋଇଥାନ୍ତୁ, ତେବେ ସରକାର ଗଢ଼ିପାରିଥାନ୍ତୁ, ଯାହା ମହାରାଷ୍ଟ୍ର ପାଇଁ କାମ କରିଥାନ୍ତା। ଯିଏ ମହାରାଷ୍ଟ୍ର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିବ, ଆମେ ତାଙ୍କୁ ଘରକୁ ଡାକିବା ନାହିଁକି ତାଙ୍କ ସହ ବସିବା ନାହିଁ ବୋଲି ଉଦ୍ଧବ କହିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ପରାଜିତ ହେବା ପରେ ବିରୋଧୀ ମେଣ୍ଟରେ ଆଭ୍ୟନ୍ତରୀଣ ସଙ୍କଟ ଦେଖାଦେଇଥିବାବେଳେ ଉଦ୍ଧବଙ୍କ ଏଭଳି ମନ୍ତବ୍ୟରୁ ରାଜଙ୍କ ସହ ଏକାଠି କାମ କରିବା ଦ୍ୱାରା ମରାଠୀଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ ବୋଲି ସେ ଅନୁଭବ କରିଥିବା ପ୍ରତିଫଳିତ ହୋଇଛି। ବିଶେଷ କରି ରାଜ୍ୟର ଭାଷାଗତ ଏବଂ ସାଂସ୍କୃତିକ ପରିଚୟର ସୁରକ୍ଷାକୁ ନେଇ ବିତର୍କ ଚାଲିଥିବାବେଳେ ଉଦ୍ଧବଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

ଉଦ୍ଧବଙ୍କ ସହ ବିବାଦକୁ ନେଇ ରାଜ୍ ଶିବସେନାଠାରୁ ଦୂରେଇ ଯାଇ ୨୦୦୬ରେ ଏମ୍‌ଏନ୍‌ଏସ୍ ଗଢ଼ିଥିଲେ। ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ମହେଶ ମଞ୍ଜରେକରଙ୍କ ସହ ପଡ୍‌କାଷ୍ଟରେ ଆଲୋଚନା ବେଳେ ଘରୋଇ ବିବାଦ ମହାରାଷ୍ଟ୍ର ଉପରେ କ୍ଷତିକାରକ ପ୍ରଭାବ ପକାଉଥିବା ନେଇ ରାଜ ଚିନ୍ତାବ୍ୟକ୍ତ କରିଛନ୍ତି। ଉଦ୍ଧବଙ୍କ ସହ ତାଙ୍କ ବିବାଦ ଛୋଟ ଘଟଣା, କିନ୍ତୁ ମହାରାଷ୍ଟ୍ର ସବୁକିଛିଠାରୁ ବହୁତ ବଡ଼ ବୋଲି ରାଜ କହିଥିଲେ। ଉକ୍ତ ମତଭେଦ ମହାରାଷ୍ଟ୍ର ଏବଂ ମରାଠୀଙ୍କ ପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ଏକାଠି ହେବା କଷ୍ଟକର ନୁହେଁ, ଏହା ଇଚ୍ଛାର କଥା। ଆମେ ଏକ ବୃହତ୍ତର ଛବି ଦେଖିବା ଆବଶ୍ୟକ। ରାଜନୈତିକ ଦଳ ନିର୍ବିଶେଷରେ ସବୁ ମରାଠୀ ଏକାଠି ହେବା ଆବଶ୍ୟକ ବୋଲି ରାଜ୍ କହିଛନ୍ତି। ଯଦି ମହାରାଷ୍ଟ୍ର ଆମକୁ ଏକାଠି ହେବାକୁ ଚାହେଁ, ତାହା ହେବାକୁ ଦିଆଯାଉ। ଏଭଳି କାର୍ଯ୍ୟରେ ମୁଁ ମୋ ଅହଂଭାବକୁ ପ୍ରତିବନ୍ଧକ ହେବାକୁ ଦେବିନାହିଁ ବୋଲି ରାଜ୍ ସ୍ପଷ୍ଟ କରିଦେଇଛନ୍ତି।

# ୨୧ କି.ମି. ଦୌଡ଼ିଲେ ୨୧ ରୋବୋ

## ବିଶ୍ୱର ପ୍ରଥମ ରୋବୋ ମାରାଥନ୍ ଆୟୋଜନ କଲା ଚାଇନା



ବେଜିଂ, ୧୯।୪ (ପି.ଟି.)

ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକଠାରୁ ବହୁ ଆଗରେ ଥିବା ନେଇ ଚାଇନା ପୁଣିଥରେ ପ୍ରମାଣିତ କରିଛି। ଶନିବାର ବେଜିଂରେ ବିଶ୍ୱର ପ୍ରଥମ ରୋବୋ ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଛି। ବେଜିଂସ୍ଥିତ ଅର୍ଥନୈତିକ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଆୟୋଜିତ ଏହି ନିଆରା ମାରାଥନ୍ ଦୌଡ଼ରେ ୨୧ଟି ହ୍ୟୁମାନଏଡ୍ ରୋବୋ ମଣିଷଙ୍କ ସହ ୨୧ କି.ମି. ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହି ମାରାଥନ୍‌ରେ ଦୌଡ଼ିବା ପାଇଁ ମଣିଷ ଓ ରୋବୋଙ୍କ ପାଇଁ ଭିନ୍ନ ଭିନ୍ନ ଟ୍ରାକ୍ ହୋଇଥିଲା। ବିଭିନ୍ନ ଆକୃତି ଏବଂ ଆକାରର ରୋବୋ ଦୌଡୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସମାଗମ ଘଟିଥିଲା। ଦର୍ଶକମାନେ ରୋବୋ ଏବଂ ସେମାନଙ୍କ ଅପରେଟରଙ୍କୁ ଉତ୍ସାହିତ କରିଥିଲେ।

ଏହି ଐତିହାସିକ ଦୌଡ଼ ପ୍ରତିଯୋଗିତାରେ ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମାରାଥନ୍ ପାଇଁ ଗତ କିଛି ସପ୍ତାହ ଧରି ଏହି ଟିମ୍‌ଗୁଡ଼ିକର ସଦସ୍ୟମାନେ ସେମାନଙ୍କ ରୋବୋକୁ ପ୍ରସ୍ତୁତ କରିବା ସହ ସେଗୁଡ଼ିକର ପରୀକ୍ଷଣ କରିଥିଲେ। ରେସ୍ ଆରମ୍ଭର ଠିକ୍ ପୂର୍ବରୁ ସମସ୍ତ ରୋବୋ ଏକ ଜିଗ୍‌ଜାଗ୍ ଫର୍ମେଶନରେ ୧ ମିଟରର ବ୍ୟବଧାନରେ ଧାଡ଼ିରେ ଛିଡ଼ା ହୋଇଥିଲେ। ଏହାପରେ ପ୍ରତ୍ୟେକ ରୋବୋ ଗୋଟିଏ ପରେ ଗୋଟିଏ କରି ଦୌଡ଼ିବା ଆରମ୍ଭ କରିଥିଲେ। ଦୌଡ଼ିବା ସମୟରେ ଏହି ରୋବୋଗୁଡ଼ିକୁ ସେମାନଙ୍କ ଇଞ୍ଜିନିୟର ଦୂରରୁ ଅପରେଟ କରୁଥିଲେ। ତେବେ ଏହି ମାରାଥନ ବେଳେ କେତେକ ରୋବୋ ବୈଷୟିକ ତ୍ରୁଟିର ସାମ୍ନା କରିଥିବାବେଳେ ଆଉ କେତେକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ଚାଇନାର ସରକାରୀ ପରିଚାଳିତ ନ୍ୟୁଜ୍ ଏଜେନ୍ସି ଜିନ୍‌ହୁଆ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ମାରାଥନ୍ ରେସ୍‌କୁ ବେଜିଂ ଇନୋଭେଶନ୍ ସେଣ୍ଟର ଅଫ୍ ହ୍ୟୁମାନ ରୋବୋଟିକ୍ସ ଦ୍ୱାରା ପ୍ରସ୍ତୁତ ଟିଆନଗଙ୍ଗ ଅଲଟ୍ରା ନାମକ ରୋବୋ ୨ ଘଣ୍ଟା ୪୦ ମିନିଟରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଜେଇଇ ମେନ୍ ରେଜଲ୍ଟ | ଓଡ଼ିଶାର ଓମ୍ ପ୍ରକାଶଙ୍କୁ ୧୦୦ ପର୍ସେଣ୍ଟାଇଲ୍

**ନୂଆଦିଲ୍ଲୀ,୧୯।୪**



ଓମ୍ ପ୍ରକାଶ ବେହେରା

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ(ମେନ୍) ଫଳାଫଳ ଘୋଷଣା କରିଛି। ୨୪ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଥିବାବେଳେ ରାଜସ୍ଥାନରୁ ସର୍ବାଧିକ ୭ ଜଣ ଟପ୍ପର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଆ ବିଦ୍ୟାର୍ଥୀ ଓମ୍ ପ୍ରକାଶ ବେହେରା ଅଛନ୍ତି। ଶିକ୍ଷାନଗରୀ ରୂପେ ପରିଚିତ କୋଟାର ଏକ କୋଚିଂ ସେଣ୍ଟରରେ ପଢ଼ି ସେ ଜେଇଇ(ମେନ୍) ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସେ ମୋବାଇଲ ଓ ସୋସିଆଲ ମିଡିଆରୁ ଦୂରେଇ ରହୁଥିଲେ। ତେବେ ଓମ୍ ପ୍ରକାଶ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। ମା' ସ୍ମିତାରାଣୀ ବେହେରା ଜଣେ ଅଧ୍ୟାପିକା ଏବଂ ବାପା କମଳାକାନ୍ତ ବେହେରା ଜଣେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ। କୋଟାରେ ପ୍ରସ୍ତୁତି ଚଳାଇଥିବାବେଳେ ସେଥିରେ ମା' ପୂର୍ଣ୍ଣ ସହଯୋଗ କରିଥିବା ଓମ୍ ପ୍ରକାଶ କହିଛନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଆଦୌ ଚିନ୍ତିତ ନ ହୋଇ ଯେଉଁ ବିଷୟରେ ଦୁର୍ବଳ ଥିବେ ତା' ଉପରେ ଅଧିକ ପରିଶ୍ରମ କଲେ ସଫଳତା ମିଳିବ ବୋଲି ଓମ୍ ପ୍ରକାଶ ପରାମର୍ଶ ଦେଇଛନ୍ତି।

# ୨୪ରେ ନୂଆ ଆବେଦନକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାରେ ଯେଉଁମାନେ ନୂଆ ଆବେଦନକାରୀ ଅଛନ୍ତି, ସେମାନଙ୍କୁ ଆସନ୍ତା ୨୪ରେ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ରାଜ୍ୟରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବାକୁ ଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ହେଲେ ନିକଟରେ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ଯାଉଛନ୍ତି। ଏହିଦିନ ପୁରୀଠାରେ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟର ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳା ଏକାଥରେ ୨ଟି କିସ୍ତି ଟଙ୍କା ଏହିଦିନ ପାଇବେ। ଯେଉଁମାନେ ନୂଆ ଆବେଦନ କରିଛନ୍ତି, ସେମାନଙ୍କୁ ଏହି ଟଙ୍କା ଦିଆଯିବ। ପ୍ରଭାତୀ ଆହୁରି କହିଛନ୍ତି, ସୁଭଦ୍ରାକୁ ସହଜ କରିବା ପାଇଁ ସର୍ଭେ କରାଯିବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ୩ୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଓପନ୍ କରାଯିବ।










# ହିନ୍ଦୁ ନେତାଙ୍କୁ ହତ୍ୟାରୁ ବଢ଼ୁଛି ଅଶାନ୍ତି



ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବିରେ ବାଂଲାଦେଶରେ ବିକ୍ଷୋଭ କରାଯାଉଛି।

ନୂଆଦିଲ୍ଲୀ,୧୯।୪

ବାଂଲାଦେଶର ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରୟଙ୍କୁ ହତ୍ୟା ଘଟଣାରେ ଭାରତ ଶନିବାର ମହମ୍ମଦ ୟୁନୁସ୍ ସରକାରଙ୍କୁ ନିନ୍ଦା କରିଛି। ଅନ୍ତରୀଣ ସରକାରଙ୍କ ଶାସନରେ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଢାଞ୍ଚାର ଏକା ଏକ ଅଂଶବିଶେଷ ବୋଲି ନୂଆଦିଲ୍ଲୀ କହିଛି। ହିନ୍ଦୁ ନେତା ୫୮ ବର୍ଷୀୟ ଭବେଶଙ୍କୁ ଦିନାଜପୁରସ୍ଥିତ ତାଙ୍କ ଘରୁ ଅପହରଣ କରିନିଆଯାଇ

## ବାଂଲାଦେଶକୁ ନିନ୍ଦାକଲା ଭାରତ

ପିଟି ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦର ଉପସଭାପତି ଏବଂ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଭବେଶଙ୍କୁ ଅପହରଣ ଏବଂ ଜଘନ୍ୟ ହତ୍ୟା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଓ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ୍ସରେ ଏକ ବିବୃତିରେ କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରତି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଭାରତ ସ୍ମରଣ କରାଇଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସ୍ର ରୂପ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ପଦବୀରୁ ଇସ୍ତଫା ଦେଇ ଭାରତ ପଳାଇଆସିଥିଲେ। ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା କରାଯାଇଥିଲା। ଏହା ପରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଇବା ସହ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଏବଂ ନିର୍ଯାତନାର ଶିକାର ହୋଇଆସୁଛନ୍ତି। ଗତବର୍ଷ ଢାକା ବିମାନବନ୍ଦରରୁ ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରାଯିବା ପରେ ଭାରତ ବାଂଲାଦେଶକୁ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ବାରମ୍ବାର ସ୍ମରଣ କରାଇଥିଲା। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ଗଣମାଧ୍ୟମର ଅତିଶୟୋକ୍ତି କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜୟସ୍ୱାଲ କହିବା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ପ୍ରଶାସନକୁ ନିବେଦନ କରିଥିଲେ।

## ବାଂଲାଦେଶ ପାଇଁ ନୂଆ ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କଲା ଆମେରିକା

ୱାଶିଂଟନ,୧୯।୪

ବାଂଲାଦେଶରେ ନାଗରିକ ଅଶାନ୍ତି, ଅପରାଧ ଏବଂ ଆତଙ୍କବାଦ ଯୋଗୁ ସେହି ଦେଶକୁ ଭ୍ରମଣରେ ଯିବା ବିପଦପୂର୍ଣ୍ଣ ହୋଇଛି। ତେଣୁ ବାଂଲାଦେଶ ଯିବା ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଶୁକ୍ରବାର ଏହାର ନାଗରିକଙ୍କ ନିମନ୍ତେ କଠୋର ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କରି ସେମାନଙ୍କୁ ସତର୍କ କରାଇଛି। ବାଂଲାଦେଶ ପାଇଁ 'ଲେବଲ ୩: ରିକନ୍‌ସିଡର ଟ୍ରାଭେଲ୍' ଆଲର୍ଟ ଏବଂ ଚିଟାଗଙ୍ଗ ହିଲ୍ ଟ୍ରାକ୍ ଅଞ୍ଚଳ ପାଇଁ 'ଲେବଲ୪: ଡୋଣ୍ଟ ଟ୍ରାଭେଲ' ୱାର୍ନିଂ ଜାରି ହୋଇଛି। ଚିଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ଖଗ୍ରାଚାରୀ, ରଙ୍ଗାମାଟି ଏବଂ ବନ୍ଦରବାନ ଜିଲା ଯାଉଥିବାବେଳେ ଏହାକୁ ବିପଜ୍ଜନକ ଅଞ୍ଚଳ ବିବେଚନା କରାଯାଉଛି। ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ରାଜନୈତିକ ହିଂସା ମଧ୍ୟ ବାହାର ଦେଶର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସା, ଅପରାଧ, ଆତଙ୍କବାଦ, ଅପହରଣ ଏବଂ ଅନ୍ୟାନ୍ୟ ବିପଦ ରହିଛି ଓ ଅନେକ ସମୟରେ ଆଇଇଡି ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟୁଛି। ତେଣୁ ଚିଟାଗଙ୍ଗ ପାର୍ବତ୍ୟାଞ୍ଚଳକୁ ନ ଯିବା ଲାଗି ଆଡ୍‌ଭାଇଜରିରେ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ଭୂକମ୍ପ
#### ଦିଲ୍ଲୀ, ଜମ୍ମୁ-କଶ୍ମୀରରେ ଝଟକା

ନୂଆଦିଲ୍ଲୀ,୧୯।୪

ଆଫଗାନିସ୍ତାନରେ ଶନିବାର ଅପରାହ୍ଣ ୧୨ଟା ୧୭ ମିନିଟ୍ ସମୟରେ ୫.୮ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ, ଜମ୍ମୁ-କଶ୍ମୀର ସମେତ ଉତ୍ତରଭାରତର ଅଧିକାଂଶ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୧୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୧.୨୦ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଏବଂ ୧୩୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ପାକିସ୍ତାନରେ ପୂର୍ବାହ୍ଣ ୧୧ଟା ୪୭ରେ ସଂଘଟିତ ଅନ୍ୟ ଏକ ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାନ୍ତ ଅଞ୍ଚଳର ୯୪ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସିସ୍‌ମିକ୍ ମନିଟରିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ପେଶାୱର, ରାୱଲପିଣ୍ଡି ଏବଂ ଖାଇବର ପଖ୍‌ତୁନ୍‌ଖ୍ୱାର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି।

### ଡ୍ରଗ୍ସ ମାମଲାରେ ମାଲୟାଲମ ଅଭିନେତା ଗିରଫ


ଶାଇନ୍ ଟମ୍ ଚାକୋ

କୋଚି, ୧୯।୪

ଏକ ଡ୍ରଗ୍ସ କାରବାର ମାମଲାରେ ମାଲୟାଲମ ଅଭିନେତା ଶାଇନ୍ ଟମ୍ ଚାକୋଙ୍କୁ ଶନିବାର ଗିରଫ କରାଯାଇଛି। କିଛିଦିନ ତଳେ କୋଚିର ଏକ ହୋଟେଲରେ ଚଢ଼ାଉ ବେଳେ ସେ ଖସି ପଳାଇଥିଲେ। ଶନିବାର ଚାକୋଙ୍କୁ ୪ ଘଣ୍ଟା ଜେରା ପରେ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ବେଆଇନ ନିଶା କାରବାର ଆଇନର ଧାରା ୨୭ ଏବଂ ୨୯ ଅନୁଯାୟୀ, ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଚାକୋଙ୍କୁ ପୋଲିସ ସମନ କରିଥିଲା। ତେବେ ଗିରଫ ହେବାର କିଛି ଘଣ୍ଟା ପରେ ଶନିବାର ରାତିରେ ତାଙ୍କୁ ଜାମିନ ମିଳିଛି।

## ଜେଇଇ ମେନ୍: ୨୪ ଟପ୍ପରଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭

ନୂଆଦିଲ୍ଲୀ,୧୯।୪

ଜେଇଇ ମେନ୍ ପରୀକ୍ଷାରେ ମୋଟ ୨୪ ଜଣ ୧୦୦ ପର୍ସେଣ୍ଟାଇଲ୍ ରଖି ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ୩ ଜଣ ଲେଖାଏ, ଦିଲ୍ଲୀ, ଗୁଜରାଟ ଏବଂ ପଶ୍ଚିମବଙ୍ଗରୁ ୨ ଜଣ ଲେଖାଏ ଏବଂ କର୍ନାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ରହିଛନ୍ତି। ଟପ୍ପରଙ୍କ ମଧ୍ୟରେ ୨ ଛାତ୍ରୀ ଥିବାବେଳେ ୨୧ ଜଣ ସାଧାରଣ ବର୍ଗର ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗରୁ ଜଣେ ଲେଖାଏ ଅଛନ୍ତି। ଚଳିତ ମାସରେ ୫୩୧ଟି ସେଣ୍ଟରରେ ଅନୁଷ୍ଠିତ ଜେଇଇ ଦ୍ୱିତୀୟ ସଂସ୍କରଣ ପରୀକ୍ଷାରେ ୯.୯୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଥମ ସଂସ୍କରଣର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୦.୬୧ ଲକ୍ଷ ଥିଲା। ଜେଇଇ(ମେନ୍) ପ୍ରଥମ ଓ ଦ୍ୱିତୀୟ ପତ୍ର ଫଳାଫଳ ଆଧାରରେ ଛାତ୍ରଛାତ୍ରୀଙ୍କୁ ଜେଇଇ(ଆଡଭାନ୍ସଡ) ପାଇଁ ଶର୍ଟଲିଷ୍ଟେଡ୍ କରାଯିବ, ଯାହାକି ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ଗ୍ୱାନ୍-ଷ୍ଟପ୍ ପରୀକ୍ଷା। ମେନ୍ ପରୀକ୍ଷା ୧୩ଟି ଭାଷା ଓଡ଼ିଆ, ବେଙ୍ଗଲୀ, ଅସମୀୟା, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁରେ କରାଯାଇଥିଲା। ଭାରତ ବାହାରେ ବିଭିନ୍ନ ଦେଶର ୧୫ଟି କେନ୍ଦ୍ରରେ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ବିଲ୍ଡିଂ ଭୁଶୁଡ଼ି ୧୧ ମୃତ

ନୂଆଦିଲ୍ଲୀ, ୧୯।୪

ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳରେ ଶନିବାର ଭୋର୍ ୩ଟା ସମୟରେ ଏକ ୪ ମହଲା କୋଠା ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ଚାପି ହୋଇ ଯାଇଥିଲେ। ତୁରନ୍ତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ୨୨ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବାହିନୀ କହିଛି। କେତେଜଣ ଭଗ୍ନାବଶେଷ ତଳେ ଫସିରହିଥିବାରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ଘଟଣାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୋକ ପ୍ରକଟ କରିଛନ୍ତି। ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। କୋଠା ମାଲିକାଣୀ ତେହସିନ (୬୦)ଙ୍କ ସମେତ ତାଙ୍କ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳର ୪ ମହଲା ବିଶିଷ୍ଟ ଆବାସିକ କୋଠା ଭୁଶୁଡ଼ି ଯିବା ପରେ ରେସ୍କ୍ୟୁ ଅପରେଶନ ଜାରି ରହିଛି।

## ଘୃଣା ଅପରାଧ ପୀଡ଼ିତଙ୍କୁ ସମାନ କ୍ଷତିପୂରଣ ଆବେଦନର ଶୁଣାଣି ୨୩ରେ

ନୂଆଦିଲ୍ଲୀ,୧୯।୪(ପି.ଟି.)

ଘୃଣା ହିଂସା ଏବଂ ଭିଡ଼ ହିଂସାର ପୀଡ଼ିତମାନଙ୍କୁ ସମାନ କ୍ଷତିପୂରଣ ମଞ୍ଜୁରୀ ଲାଗି ଦାଏର ପିଟିଶନର ଶୁଣାଣି ୨୩ରେ କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ଇଣ୍ଡିଆନ୍ ମୁସ୍‌ଲିମ୍ ଫର୍ ପ୍ରୋଗ୍ରେସ୍ ଆଣ୍ଡ ରିଫର୍ମ୍ସ (ଆଇଏମ୍‌ପିଏଆର୍) ପକ୍ଷରୁ ଦାଏର ଏହି ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ୨୦୨୩ ଏପ୍ରିଲରେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜବାବ ମାଗିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ୨୩ରେ ସେଗୁଡ଼ିକର ଶୁଣାଣି କରିବେ।

## କାନାଡାରେ ଗୁଳିବାଜି ଭାରତୀୟ ଛାତ୍ରୀ ମୃତ

ଓଟ୍ଟାୱା, ୧୯।୪

କାନାଡାର ଓଣ୍ଟାରିଓ ରାଜ୍ୟ ହାମିଲଟନ ସହରରେ ଗୁଳି ବାଜିବାରୁ ଜଣେ ୨୧ ବର୍ଷୀୟା ଭାରତୀୟ ଛାତ୍ରୀ ହର୍‌ସିମରତ କୌର ରନ୍ଧାୱାଙ୍କର ମୃତ୍ୟୁ ହୋଇଯାଇଛି। ଟୋରଣ୍ଟୋରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହର୍‌ସିମରତ ହାମିଲଟନସ୍ଥିତ ଏକ ବସ୍ ଷ୍ଟପ୍‌ରେ ଅପେକ୍ଷା କରି ରହିଥିବା ବେଳେ ସେଠାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ କାର୍‌ରେ ପରସ୍ପର ସହ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଏକ ଗୁଳି ଆସି ହର୍‌ସିମରତଙ୍କ ଶରୀରରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ଓଣ୍ଟାରିଓସ୍ଥିତ ମୋହକ କଲେଜର ଛାତ୍ରୀ ଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ହର୍‌ସିମରତଙ୍କ ପରିବାରକୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଟରୋଣ୍ଟୋସ୍ଥିତ ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ହର୍‌ସିମରତ ହେଉଛନ୍ତି ପଞ୍ଜାବର ତାରାତରଣ ଜିଲା ଧୁଣ୍ଡା ଗ୍ରାମର ମୂଳ ନିବାସୀ। ତାଙ୍କ ମୃତଦେହକୁ ଭାରତ ଫେରାଇ ଆଣିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହର୍‌ସିମରତଙ୍କ ପରିବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।


ହର୍‌ସିମରତ କୌର ରନ୍ଧାୱା

## ଚୋରି ସନ୍ଦେହରେ ୨ ଶ୍ରମିକଙ୍କୁ ବିଦ୍ୟୁତ୍ ଶକ୍


କୋର୍ବା,୧୯।୪

ଛତିଶଗଡ଼ର କୋର୍ବା ଜିଲାରେ ଏକ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିର ୨ ଜଣ ଶ୍ରମିକଙ୍କୁ ଚୋରି ସନ୍ଦେହରେ ନିଯୁକ୍ତିଦାତା ଓ ତାଙ୍କ ସହଯୋଗୀ ଅକଥନୀୟ ନିର୍ଯାତନା ଦେଇଛନ୍ତି। ଶ୍ରମିକଙ୍କ ନଖ ତାଡ଼ିନେବା ସହ ସେମାନଙ୍କୁ ବିଦ୍ୟୁତ୍ ଶକ୍ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଶ୍ରମିକ ଅଭିଷେକ ଭାମ୍ବି ଏବଂ ବିନୋଦ ଭାମ୍ବିଙ୍କ ଘର ରାଜସ୍ଥାନର ଭିଲୱାରା ଜିଲାରେ। ସେମାନେ ଖପ୍ରଭଟ୍ଟି ଅଞ୍ଚଳରେ ଛୋଟୁ ଗୁର୍ଜାରଙ୍କ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଇଷ୍ଟର ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୧୯।୪

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୧,୧୫୦ ଦିନ ବିତିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ଇଷ୍ଟର ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଅସ୍ତ୍ରବିରତି ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ରୁଷିଆ ଚିଫ୍ ଅଫ୍ ଷ୍ଟାଫ୍ ଭାଲେରି ଗାରାସିମୋଭ୍‌ଙ୍କ ସହ ଆଲୋଚନା ବେଳେ ପୁଟିନ୍ ଏକ ଟେଲିଭିଜନ ବାର୍ତ୍ତାରେ ଏହା କହିଛନ୍ତି। ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ମାସ ହେଲା ଉଦ୍ୟମ କରିଆସୁଛନ୍ତି। ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଥିଲେ। ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଥିଲେ, ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ଏହାର ଦିନକ ପରେ ପୁଟିନ୍ ଇଷ୍ଟର ପର୍ବ ଅବସରରେ ସାମୟିକ ଅସ୍ତ୍ରବିରତି ଘୋଷଣା କରିଛନ୍ତି।


ଭ୍ଲାଡିମିର ପୁଟିନ୍

## ଫୁରସତ୍

# ସବୁଠୁ ବୟସ୍କ ପେଙ୍ଗୁଇନ୍

ଲଣ୍ଡନ

ବେଳେବେଳେ ଅନେକ ପ୍ରାଣୀ ସେମାନଙ୍କର ସାଧାରଣ ଜୀବନକାଳଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ଏହିପରି ଏକ ପ୍ରାଣୀ ନିକଟରେ ଚର୍ଚ୍ଚାରେ ରହିଛି, ଯାହା ନିଜ ପ୍ରଜାତିର ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କେବଳ ବର୍ଷେ କିମ୍ବା ୨ ବର୍ଷ ନୁହେଁ ବରଂ ୨ରୁ ୩ଗୁଣା ଅଧିକ ସମୟ ବଞ୍ଚି ରେକର୍ଡ ସୃଷ୍ଟି କରିଛି। ଗତ ୧୬ ତାରିଖରେ ବିଶ୍ୱର ସବୁଠାରୁ ବୟସ୍କ ହମ୍‌ବୋଲ୍ଡଟ ପେଙ୍ଗୁଇନ୍ ସ୍ୱନେବ ନିଜର ୩୭ତମ ଜନ୍ମଦିନ ପାଳନ କରି ରେକର୍ଡ କରିଛି। ଏହି ଅବସରରେ ସ୍ୱନେବ ଥିବା ଇଂଲଣ୍ଡର କର୍ନୱାଲ ଅନ୍ତର୍ଗତ ହାୟଲେସ୍ଥିତ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ବରଫ ଏବଂ ମାଛରେ ତିଆରି ଏକ କେକ୍ କରାଯାଇଥିଲା। ସାଧାରଣତଃ ଏକ ହମ୍‌ବୋଲ୍ଡଟ ପ୍ରଜାତିର ପେଙ୍ଗୁଇନ୍‌ଙ୍କ ଆୟୁ ସାଧାରଣତଃ ୧୦ରୁ ୧୫ ବର୍ଷ ହୋଇଥିବା ବେଳେ ସ୍ୱନେବର ବର୍ତ୍ତମାନର ବୟସ ଏହାଠାରୁ ପ୍ରାୟ ୩ ଗୁଣା ଅଧିକ। ୧୯୮୮ ମସିହାରୁ ଏହି ପେଙ୍ଗୁଇନ୍‌ଟି ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ରହିଆସୁଛି।

ସ୍ୱନେବର ଯତ୍ନ ନେଉଥିବା ପ୍ରାଣୀ ଉଦ୍ୟାନର କର୍ମଚାରୀମାନେ କହିଛନ୍ତି, ସାରା ବିଶ୍ୱରୁ ସଂଗୃହିତ ରେକର୍ଡ ଅନୁଯାୟୀ ସ୍ୱନେବ ହେଉଛି ନିଜ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍। ତେବେ ବୃଦ୍ଧାବସ୍ଥାରେ ଥିଲେ ମଧ୍ୟ ସ୍ୱନେବ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିବା ସହ ଠିକ୍ ଭାବେ ଚାଲି ପାରୁଛି ବୋଲି ସେମାନେ କହିଛନ୍ତି। ସ୍ୱନେବ ହମ୍‌ବୋଲ୍ଡଟ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହୋଇଥିବା ବେଳେ ଏବେ ମଧ୍ୟ ଏହା ବିଶ୍ୱର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହେବାର ରେକର୍ଡକୁ ହାସଲ କରିପାରିନାହିଁ। ଏହି ଅନନ୍ୟ ରେକର୍ଡ ଦକ୍ଷିଣ ଆଫ୍ରିକାର ଏକ ପେଙ୍ଗୁଇନ୍ ନାମରେ ରହିଛି, ଯାହାର ମୃତ୍ୟୁ ୨୦୨୩ରେ ହୋଇଥିଲା। ସ୍ୱନେବ ୧୯୮୮ରେ ଇଂଲଣ୍ଡର ସରେରେ ଜନ୍ମ ହୋଇଥିଲା। ଏହାପରେ ସ୍ୱନେବକୁ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତରିତ କରାଯାଇଥିଲା।



ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ସ୍ୱନେବ ପେଙ୍ଗୁଇନ୍‌ର ଜନ୍ମଦିନ ଉପଲକ୍ଷେ ପ୍ରସ୍ତୁତ କେକ୍।

## ୨୦ ବର୍ଷ ପରେ ଶାହରୁଖ-ଅର୍ଶଦ ଯୋଡ଼ି

ମୁମ୍ବାଇ

ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଷ୍ଟାର୍‌କାଷ୍ଟରେ ଅଭିନେତା ଅର୍ଶଦ ୱାର୍ସିଙ୍କୁ ସାମିଲ କରାଯାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ୨୦ ବର୍ଷ ପରେ ଅର୍ଶଦ ଶାହରୁଖଙ୍କ ସହ ସ୍କ୍ରିନ୍ ଶେୟାର କରୁଥିବା ନେଇ ସ୍ପଷ୍ଟ ହୋଇଛି। ପୂର୍ବରୁ ୨୦୦୫ରେ 'କୁଛ ମିଠା ହୋ ଯାଏ' ଫିଲ୍ମରେ ଉଭୟ ଶାହରୁଖ ଓ ଅର୍ଶଦଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଅର୍ଶଦଙ୍କ ଚରିତ୍ର ସମ୍ପର୍କରେ ଜଣାପଡି ନାହିଁ। 'କିଙ୍ଗ୍' ଫିଲ୍ମରେ ଶାହରୁଖଙ୍କ ସମେତ ତାଙ୍କ ଝିଅ ସୁହାନା ଖାନ୍, ଅଭିନେତା ଅଭିଷେକ ବଚ୍ଚନ, ଅଭୟ ବର୍ମା ପ୍ରମୁଖ ନଜରକୁ ଆସିବେ। ସେହିପରି ଫିଲ୍ମରେ ସୁହାନାଙ୍କ ମା' ଏବଂ ଶାହରୁଖଙ୍କ ପୂର୍ବତନ ପ୍ରେମିକା ଭାବେ ଦୀପିକାଙ୍କର କେତେକ ସ୍ପେଶାଲ ଆପିଅରାନ୍ସ ଦୃଶ୍ୟ ରହିବ। ପୂର୍ବରୁ ଆସନ୍ତା ମେ'ରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ଫିଲ୍ମର ସ୍କ୍ରିପ୍ଟକୁ ନେଇ ଶାହରୁଖ ସନ୍ତୁଷ୍ଟ ନ ଥିବାରୁ ବର୍ତ୍ତମାନ ଏହାକୁ ଅପ୍‌ଡେଟ କରାଯାଉଛି। ତେଣୁ ଆସନ୍ତା ଜୁଲାଇରୁ 'କିଙ୍ଗ୍' ଫିଲ୍ମର ଶୁଟିଂ ଆରମ୍ଭ ହେବା ସହ ୨୦୨୬ରେ ଏହା ରିଲିଜ୍ ହେବ ।


ଅର୍ଶଦ ୱାର୍ସି

ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ | Bhubaneswar, Sunday, April 20/2025 

## ରେଳଲାଇନ୍ ନିର୍ମାଣକୁ ବିରୋଧ | ପୋଲିସ-ଜନତା ଖଣ୍ଡଯୁଦ୍ଧ

### ■ ଜେସିବି ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ
### ■ ୧୦ରୁ ଊର୍ଦ୍ଧ୍ୱ ପୋଲିସ, ଅଞ୍ଚଳବାସୀ ଆହତ

**ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତର ଡୁମେର୍ତ୍ତା ରେଳଷ୍ଟେଶନରୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଯାଏ ହେଉଥିବା ରେଳ ଲାଇନ୍ କାମକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଏହି କାମ ଆରମ୍ଭବେଳେ ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ବରକାନି ଗ୍ରାମର ଏତୋ ଏକ୍କା(୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ପୋଲିସ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନକାରୀଙ୍କ ସହ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ଉତ୍ତେଜନା ଥମିଛି। କିନ୍ତୁ ଜମିହରାଙ୍କୁ ରୋଜଗାର ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀମାନେ ମୃତଦେହ ରଖି ଧାରଣା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ଧାରଣା ଜାରି ରହିଥିଲା। ଅଧିକ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।**



ବରକାନିରେ ଉତ୍ତେଜନା ଯୋଗୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ବନ୍ଧମୁଣ୍ଡା/ ରାଉରକେଲା, ୧୯।୪ (ସୁବ୍ରତ ଡେ/ ସଙ୍ଗୀତା ଜେନା)**

ଡୁମେର୍ତ୍ତାରୁ ଆର୍‌ଏସ୍‌ପି ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ମାସ ହେଲା ରେଳଲାଇନ୍ ବିଛାକାର୍ଯ୍ୟ ଚାଲିଛି। ଏଥିପାଇଁ ୨୦୦୬ରୁ ଜମି ହରାଇଥିବା ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଏବଂ ରୋଜଗାର ଦାବିରେ ରେଳଲାଇନ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଆସୁଥିଲେ। ଶୁକ୍ରବାର ଜିଲା ପ୍ରଶାସନର ଉପସ୍ଥିତିରେ ବରକାନିରେ ଏକ ନୂତନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ପାଇ ଅଞ୍ଚଳବାସୀ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାରୁ ଅଞ୍ଚଳବାସୀ ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ଦାବି କରିଥିଲେ। ଏହି ସମୟରେ ପୋଲିସ ଏବଂ ଜନତା ମୁହାଁମୁହିଁ ହୋଇଥିଲା। କିଛି ଲୋକ ଜେସିବି ସମ୍ମୁଖରେ ଶୋଇପଡ଼ିଥିଲେ। ଏହି ସମୟରେ ଜେସିବି ଧକ୍କା ଦେବାରୁ ଏତୋ ଏକ୍କାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ୟକ୍ତ ଲୋକେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପରେ ପଥର ମାଡ଼ କରିଥିଲେ। ସେମାନେ ପୋଲିସ ସହ ଧସ୍ତାଧସ୍ତି ହେବା ସହ ପୋଲିସ ଗାଡିକୁ ଓଲଟାଇ ଦେଇଥିଲେ। ପଥର ମାଡ଼ରେ ବିଶ୍ରା ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ, ପୋଲିସ କନ୍‌ଷ୍ଟେବଲ ମନୋରଞ୍ଜନ ଦାସ, ରାଜେଶ ମହାରଣା, ଜେସିବି ଚାଳକ ସାମୁଏଲ ମାସିଙ୍କ ସମେତ ପୋଲିସ କର୍ମୀମାନେ ଆହତ ହୋଇଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏବଂ ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅଧିକ ସଂଖ୍ୟାରେ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଧାରଣା ଦେଇଛନ୍ତି। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ମୃତଦେହ ଉଠିବ ନାହିଁ ବୋଲି ସେମାନେ ଅଡ଼ି ବସିଛନ୍ତି। ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
**ଚାଇନା ଆଗକୁ ବଢୁଛି**

## କୁପୋଷଣମୁକ୍ତ ଓଡ଼ିଶା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ଏହାର ସଫଳତା ପାଇଁ ସାମୂହିକ ସଚେତନତା ଜରୁରୀ। ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିବା ସହ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ସହିତ ଏକ ଲାଇବ୍ରେରୀ ହଲ୍ ଏବଂ ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଂକୁ ଓଡ଼ିଶାର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଛନ୍ତି। ଏହାସହ ପ୍ରତିଷ୍ଠାନର କନ୍‌ଫରେନ୍‌ସ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନର ଅଡିଟୋରିୟମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନୱାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡ଼ିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତବର୍ଷ ବଜେଟରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡ଼ିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇପାରିଲେ ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଆମେ ଗଠନ କରିପାରିବା। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନ ଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି।



ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ

### ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ୮ ବିଲ୍ଡିଂ ୮ ମହୀୟସୀ ମହିଳାଙ୍କ ନାମରେ ନାମିତ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲୱେ ଘରୋଇକରଣ ବିରୋଧରେ ଏବଂ ରେଳଯାତ୍ରୀଙ୍କ ନିରାପତ୍ତା ଦାବିରେ ବିକ୍ଷୋଭ, ସ୍ଥାନ: ରେଳଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର 'ଗୋପୀନାଥଙ୍କ ସାହିତ୍ୟ ସମ୍ଭାର', ସ୍ଥାନ: ସମିତି କାର୍ଯ୍ୟାଳୟ ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୩୪ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ବିନ୍ଦୁସାଗର ନିକଟ, ପୁରୁଣା ଭୁବନେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ମାରୱାଡ଼ି ଯୁବ ମଞ୍ଚର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ, ସ୍ଥାନ: ଲା ଫିଏଷ୍ଟା କନ୍‌ଭେନଶନ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମା' ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ:ଜହତା ଶିବ ମନ୍ଦିର ପଡ଼ିଆ, ରୂପ୍‌ସା,ସମୟ: ଦିବସବ୍ୟାପୀ।
- ପ୍ଲାଟିନମ୍ ଜୟନ୍ତୀର ତୃତୀୟ ଦିବସ,ସ୍ଥାନ:ଶମ୍ଭୁନାଥ ସରକାରୀ ହାଇସ୍କୁଲ, ବସ୍ତା,ସମୟ:ଦିବସବ୍ୟାପୀ।
- ମା' ପଶ୍ଚିମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ଛଚିନ୍ଦା, ସିମୁଳିଆ,ସମୟ: ଦିବସବ୍ୟାପୀ।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର,ସମୟ:ସକାଳ ୯ ଟା।
- ମନାର ନବମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ:ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଦିବସ.ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ବରଦା ଭଗବତୀ ଉଚ୍ଚବିଦ୍ୟାପୀଠ ରଜତ ଜୟନ୍ତୀ ଉତ୍ସବର ଅନ୍ତିମ ଦିବସ,ସ୍ଥାନ:ସ୍କୁଲ ପରିସର, ଖଇରା,ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- 'ସ୍ରଷ୍ଟା ଓ ସୃଷ୍ଟି'ର ପ୍ରତିଷ୍ଠା ଉତ୍ସବ ଓ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଓକିଲ ସଂଘ ମିଟିଂ ହଲ୍, ଭଦ୍ରକ ପୁରୁଣାକୋର୍ଟ, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବୈଷ୍ଣବାନନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ମା' ପରମ ବୈଷ୍ଣବୀଙ୍କ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ ରମ୍ଭାସ, ଛେନାପଦି, ସମୟ: ସକାଳ ୬ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଞ୍ଝୋ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସଦର ବ୍ଲକ୍ ଶଙ୍କରପୁର୍ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆର୍‌ଏସ୍‌ଏସ୍‌ର ଜିଲାସ୍ତରୀୟ ସମାବେଶ, ସ୍ଥାନ: କେନ୍ଦୁଝର ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ଶନିଦେବଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗଞ୍ଜ ବାରିପଦା, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ବାରିପଦା ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ଧନ କଲ୍ୟାଣ ମଣ୍ଡପ, ବେତନଟୀ, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଜ୍ୟ କଂଗ୍ରେସ ସଭାପତିଙ୍କ ଜିଲା ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବର ଉଦଯାପନୀ, ସ୍ଥାନ: ବୁଢାରାଉଳ ମଠ ସନ୍ନିକଟ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବର ନାଟକ 'ମଞ୍ଚମାୟା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା ।

## କନ୍ଧମାଳ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: କ. ନୂଆଗାଁ ଦିବ୍ୟ ଜୀବନ ସଂଘ,ସମୟ: ସକାଳ ୯ଟା।

## ଗଜପତି

- ସମବାୟ ପ୍ରଚାର ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟଳୟ, ସମୟ: ସକାଳ ୮.୩୦।

## ଢେଙ୍କାନାଳ

- ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ରାଜ୍ୟସ୍ତରୀୟ ଯୁବ ଲେଖକ ସମାବେଶ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ସକାଳ ୯ଟା।
- ୪ର୍ଥ ଅଧିକାରୀ ସାମଲ ଦିବାପାତ୍ର କ୍ରିକେଟ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟଃ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ମୃତି କମିଟି ପକ୍ଷରୁ ରାଜନେତା ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ସମାରୋହ, ସ୍ଥାନ: ଗୋପାଳପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ : ସ୍ଥାନ : ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ : ସକାଳ ୭ଟା।

## ନୟାଗଡ଼

- ନିଆଳି କୈବର୍ତ୍ତ ସମାଜର ବାର୍ଷିକୋତ୍ସବ, ସ୍ଥାନ: ଭାପୁର ବ୍ଲକର ଗୋଳାପୋଖରୀ ଖେଳପଡିଆ, ସମୟ:ଅପରାହ୍ନ ୩ଟା।
- ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଣା ସଂକ୍ରାନ୍ତି ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୫ ତମ ଦିବସରେ ସୀତା ଠାବ, ରାବଣ ଛତ୍ର ଛେଦନ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳିବଧ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ସୌର୍ଯ୍ୟ ଜାଗରଣ ଯାତ୍ରା ଅବସରରେ ନଗର ପରିକ୍ରମା, ସ୍ଥାନ: ରାୟଗଡ଼ା ରାମ ମନ୍ଦିରରୁ କୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୪ଟା।

## କୋରାପୁଟ

- ନାଲ୍‌କୋ ଏସ୍‌ସି/ଏସ୍‌ଟି କର୍ମଚାରୀ ସଂଘର ନିର୍ବାଚନ, ସ୍ଥାନ: ସେକ୍ଟର-୨ ସଂଘ କାର୍ଯ୍ୟାଳୟ, ନାଲକୋ ଟାଉନଶିପ, ଦାମନଯୋଡ଼ି, ସମୟ: ସକାଳ ୭ଟା।
- ମହିଳା ମହାସଂଘର ରକ୍ତଦାନ ଶିବିର, ସ୍ଥାନ: ମହାସଂଘ କାର୍ଯ୍ୟାଳୟ, ସୁନାବେଡା-୧, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘର ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ:ପୂର୍ବାହ୍ନ ୧୧ଟା।
- ରଣା ସମାଜ ବିକାଶ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କୋରାପୁଟ ବ୍ଲକ୍ ମହାଦେଇପୁଟ, ସମୟ: ମଧ୍ୟାହ୍ନ ୧୨ଟା।
- ଉରୁଷ ପର୍ବ ପାଳନ, ସ୍ଥାନ: ଜାମମସ୍‌ଜିଦ୍, କୋଟପାଡ଼, ସମୟ: ଅପରାହ୍ନ ୫ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

# ଠାଣେକରଙ୍କ ପକ୍ଷରୁ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନାଗରିକ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ପୀତାମ୍ବରୀ ଶିଳ୍ପ ଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନିକଟରେ ପୁଣେର ତିଲକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡ. କାଶୀନାଥ ଘନେକର ଥିଏଟରଠାରେ ଏକ ସ୍ୱତନ୍ତ୍ର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡକ୍ଟର କାଶୀନାଥ ଘନେକର ଥିଏଟରଠାରେ ତାଙ୍କର ନାଗରିକ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ପରମାଣୁ ବୈଜ୍ଞାନିକ ପଦ୍ମ ବିଭୂଷଣ ଡ. ଅନିଲ କାକୋଡକର, ଅଧ୍ୟାପକ ଡ. ସଚ୍ଚିଦାନନ୍ଦ ଶେଭଡେ, ଚିତାଲେ ଶିଳ୍ପ ଗୋଷ୍ଠୀର ପ୍ରମୁଖ ଶ୍ରୀକୃଷ୍ଣ ଚିତାଲେଙ୍କ ସମେତ ବିଧାୟକ ସଞ୍ଜୟ କେଲକର, ବିଧାୟକ ନିରଞ୍ଜନ ଦାଭଖରେ ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ବିଭିନ୍ନ ବ୍ୟବସାୟ କ୍ଷେତ୍ର, ଏନ୍‌ଜିଓ ଇତ୍ୟାଦିର ଦର୍ଶକଙ୍କ ଉପସ୍ଥିତିରେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ପୁଣେରୀ ପଗଡ଼ି ଏବଂ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କ ଡକ୍ଟରେଟ୍ ଗ୍ରହଣ ସମ୍ପର୍କରେ ତାଙ୍କୁ ପଠାଇଥିବା ବାର୍ତ୍ତା ମଞ୍ଚରୁ ପାଠ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପୀତାମ୍ବରୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ଶିଳ୍ପକ୍ଷେତ୍ରରେ ତାଙ୍କର ଚମତ୍କାର ସଫଳତା ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପୁଣେର ତିଲକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପ୍ରତି ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।

ଏ ନେଇ ରବନ୍ଦ୍ର ପ୍ରଭୁଦେଶାଇ କହିଥିଲେ, ମୁଁ ପାଇଥିବା ଏହି 'ଡକ୍ଟରେଟ୍' ଡିଗ୍ରୀକୁ ପୀତାମ୍ବରୀ ଇଣ୍ଡଷ୍ଟ୍ରିଜକୁ ସମର୍ଥନ କରୁଥିବା ପ୍ରତ୍ୟେକ ସଂଗଠନକୁ ମୁଁ ହୃଦୟର ସହିତ ଉତ୍ସର୍ଗ କରୁଛି। ବିଶେଷକରି ଦେଶୀ ଗାଈର ସୁସ୍ଥ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ ଏବଂ ପୀତାମ୍ବରୀଙ୍କ 'ଗୋମୂତ୍ର' କ୍ୟାପସୁଲର ଉତ୍ପାଦନ ଏବଂ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ।

ଭବିଷ୍ୟତରେ ପୀତାମ୍ବରୀଙ୍କ 'ଗୋମୂତ୍ର' ଉପରେ ସେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ମଧ୍ୟ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ କହିଥିଲେ, ସଚ୍ଚିଦାନନ୍ଦ ପରଂବ୍ରହ୍ମ ଡ. ଜୟନ୍ତ ଆଠୱଲେଙ୍କ ମାର୍ଗଦର୍ଶନ ଏବଂ ସନାତନ ସଂସ୍ଥାର ମାର୍ଗଦର୍ଶକ ନୀତି ଅନୁସାରେ ଗୁରୁକୃପା ଯୋଗ ଅନୁସାରେ ସାଧନା କିପରି ପୀତାମ୍ବରୀଙ୍କୁ ତାଙ୍କର ବୃତ୍ତିଗତ ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା ସେ ବିଷୟ ସେ କହିଥିଲେ।

# ଆଜିଠୁ କଳିଙ୍ଗ ସୁପର କପ୍

ଭୁବନେଶ୍ୱର,୧୯।୪(ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେବାକୁଯାଉଛି କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଇଷ୍ଟ ବେଙ୍ଗଲ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହେବେ। ଏହି ପ୍ରତିଯୋଗିତାରେ ଭାଗନେଉଥିବା ୧୫ଟି ଦଳ ଟ୍ରଫି ଓ ଆଗାମୀ ସିଜନର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ରେ ଉପଲବ୍ଧ ଥିବା ଏକମାତ୍ର ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଘରୋଇ ଦଳ ଓଡ଼ିଶା ଏଫ୍‌ସି ଗତବର୍ଷ ଫାଇନାଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିଠାରୁ ୩-୨ ଗୋଲରେ ପରାସ୍ତ ହୋଇ ରନରଅପ ରହିଥିଲା। ଗତ ସଂସ୍କରଣରେ ଏହି ଟ୍ରଫି ସହ ଜାତୀୟ ଟାଇଟଲ ଲାଗି ଇଷ୍ଟ ବେଙ୍ଗଲର ୧୨ ବର୍ଷର ଅପେକ୍ଷା ଶେଷ ହୋଇଥିଲା। ଏଥର ଦଳ ତା'ର ଟାଇଟଲକୁ ସମାନ ଭେନ୍ୟୁରେ ଡିଫେଣ୍ଡ କରିବାକୁ ଲକ୍ଷ୍ୟ ରଖିଛି। ଇଷ୍ଟ ବେଙ୍ଗଲ ୨୦୦୯-୧୦ ଓ ୨୦୧୦ରେ ଲଗାତର ଫେଡେରେଶନ କପ୍ ଜିତିଥିବାବେଳେ କେରଳ ବ୍ଲାଷ୍ଟର୍ସ ଜାତୀୟସ୍ତରରେ ତା'ର ପ୍ରଥମ ଟ୍ରଫି ଅପେକ୍ଷାରେ ରହିଛି। ଉଭୟ ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ଆଶାନୁଯାୟୀ ପ୍ରଦର୍ଶନ କରି ନ ପାରି ପଏଣ୍ଟ ଟେବୁଲରେ ଯଥାକ୍ରମେ ନବମ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ଏହି ମ୍ୟାଚ୍‌ର ବିଜେତା ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ନାମେଣ୍ଟରୁ ଓହରିଯିବାରୁ ମୋହନ ବାଗାନ ବାଇ ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଖେଳାଯିବ। ଏପ୍ରିଲ ୨୧ ତାରିଖରେ ୨୦୧୯ ସଂସ୍କରଣର ଚାମ୍ପିୟନ ଏଫ୍‌ସି ଗୋଆ ଓ ଗୋକୁଲମ କେରଳ ଏଫ୍‌ସି ପରସ୍ପରକୁ ଭେଟିବେ। ଗତ ଦୁଇ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିବା ଗୋଆ ଏଥର ଟ୍ରଫି ସହ ୨୦୨୧ ପରେ ଦ୍ୱିତୀୟଥର ପାଇଁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଲକ୍ଷ୍ୟରେ ରହିଛି।



ସେହିଭଳି ଗୋକୁଲମ କେରଳ ୨୦୨୨ ପରେ ଏଏଫ୍‌ସି କପ୍‌ରେ ଖେଳିବା ଉଦ୍ଦେଶ୍ୟ ରଖିଛି। କିନ୍ତୁ ଏହି ଦଳ କଦାପି କଳିଙ୍ଗ ସୁପର କପ୍‌ରେ ରାଉଣ୍ଡ ଅଫ୍-୧୬ ଅତିକ୍ରମ କରିପାରିନାହିଁ। ଗତ ଦୁଇ ସଂସ୍କରଣରେ ଗୋକୁଲମ ଟୁର୍ନାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ନ ଜିତି ଅଭିଯାନ ଶେଷ କରିଥିଲା। ସୋମବାର ପଞ୍ଜାବ ଏଫ୍‌ସିକୁ ଆୟୋଜକ ଘରୋଇ ଫେଭରାଇଟ ଓଡ଼ିଶା ଏଫ୍‌ସି ଭେଟିବ। ୨୦୨୩ ସଂସ୍କରଣର ଚାମ୍ପିୟନ ଓ ୨୦୨୪ ସଂସ୍କରଣର ରନରଅପ୍ ଓଡ଼ିଶା ଏଫ୍‌ସି ଲାଗି ଏହା ଫେଭରାଇଟ ଟୁର୍ନାମେଣ୍ଟ। ୨୦୨୩ରେ ପଦାର୍ପଣ କରିଥିବା ପଞ୍ଜାବ ଏଫ୍‌ସି ଏପର୍ଯ୍ୟନ୍ତ କଦାପି ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ। ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶି ଆସନ୍ତା ୨୩ ତାରିଖରେ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ଗତ ଦୁଇ ସଂସ୍କରଣରେ ତୃତୀୟଥର ପାଇଁ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଇଏସ୍‌ଏଲ୍ ଫାଇନାଲରେ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ଟୁର୍ନାମେଣ୍ଟକୁ ଦ୍ୱିତୀୟଥର ଜିତିବା ଲକ୍ଷ୍ୟରେ ରହିଛି। ଦଳ ଉଦ୍‌ଘାଟନୀ ୨୦୧୮ ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

# ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ: ମନ୍ତ୍ରୀ ହରିଚନ୍ଦନ




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକଦିବସୀୟ ଜାତୀୟ ସମ୍ମିଳନୀ ଶନିବାର ଭୁବନେଶ୍ୱରର ମେ'ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ବିକଶିତ ଓଡ଼ିଶା-୨୦୩୬ ପରିକଳ୍ପନା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସେହିଭଳି ଉକ୍ତ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ କହିଥିଲେ, ବିକଶିତ ଓଡ଼ିଶା ଗଠନ ପାଇଁ ଆଇସିସି ବଦ୍ଧପରିକର। ଏପରି କି ଓଡ଼ିଶା ସରକାରଙ୍କ ସହାୟତାରେ ଆଇସିସି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହ ଭାରତର ଅର୍ଥନୈତିକ ବିକାଶରେ ମଧ୍ୟ ଆଇସିସି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସାହୁ କହିଥିଲେ।

ଅପରପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଭିତ୍ତିଭୂମି, ଶିଳ୍ପ, କୃଷି ଭଳି ପ୍ରମୁଖ ଦିଗରେ ସଫଳତା ପାଇବାକୁ ଯେଉଁ ପ୍ରକ୍ରିୟା ଜାରି ରହିଛି, ତାହା ଆମେ ଆରମ୍ଭ କରିସାରିଛୁ। ବିଶେଷକରି ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରେ ମଧ୍ୟ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ। ଆମ ପାଖରେ ଲକ୍ଷ୍ୟ ସ୍ଥିର ଅଛି। ୨୦୩୬ ସୁଦ୍ଧା ପଏଣ୍ଟ ୫ ଟ୍ରିଲିୟନ ୟୁଏସ୍‌ଡି ଅର୍ଥନୀତି ପାଇଁ ଲକ୍ଷ୍ୟ ରଖାଯାଇଛି। ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ, ଓଡ଼ିଶାର ଅର୍ଥନୀତି ଉତ୍କୃଷ୍ଟ। ନୀତି ଆୟୋଗର ତଥ୍ୟ ଅନୁସାରେ ଓଡ଼ିଶା ବିକାଶ କରୁଛି। ଓଡ଼ିଶାରେ ବିକାଶର ସମ୍ଭାବନା ଅଛି। ଓଡ଼ିଶାରେ ମାତ୍ର ବ୍ୟାଙ୍କିଙ୍ଗ୍ ସେବାରେ ଅଗ୍ରଗତି ଆବଶ୍ୟକ ରହିଛି। ଆଇସିସି ପକ୍ଷରୁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବାର ମୁଖ୍ୟ ଯୋଗଦେବା ଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଅଗ୍ରଗତି ଆସିପାରିବ ବୋଲି ସେ କହିଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ, ଆସନ୍ତା ୫ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢ଼ାଇବାକୁ ଯୋଜନା ରଖାଯାଇଛି। ୩୦ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାକୁ ଆଗ୍ରହ ରହିଛି। ଅର୍ବାନାଇଜେଶନ ଡେଭେଲପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲାଗୁଡ଼ିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ପାଇଁ ପୂରା ଓଡ଼ିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି। ବିକଶିତ ଓଡ଼ିଶା ପାଇଁ ମୋଟ ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଇଛି। ପ୍ରସ୍‌ପରିଟି ବା ରାଜ୍ୟର ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଅର୍ଥାତ୍ ସାମଗ୍ରିକ ବିକାଶର ଲକ୍ଷ୍ୟ, କେବଳ ସମୃଦ୍ଧି ଗୋଟିଏ ଜିଲା ବା ସହରରେ ନୁହେଁ, ପୂରା ରାଜ୍ୟରେ ବିକାଶ ନିରନ୍ତର ଭାବେ ହେବ। ପରିଶେଷରେ ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଇସିସି ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣ ଯାହା ଆଶା କରିଛନ୍ତି ଆଜି ତାହା ସୁବିଧାରେ ପାଇଯିବେ । ଅଶ୍ୱିନୀ ନକ୍ଷତ୍ର ସକାଶେ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ସମସ୍ୟାଯୁକ୍ତ ରହିବ। କେତେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ କାମକୁ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ହାସଲ କରିପାରିବେ।

**ବୃଷ** – ପରିସ୍ଥିତି ଯାହା ହୋଇଥାଉନା କାହିଁକି, ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କୃତ୍ତିକା ନକ୍ଷତ୍ରର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ** – ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ବଢ଼ିଚାଲିବ। ମୃଗଶିରା ନକ୍ଷତ୍ର ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବହନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତମାନର ରହିବ।

**କର୍କଟ** – ଧନାଧିପ ରବି କର୍ମଭାବସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସାନିଧ୍ୟ ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ଘଟିବ। ପୁନର୍ବସୁ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନାହିଁ। ଦ୍ୱାଦଶସ୍ଥାନ ପ୍ରତି ଶନିଙ୍କ ଦୃଷ୍ଟି ହେତୁ ଅର୍ଥହାନି ଘଟିପାରେ। ଭୁଲ୍ ବୁଝାମଣାଜନିତ ବନ୍ଧୁଙ୍କ ଉପରେ କ୍ରୋଧଜନିତ ଅନର୍ଥ ଓ ଶତ୍ରୁତାର ଆଶଙ୍କା ରହିଛି।

**ସିଂହ** – ରବିଙ୍କ ପ୍ରସାଦରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ମଘା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ସ୍ଥିତି ମଧ୍ୟମ ପ୍ରକାର ରହିବ।

**କନ୍ୟା** – ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** – ବୃହସ୍ପତିଙ୍କ ବିପରୀତ ରାଜଯୋଗ ପ୍ରଭାବରେ ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ ସଫଳତାପ୍ରାପ୍ତ ହେବ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟରେ ସମସ୍ୟା ବିଳମ୍ବରେ ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇପାରିବେ।

**ବିଛା** – ଆଜି ଅଷ୍ଟମାଧିପତି ଦ୍ୱିତୀୟସ୍ଥ ଯୋଗୁ ବିବାଦୀୟ କଥାରେ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଅନୁରାଧା ନକ୍ଷତ୍ରର କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବାଣିଜ୍ୟ ଓ ପରିବହନରେ ଉନ୍ନତି ସୂଚନା ରହିଛି। କଳା, ସାହିତ୍ୟ ସଙ୍ଗୀତ ଓ ଷ୍ଟେଶନାରି ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ।

**ଧନୁ** – ଚତୁର୍ଥ ଭାବସ୍ଥ ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ନିକଟସ୍ଥ ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର** – ଆଜି କଲ୍ୟାଣଚନ୍ଦ୍ର ଯୋଗୁ ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ କାରବାର, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତି ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ** – ଆଜି ଯେତେ ଭଲ କାମ କଲେ ମଧ୍ୟ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହେବେ। ଧନିଷ୍ଠା ନକ୍ଷତ୍ର ଜଣେ ବନ୍ଧୁଙ୍କୁ ଅନୁରୋଧକରି ସମସ୍ୟା ସମାଧାନର ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ** – ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କର୍ମ ଭିତିରେ ଗୁରୁଦାୟିତ୍ୱ ବହନ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ଏପ୍ରିଲ ୨୦ତାରିଖ, ଇଷ୍ଟର ରବିବାର, ବୈଶାଖ କୃଷ୍ଣ ସପ୍ତମୀ ରବିବାର। ରାଶି ନକ୍ଷତ୍ର- ଦିବା ଘ.୧୧।୪୭ ମି. ଗତେ ଉତ୍ତରାଷାଢ଼ା/ ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୮ ଗତେ, ଘ.୦୯।୪୦ ମଧ୍ୟେ , ଘ.୦୧।୧୯ ଗତେ, ଘ.୦୧।୫୧ ମଧ୍ୟେ ଶୁଭ୍ର ଶୁଭ ବେଳା। ଅପରାହ୍ନ ଘ.୦୪।୨୮ ଗତେ, ଘ.୦୬।୦୨ ମଧ୍ୟେ ରାହୁକାଳ।

# ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ଚାରାରୋପଣ ଲକ୍ଷ୍ୟ






ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ନିକଟରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା) ପକ୍ଷରୁ ଶନିବାର ଆୟୋଜିତ ହେନ୍ତାଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନେ।

ଦେବୀ ମୁହାଁଣରେ ଅତିଥିମାନେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରା ରୋପଣ କରୁଛନ୍ତି।

**କାକଟପୁର/ଅସ୍ତରଙ୍ଗ,୧୯।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

- **ଧରିତ୍ରୀ ପକ୍ଷରୁ ଓପ୍‌ସାକୁ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା**
- **ବିପର୍ଯ୍ୟୟକୁ ସାମ୍ନା କରିବ ହେନ୍ତାଳ ବଣ**

ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା), ଅସ୍ତରଙ୍ଗ ସବୁଜ ଶାଖା ଏବଂ 'ଧରିତ୍ରୀ' ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ବିଚିତ୍ରାନନ୍ଦ ବିଶ୍ୱାଳ, ଚାରୁଲତା ବିଶ୍ୱାଳ, ସବୁଜ ଶାଖା ସଭାପତି ରମାକାନ୍ତ ବଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ୨୦୩୦ ସୁଦ୍ଧା ୧୦ ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ପ୍ରୟାସ ଜାରି ରହିବ ବୋଲି ଯୁବ ପରିବେଶବିତ୍ ବିଶ୍ୱାଳ କହିଛନ୍ତି। ୧୦ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ଓପ୍‌ସାର ଏହି ମହତ୍ ଲକ୍ଷ୍ୟ ଲାଗି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା ଦେଖାଯାଉଛି। ବର୍ଷାଦିନେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବାରୁ ଜଳବାୟୁରେ ଅସମାନତା ସୃଷ୍ଟି ହେଉଛି। ଏହାର କାରଣ ନିରାକରଣ ପାଇଁ ବିଶ୍ୱର ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ସୃଷ୍ଟିହୋଇ ୩ଶହ କି.ମି. ପର୍ଯ୍ୟନ୍ତ ପବନ ମଧ୍ୟ ଅତୀତରେ ବହିଛି। ୧୯୯୯ ମହାବତ୍ୟା, ୨୦୧୩ ଫାଇଲିନ୍, ୨୦୧୪ ହୁଦହୁଦ୍, ୨୦୧୮ ତିତ୍‌ଲି, ୨୦୧୯ ଫନୀ ଭଳି ସାମୁଦ୍ରିକ ବାତ୍ୟାରେ ଉପକୂଳ ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରଚୁର ପରିମାଣରେ ହେନ୍ତାଳ ଜଙ୍ଗଲ ଆବଶ୍ୟକ। ଏହି ଗଛ ଉପକୂଳ ଅଞ୍ଚଳରେ ସୁରକ୍ଷା ପାଚେରି ଭାବେ ଉଭା ହେବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସମ୍ପ୍ରତି ସବୁଜ ଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ହେତୁ ପୃଥିବୀ ପୃଷ୍ଠରେ ଉତ୍ତାପ ବୃଦ୍ଧି ଘଟୁଛି, ଯାହା ଜଳବାୟୁରେ ଘୋର ଅନିୟମିତତାର କାରଣ ହେଉଛି। ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ ବାତ୍ୟା ହୋଇଥିଲା। ଏହିଭଳି ସାମୁଦ୍ରିକ ଝଡ଼ର ସଂଖ୍ୟା ବୃଦ୍ଧି ପାଉଥିବାରୁ ସମୁଦ୍ର ତଟରେ ଲୁଣା ଜଙ୍ଗଲର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ଧରିତ୍ରୀ ସମ୍ପାଦକ ତଥାଗତ କହିଛନ୍ତି। ଅନୁଧ୍ୟାନରୁ ଜଣାଯାଇଛି, ଭିତରକନିକାରେ ଲୁଣା ଜଙ୍ଗଲ ହେତୁ ଏକ ବିସ୍ତୃତ ଅଞ୍ଚଳ ୧୯୯୯ ମହାବାତ୍ୟା ପ୍ରକୋପରୁ କେତେକାଂଶ ରକ୍ଷା ପାଇବାରେ ସମର୍ଥ ହୋଇଥିଲା। ସାମୁଦ୍ରିକ ଝଡ଼ରୁ ସୁରକ୍ଷାଦେବା ସହିତ ଲୁଣା ଜଙ୍ଗଲର ଅନେକ ବିଶେଷତା ରହିଛି। ଏହା ଜୈବବିବିଧତାର ଗନ୍ତାଘର। ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ, ଶୈବାଳ, ପ୍ଲାଙ୍କଟନ ଠାରୁ ଆରମ୍ଭ କରି ଅନେକ ପ୍ରଜାତିର ମତ୍ସ୍ୟ, ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ, ଜାତିଜାତିକା ପକ୍ଷୀ ବାସ କରନ୍ତି। ଲୁଣା ଜଙ୍ଗଲ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦିର ଅନ୍ତୁଡ଼ିଶାଳ ରୂପେ ପରିଗଣିତ। ଲୁଣା ଜଙ୍ଗଲର ଚେରରେ ସାମୁଦ୍ରିକ ଜୀବର ଶାବକମାନେ ଲୁଚିରହି ତତ୍‌ସଂଲଗ୍ନ କାଦୁଆଭୂମିରୁ ସେମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ବଡ଼ ହେଲେ ଏହି ଜୀବଜନ୍ତୁମାନେ ସମୁଦ୍ର ଗର୍ଭକୁ ଚାଲିଯାଆନ୍ତି। ଏଥିପାଇଁ ଲୁଣା ଜଙ୍ଗଲର ଅବସ୍ଥିତି ସାମୁଦ୍ରିକ ପରିସଂସ୍ଥାନ ପାଇଁ ଅତ୍ୟନ୍ତ ଅନିର୍ବାର୍ଯ୍ୟ। ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପକୁ ଶୋଷିବାରେ ଅନ୍ୟ ଜଙ୍ଗଲ ତୁଳନାରେ ଲୁଣା ଜଙ୍ଗଲ ଅଧିକ ସମର୍ଥ। ଏହି ସବୁ କାରଣରୁ ଲୁଣା ଜଙ୍ଗଲର ସୃଷ୍ଟି, ସୁରକ୍ଷା ଏବଂ ସମୃଦ୍ଧି ଏକାନ୍ତ କାମ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଅପରାହ୍ନରେ ଉପସ୍ଥିତ ଅତିଥି, ସ୍ଥାନୀୟ ଅଞ୍ଚଳ ମହିଳା, ଯୁବ ବନ୍ଧୁମାନେ ଭଉଁରିଆ ବ୍ରିଜ ଠାରୁ ଦେବୀ ମୁହାଣ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରାରୋପଣ କରିଛନ୍ତି।

## ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମାପନ

**ତାଳଚେର,୧୯।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ସୁପ୍ରସିଦ୍ଧ ଶୀତୁଳା ଯାତ୍ରା ଶନିବାର ସମାପନ ହୋଇଛି। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଳମକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଆଳମକୁ ଉଭାସ୍ଥଳୀକୁ ଶୋଭାଯାତ୍ରାରେ ନିଆଯାଇ ରୀତିନୀତି ଅନୁଯାୟୀ ପୂଜା ସହ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ମା' ହିଙ୍ଗୁଳାଙ୍କ ଏହି ବାର୍ଷିକ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ତଦନ୍ତ ଆରମ୍ଭ

**ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ ଥିବା ଶୁକ୍ରବାର ଜଣାପଡ଼ିଥିଲା। ଶନିବାର ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ଉକ୍ତ ନାବାଳିକାଙ୍କୁ ରାୟଗଡ଼ା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି। ଏହାପରେ କମିଟି ତଦନ୍ତ ଆରମ୍ଭ କରିଛି। ଦୀର୍ଘ ସମୟ ଧରି ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରାଯାଇଥିଲା।

# ଶିକ୍ଷା ଢାଞ୍ଚାରେ ଏଆଇ ଅନ୍ତର୍ଭୁକ୍ତୀକରଣ ଗୁରୁତ୍ୱପୂର୍ଣ୍ଣ

**ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ**

**ସମ୍ବଲପୁର ଆଇଆଇଏମ୍ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୬୦% ଛାତ୍ରୀ ଶୁଭଙ୍କର**




ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଙ୍କ ସହିତ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରୀଛାତ୍ର।

**ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)**

ଆଇଆଇଏମ୍ ସମ୍ବଲପୁରର ଶିକ୍ଷା ଢାଞ୍ଚାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଅନ୍ତର୍ଭୁକ୍ତୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫଳରେ ଏହି ଶିକ୍ଷାନୁଷ୍ଠାନ ନବସୃଜନ, ସଚ୍ଚୋଟତା ଏବଂ ସାମଗ୍ରିକତାର ମୂଲ୍ୟବୋଧକୁ ବଜାୟ ରଖି ଖ୍ୟାତି ଅର୍ଜନ କରି ପାରିଛି। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଏହା କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ପ୍ରମୁଖ ସଚିବ ଡ. ମିଶ୍ର ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ କହିଥିଲେ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଂରକ୍ଷଣ ନେଇ ଦାବି ହୋଇଆସୁଛି। ହେଲେ ଆଇଆଇଏମ୍ ସମ୍ବଲପୁରରେ ମୋଟ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରୀଙ୍କ ଅନୁପାତ ୬୦ପ୍ରତିଶତ, ତାହାପୁଣି ବିନା କୌଣସି ସଂରକ୍ଷଣରେ। କେବଳ ଯୋଗ୍ୟତାଭିତ୍ତିରେ ଏଠାରେ ଅଧିକ ସଂଖ୍ୟକ ଛାତ୍ରୀ ଅଧ୍ୟୟନ କରିବା ଅତ୍ୟନ୍ତ ଶୁଭଙ୍କର। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ସେ ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରକୁ ପ୍ରଶଂସା କରିଥିଲେ। ଏହା ଆଞ୍ଚଳିକ ବିକାଶରେ ବିଶେଷ ସହାୟକ ହେବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ତଥା ନବସୃଜନର ପ୍ରୟୋଗ ମାଧ୍ୟମରେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିରେ ଛାତ୍ରୀଛାତ୍ରମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ଆଗାମୀ ଦୁଇ ତିନି ଦଶନ୍ଧି ଛାତ୍ରୀଛାତ୍ରଙ୍କ ସହିତ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଡ. ମିଶ୍ର କହିଥିଲେ, କୋଭିଡ୍ ପରବର୍ତ୍ତୀ ସମୟରେ ଜଟିଳ ଆନ୍ତଃରାଷ୍ଟ୍ରୀୟ ସମ୍ପର୍କ ଉଭୟ ଅର୍ଥନୀତି ଓ ରାଜନୀତିକୁ ପ୍ରଭାବିତ କରିଛି। ନିକଟରେ ଆମେରିକା ଦ୍ୱାରା ଲାଗୁ ପାରସ୍ପରିକ ଶୁଳ୍କ ବିଶ୍ୱ ଅର୍ଥନୀତିକୁ ସୁଦୂରପ୍ରସାରୀ ପ୍ରଭାବିତ କରିବ। ତେଣୁ ଗୋଟିଏ ପଟେ ବ୍ୟାପକ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ସମ୍ପର୍କ ଓ ଅନ୍ୟପଟେ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ ବିକାଶ ମଧ୍ୟରେ ଭାରତକୁ ନିଜର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଶ୍ୱ ମାନଚିତ୍ରରେ ଭାରତ ଏବେ ମର୍ଯ୍ୟାଦାଜନକ ସ୍ଥାନ ହାସଲ କରିଛି। କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି, ଯୁବ ଜନସଂଖ୍ୟା, ଉନ୍ନତ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳ ଭାରତର ସ୍ଥିତିକୁ ବିଶ୍ୱ ପ୍ରେକ୍ଷାପଟରେ ସୁଦୃଢ଼ କରିବାର ସକ୍ଷମ ହୋଇଛି। ଭାରତକୁ ବାର୍ଷିକ ୮-୧୦ ମିଲିୟନ୍ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ଦ୍ୱାରା ଘରୋଇ ଶିଳ୍ପରେ ଦକ୍ଷ ଯୁବତୀ ଯୁବକଙ୍କ ପାଇଁ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସଫଳତା ପାଇଁ କେବଳ ବୈଷୟିକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ। ବ୍ୟକ୍ତିଗତ ପ୍ରଜ୍ଞା ବା ଦକ୍ଷତା ଅପେକ୍ଷା ସାମୂହିକ ଭାବେ କାର୍ଯ୍ୟ କରିବାର ଦକ୍ଷତା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ନାନ୍ସର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରା। ଦ୍ରୁତ ବିକାଶଶୀଳ ଜଗତରେ ଛାତ୍ରୀଛାତ୍ରଙ୍କୁ ଉଭୟ ସୁଯୋଗ ଓ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ମାତ୍ର ଜ୍ଞାନ ଏବଂ ଦକ୍ଷତା ବଳରେ ଏଭଳି ଯେକୌଣସି ପ୍ରତିବନ୍ଧକକୁ ମୁକାବିଲା କରିବାକୁ ସେମାନେ ସକ୍ଷମ ବୋଲି କହିଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣରେ କହିଥିଲେ, ପ୍ରଥମ ଥର ପାଇଁ ଏହି ଶିକ୍ଷାନୁଷ୍ଠାନରେ ଏମ୍‌ବିଏ, ଏକଜିକ୍ୟୁଟିଭ୍ ଏମ୍‌ବିଏ, ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ, ପିଏଚ୍‌ଡି ଓ ପିଏଚ୍‌ଡି ଫର୍ ୱାର୍କିଂ ପ୍ରଫେସନାଲ୍ସ ଆଦି ୫ଟି ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଡିଗ୍ରୀ ହାସଲ କରିଛନ୍ତି। ଏହି ଅନୁଷ୍ଠାନର ୧୦ମ ବର୍ଷ ପୂର୍ତ୍ତି ଅବସରରେ ୬୦ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଭାରତରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି କ୍ୟାମ୍ପସ ନିଯୁକ୍ତିରେ ପ୍ୟାକେଜ ମଧ୍ୟ ୩୦ ପ୍ରତିଶତ ବୃଦ୍ଧିରେ ନିଯୁକ୍ତି ମିଳିବା ଏକ ଉଲ୍ଲେଖନୀୟ ଘଟଣା। ଉତ୍ସବରେ ବୋଷ୍ଟନ କନସଲଟିଂ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅମୃତ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ୩୧୩ ଜଣ ଏମ୍‌ବିଏ, ୩୮ ଜଣ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ, ୧୦ ଜଣ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ, ୬ ଜଣ ପିଏଚ୍‌ଡି ସ୍କଲାରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାଗତ ଉତ୍କର୍ଷ ହାସଲ କରିଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଜୀବନଗଲା

**ରାଇରଙ୍ଗପୁର,୧୯।୪(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଦା ଗ୍ରାମ ରାଖାସାହି ବସ୍ତି ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଖାସାହି ବସ୍ତି ଅଞ୍ଚଳର ସତ୍ୟ ଗିରି(୫୮)। ପ୍ରକାଶ ଯେ, ସତ୍ୟ ତାଙ୍କ ବାସଗୃହ ପାର୍ଶ୍ୱ ଗୁହାଳ ଘର ନିକଟରେ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରିଛି। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।






## ଅଂଶୁଘାତରେ ମହିଳା ଚାଷୀଙ୍କ ମୃତ୍ୟୁ ସନ୍ଦେହ

**ଛେଣ୍ଡିପଦା,୧୯।୪ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିର ମହିଳା ଚାଷୀ ଅଇଁଠା ବେହେରାଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହିଳା ଚାଷୀ ଅଇଁଠା ବଗିଚାରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। ଏହାଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମା' ତାରିଣୀଙ୍କ ଦର୍ଶନକଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ପୂଜକମାନେ ସ୍ୱାଗତ କରୁଛନ୍ତି।

**କେନ୍ଦୁଝର/ଘଟଗାଁ,୧୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ୩ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଏହି ଅବସରରେ ଶନିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ କରିଛନ୍ତି। ଧର୍ମପତ୍ନୀଙ୍କ ସହ ସେ ତାରିଣୀ ମନ୍ଦିରରେ ପହଞ୍ଚିବା ପରେ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସପରିବାର ଦର୍ଶନ କରାଇବାରେ ସହଯୋଗ କରାଯାଇଥିଲା। ପ୍ରମୁଖ ସଚିବ ଦାସ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମା'ତାରିଣୀଙ୍କ ଧାନରେ ନିର୍ମିତ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ଦର୍ଶନ ନେଇ ବହୁ ଦିନରୁ ଅଭିଳାଷା ଥିଲା। ସେ ନେଇ ଆଜି ଆସି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କଲେ ବୋଲି ଦର୍ଶନ ପରେ ପ୍ରମୁଖ ସଚିବ ଦାସ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏହି ସମୟରେ ଜିଲାପାଳ ବିଶାଳ ସିଂହ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।


## କେଶରୀକୁଣ୍ଡକୁ ନିଷିଦ୍ଧାଞ୍ଚଳ ଘୋଷଣାକଲା ପ୍ରଶାସନ

**ଚମ୍ପୁଆ,୧୯।୪(ମହେଶ୍ୱର ଦାସ)**

**ବୈତରଣୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ଗ୍ରାମର କେଶରୀକୁଣ୍ଡରେ ଶୁକ୍ରବାର ୨ ଜଣ ଛାତ୍ର ଗାଧୋଇବାକୁ ଯାଇ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନକୁ ଶନିବାର ଉପଜିଲାପାଳ ଉମାକାନ୍ତ ପରିଡ଼ା ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏନେଇ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଉପଜିଲାପାଳଙ୍କ ସମେତ ଚମ୍ପୁଆ ଥାନା ଅଧିକାରୀ ଦେବକୀ ନାୟକ, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ଓ ଚମ୍ପୁଆ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ପ୍ରମୁଖ ଦୁର୍ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିଥିଲେ। ବୁଡ଼ିଯାଇଥିବା ଉଭୟ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରିଥିବା ସ୍ଥାନୀୟ ଅଧିବାସୀ ଦଶରୁ ନାଏକଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଘଟଣା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ସ୍ଥାନରେ ସର୍ବସାଧାରଣ ଯାତାୟାତ ବନ୍ଦ ନିମନ୍ତେ ଟ୍ରେଞ୍ଚ୍ ଖୋଳିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା ଓ ସୂଚନା ପ୍ରଦାନ ପାଇଁ କରଞ୍ଜିଆ ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥି ସହିତ ଉକ୍ତ ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଗଲା ବୋଲି ସୂଚନା ଫଳକ ଲଗାଇବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଚମ୍ପୁଆ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ପରିଡା ସୂଚନା ଦେଇଛନ୍ତି।



ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ



**ଭୁବନେଶ୍ୱର,୧୯।୪(ସୁନିତ୍ ମିଶ୍ର)**

**ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ଉପରେ ଗୁରୁତ୍ୱ**

ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ ପୁଜୋଲ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି। ସ୍ପେନ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସ୍ପେନ୍ ରାଷ୍ଟ୍ରଦୂତ କହିଛନ୍ତି, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡ଼ିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣାପଡ଼ିଛି, ୨ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂସ୍କୃତି କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିଷ୍ଠିକ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘରେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତତ୍ତ୍ୱ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# ଚାଇନା ଆଗକୁ ବଢ଼ୁଛି



ଆକାର ପଟେଲ

ଚାଇନା ଆଗାମୀ କିଛିବର୍ଷ ମଧ୍ୟରେ, ସମ୍ଭବତଃ ୨୦୩୫ ସୁଦ୍ଧା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବ। ଏହାର ମୋଟ ଘରୋଇ ଉତ୍ପାଦ(ଜିଡିପି) ସେତେବେଳକୁ ଆମେରିକାଠାରୁ ଅଧିକ ହୋଇଯିବ। ଏହା ଆମେରିକା ପାଇଁ ଗ୍ରହଣୀୟ ହେଉନାହିଁ, କାରଣ ବିଗତ ଶତାବ୍ଦୀରେ ଏହା ବିଶ୍ୱ ଶକ୍ତି ଭାବେ ପ୍ରାଧାନ୍ୟ ବିସ୍ତାର କରିଆସିଛି ଏବଂ ଏହା ମୁଖ୍ୟତଃ ତାହାର ଅର୍ଥ ବ୍ୟବସ୍ଥା ଯୋଗୁ ହୋଇପାରିଛି। ଏହା ଏବେ ୧ ନମ୍ବରରୁ ୨ ନମ୍ବର ଆଡ଼କୁ ଯାଉଥିବା ଆମେ ସ୍ପଷ୍ଟଭାବେ ଦେଖିପାରୁଛୁ। ତାହା ଚାଇନାର ପ୍ରଗତିରେ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧକୁ ଘଟିବାକୁ ଯାଉଛି। ପାଶ୍ଚାତ୍ୟ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାରେ ଉପନିବେଶବାଦ ମାଧ୍ୟମରେ ସିଧାସଳଖ ଶାସନ କରୁଥିଲେ। ଏବେ କିନ୍ତୁ ସେହି ସ୍ଥାନ ନେଇଛି ଜାତିସଂଘ ସୁରକ୍ଷା ପରିଷଦ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ। ଭଳି ଗୋଷ୍ଠୀଗୁଡ଼ିକ ମଧ୍ୟ କାର୍ଯ୍ୟରେ ସମସ୍ତ ରକ୍ଷା କରିବା ପାଇଁ ବ୍ୟବହାର କରାଯାଉଛି। ଅଷ୍ଟାଦଶ ଶତାବ୍ଦୀରେ ଭାରତ ଓ ଚାଇନା ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଥିଲେ। ସେତେବେଳେ ଜାତୀୟ ଉତ୍ପାଦକତା ଓ ଜିଡିପି ଲୋକଙ୍କ ଉପରେ ନିର୍ଭର କରୁଥିଲା ଏବଂ ଅଧିକାଂଶ ଲୋକ କୃଷିକ୍ଷେତ୍ରରେ ଥିଲେ। କିନ୍ତୁ ଶିଳ୍ପ ବିପ୍ଳବ ତାହାକୁ ପରିବର୍ତ୍ତନ କରିଦେଲା ଏବଂ ଉତ୍ପାଦକତା ମାନବ ଶ୍ରମ ଉପଯୋଗରୁ ଦୂରେଇଯିବା ଆରମ୍ଭକଲା। ତେବେ ୧୮୦୦ ଦଶନ୍ଧିରୁ ଏଯାବତ୍ ପାଶ୍ଚାତ୍ୟ ସବୁବେଳେ ପ୍ରଯୁକ୍ତିଗତ ପରିବର୍ତ୍ତନରେ ଆଗରେ ରହିଆସିଥିଲା। କିନ୍ତୁ ଚାଇନା ଏବେ ସେଥିରେ ସାମିଲ ହୋଇଯାଇଛି। ଚାଇନା ଖୁବ୍‌ଶୀଘ୍ର ତାକୁ ଟପିଯିବ। ଜାନୁଆରୀ ୨୦୨୩ରେ ସିଟିଗ୍ରୁପ୍ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ଚାଇନାର ଜିଡିପି କେବେ ଆମେରିକାକୁ ଟପିବ?' ଶେଷରେ ଦର୍ଶାଇଥିଲା ଯେ, ୨୦୩୦ ଦଶକ ମଧ୍ୟରେ ଯେକୌଣସି ସମୟରେ ସମ୍ଭବତଃ ଏହି ଦଶନ୍ଧିର ମଧ୍ୟଭାଗରେ ଏହା ହୋଇପାରେ। ଅଧିକାଂଶ କ୍ଷେତ୍ରରେ ଏହା ଘଟିସାରିଲାଣି। ଚାଇନା ଆଗକୁ ବଢ଼ିବାରେ ଲାଗିଛି। ଚାଇନାର ନେଭି ପାଖରେ ଆମେରିକା ନେଭିଠାରୁ ଅଧିକ ଯୁଦ୍ଧଜାହାଜ ଅଛି। ଚାଇନା ପୃଥକ୍ ତଥା ସ୍ୱାଧୀନ ଭାବେ ଏକ ମହାକାଶ କେନ୍ଦ୍ର ଚଳାଉଛି। ଏହା ଆମେରିକା, ରୁଷିଆ ନେତୃତ୍ୱରେ ଚାଲୁଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ହଂକଂ ସମେତ ଚାଇନା ୪୭ଟି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥିରେ ଆମେରିକା ୪୦ଟି ସ୍ୱର୍ଣ୍ଣ ଜିତିଥିଲା। ଏପରିକି ବୃହତ୍ତମ ଅର୍ଥ ବ୍ୟବସ୍ଥା ଭାବେ ବାଣିଜ୍ୟ ପୃଷ୍ଠଭୂମି ଚାଇନା ତାର ଦଶନ୍ଧିରେ ବିଶ୍ୱରେ ବୃହତ୍ତମ ଭିତ୍ତିଭୂମି ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ)କୁ ଦୃଢ଼ କରିଛି। ଚାଇନା ଏବେ ୧୨୦ଟ ଦେଶ ପାଇ ସବୁଠୁ ବଡ଼ ବାଣିଜ୍ୟକ ଭାଗୀଦାର ହୋଇପାରିଛି, ଅପରପଟେ ଆମେରିକା ୭୦ଟି ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଛି।

ସିଟିଗ୍ରୁପ୍ ଭଳି ଅନେକ ଆଭ୍ୟନ୍ତରୀଣ ରିପୋର୍ଟ ରାଷ୍ଟ୍ରପତି ଓବାମା, ଟ୍ରମ୍ପଙ୍କ ପ୍ରଥମ ପାଳି ଓ ପରେ ବାଇଡେନ୍‌ଙ୍କ ପ୍ରଶାସନ ଉପରେ ସମୀକ୍ଷା କରିଛନ୍ତି। ଏସବୁରେ ଦର୍ଶାଯାଇଛି ଯେ, ସେମାନେ ସମସ୍ତେ ଚାଇନାକୁ ପଙ୍ଗୁ କରିଦେବାକୁ ଚେଷ୍ଟା କରିଛନ୍ତି। ପ୍ରଥମେ ଆମେରିକାରେ ଡିଜାଇନ୍ କରାଯାଇଥିବା ତାଇୱାନ୍ ନିର୍ମିତ ସେମିକଣ୍ଡକ୍ଟର ଚିପ୍ସ ଯୋଗାଣ ଉପରେ କଟକଣା ଲଗାଇ ଏହା କରିବାକୁ ପ୍ରୟାସ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟ ସୁରକ୍ଷିତ ରଖିବା। ଏହା କାମ ଦେଲାନାହିଁ। ଚାଇନାର କମ୍ପାନୀ ଡିପ୍‌ସିକ୍ ଆକର୍ଷକ ଏଆଇ ପ୍ରସ୍ତୁତକରି ବିଶ୍ୱକୁ ଦେଖାଇଦେଲା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ଏକଚାଟିଆ ପଦକ୍ଷେପରେ ଏହା ବାଧକ ସାଜିଛି। ଚାଇନାର ବହୁରାଷ୍ଟ୍ରୀୟ ଟେକ୍‌ନୋଲୋଜି କମ୍ପାନୀ ହୁଆୱେକୁ ୨୦୧୯ରେ ପାଶ୍ଚାତ୍ୟ ନିଷିଦ୍ଧ କରି ଏହାର ଉତ୍ପାଦ ଉପରେ କଟକଣା ଲାଗୁ କରିଥିଲା। କିନ୍ତୁ ଏହା ଉତ୍ପାଦନ ଜାରି ରଖିଥିଲା। କେତେକ ଆକଳନରୁ ଜଣାପଡ଼ିଛି ଯେ, କିଛିବର୍ଷ ପୂର୍ବରୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଣୀ ତାଇୱାନ୍‌ର ଟିଏସ୍‌ଏମ୍‌ସି ଏବଂ ଡଚ୍ କମ୍ପାନୀ ଏଏସ୍‌ଏମ୍‌ଏଲ୍ ଅତ୍ୟାଧୁନିକ ଚିପ୍ସ ନିର୍ମାଣ କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଆବଶ୍ୟକତା ହେଉଛି ଶିଳ୍ପଭିତ୍ତିକ ଡିଜାଇନ୍ ଓ ମାନୁଫାକ୍‌ଚରିଂ ଏବଂ ଏହି ଦୁଇଟି ବିଷୟରେ ଚାଇନାର କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ପାଶ୍ଚାତ୍ୟ ଓ ତାହାର ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଚେଷ୍ଟା କରୁଛି। ସମ୍ଭବତଃ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଅଲଗା କରିବାର ଏହା ହେଉଛି ସଦ୍ୟ ତଥା ଶେଷ ପ୍ରଚେଷ୍ଟା। ଏହା ଯଦି ବିଫଳ ହୁଏ, ତେବେ ଏକମାତ୍ର ବିକଳ୍ପ ହେବ ସାମରିକ ଶକ୍ତି ପ୍ରୟୋଗ ଏବଂ ଏହା ଉପରେ ୱାଶିଂଟନ୍‌ରେ ଅନୌପଚାରିକ ଭାବେ ଆଲୋଚନା ହେଉଛି।

ଅସଙ୍ଗତ ଭାବେ ୧୪୫ ପ୍ରତିଶତ ଟାରିଫ ବୃଦ୍ଧି କରାଯିବା ପରେ ଚାଇନାର ଜାହାଜଗୁଡ଼ିକ ଆମେରିକାର ବନ୍ଦରଗୁଡ଼ିକରୁ ଫେରିଆସିବାକୁ ଆରମ୍ଭ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ମେ ୨ରେ, ଚାଇନାରୁ ଯାଉଥିବା ୮୦୦ ଡଲାର ତଳେ ଥିବା ପ୍ୟାକେଜ୍‌ଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଛାଡ଼ ବ୍ୟବସ୍ଥା ଶେଷ ହୋଇଯିବ। ସେ ସମୟରେ ବାଣିଜ୍ୟ ବନ୍ଦ ହେବା ସହିତ ଆମେରିକା ଅର୍ଥ ବ୍ୟବସ୍ଥାରେ ପ୍ରଭାବ ଅନୁଭୂତ ହେବ। ହଁ, ଏହା ସତ୍ୟ ଯେ, ଏଥିରେ ଚାଇନାର କ୍ଷତି ହେବ, କିନ୍ତୁ ବେଶି ନୁହେଁ। ତା' ଜିଡିପିର ମାତ୍ର ୨ ପ୍ରତିଶତ ଆମେରିକାକୁ ରପ୍ତାନି ହୁଏ। ଅପରପଟେ ଆମେରିକା ଅଧିକ କ୍ଷତି ସହିବ। ମାର୍କେଟ ନିୟମ ଦର୍ଶାଏ ଯେ, ଯୋଗାଣ ଏହାର ନିଜସ୍ୱ ଚାହିଦା ସୃଷ୍ଟିକରେ। ଅର୍ଥାତ୍ ସାମଗ୍ରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଥିବା ଗୋଟିଏ ଅର୍ଥ ବ୍ୟବସ୍ଥା ଶେଷରେ ତାହାର ଜିନିଷ ବିକ୍ରି କରିବାକୁ ବଜାର ପାଇବ। ଦେଶ ଭିତରେ ମଧ୍ୟ ଏଭଳି ବଜାର ପାଇପାରିବ କାରଣ ଉତ୍ପାଦ ପ୍ରସ୍ତୁତ କରୁଥିବା କର୍ମଚାରୀମାନେ ତାହାକୁ କିଣିପାରିବେ। ଏ ହେଉଛି ଚାଇନା, ଯିଏ ବିଶ୍ୱରେ ସବୁଠୁ ଅଧିକ ସାମଗ୍ରୀ ଉତ୍ପାଦନ କରୁଛି ଏବଂ ଏହା ଏକମାତ୍ର ମାନୁଫାକ୍‌ଚରିଂ ସୁପରପାୱାର। ଆମେରିକା ହେଉଛି ଉପଭୋକ୍ତା। ଯେଉଁ ସାମଗ୍ରୀ ବ୍ୟବହାର କରିବାକୁ ଚାହିଁବ, ତାହାକୁ ଏବେ ଆମେରିକା ଉତ୍ପାଦନ କରିବା ଆରମ୍ଭ କରିବ, ଯାହା ବାସ୍ତବରେ କଠିନ କାର୍ଯ୍ୟ। ଏଥିରେ ସନ୍ଦେହ ରହିଛି ଏବଂ ଏଥିପାଇଁ ଆର୍ଥିକ କ୍ଷତି ସହିବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 4 | 3 |
| | | | | | 2 | | | |
| 4 | 6 | | 9 | 7 | | 2 | | 5 |
| | 1 | | | | 9 | | 7 | 6 |
| | | 3 | | | 5 | | | 2 |
| | | | | 1 | | | | |
| | 9 | | | | | | 2 | |
| 5 | 2 | | | | | | | |
| 6 | | | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 8 | 3 | 9 | 7 | 5 | 6 |
| 7 | 3 | 6 | 4 | 5 | 2 | 8 | 9 | 1 |
| 9 | 8 | 5 | 6 | 7 | 1 | 2 | 3 | 4 |
| 3 | 7 | 9 | 2 | 1 | 6 | 4 | 8 | 5 |
| 6 | 5 | 8 | 9 | 4 | 7 | 3 | 1 | 2 |
| 4 | 1 | 2 | 3 | 8 | 5 | 6 | 7 | 9 |
| 5 | 2 | 7 | 1 | 6 | 8 | 9 | 4 | 3 |
| 1 | 9 | 3 | 7 | 2 | 4 | 5 | 6 | 8 |
| 8 | 6 | 4 | 5 | 9 | 3 | 1 | 2 | 7 |

ଗତକାଲିର ଉତ୍ତର

# ଭଲ ସମୟ କେବେ ଆସିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜ୍ୟରେ ନୂଆ ସରକାର ଆସିବା ପରେ ବାରମ୍ବାର ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଯେଉଁଭଳି ଭାବେ ବିଭିନ୍ନ ଗଣମାଧ୍ୟମରେ ଖବର ପାଲଟିଯାଉଛନ୍ତି, ତାହା ଦେଖି ଲାଗୁଛି ବହୁଦିନ ପରେ ଏକ ଦୁର୍ନୀତିମୁକ୍ତ ସମାଜର ସଂରଚନା କରିବାକୁ ସରକାର ସକ୍ରିୟ ଭାବେ କାମ କରିଚାଲିଛନ୍ତି! ଏମିତି ତ ଲାଗୁଛି ଲାଞ୍ଚ ମିଛ ଅସତ୍ୟ ଅନାଚାର ଓ ଦୁର୍ନୀତି ଦୁରାଚାରଭରା ଦୁର୍ଦ୍ଦିନର ଅବସାନ ଘଟି ଜନଜୀବନକୁ ଭଲ ସମୟ ଆସିଯାଇଛି। ଲକ୍ଷ ଲକ୍ଷ ନଗଦ ଟଙ୍କା, କେଜି କେଜି ସୁନା ଅଳଙ୍କାର, ପାଞ୍ଚଦଶ ବହୁମୂଲ୍ୟ ବିଶିଷ୍ଟ ସୁରମ୍ୟ ପ୍ରାସାଦ, ଦଶଟି ଭିନ୍ନ ଭିନ୍ନ ସ୍ଥାନରେ ଦଶଟି ପ୍ଲଟ୍ ଭଳି ଅକଳନ ସମ୍ପତ୍ତିର ହିସାବତାଲିକା ଦେଖି ସାଧାରଣ ଲୋକଟିର ଆଖି ଖୋସିହୋଇଯାଉଛି। ଅବଶ୍ୟ ଏହା ଭିନ୍ନ କଥା ଯେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଘରେ ଚଢ଼ାଉ ଖବର ଯେଉଁ ତୀବ୍ର ଗତିରେ ସାରା ସମାଜରେ ସଞ୍ଚରିଯାଇଥାଏ, ତାହାର ଶେଷ ଗତି ଅବା ପରିଣାମ ସେଇ ଅନୁପାତରେ ଥାଏ ଅତ୍ୟନ୍ତ ସ୍ୱାଦହୀନ। ସେ ଯାହା ବି ହେଉ ଦୁର୍ନୀତି ନିବାରଣ ବିଭାଗର ଚଢ଼ାଉ ବେଳେ ସମାଜର ପ୍ରତ୍ୟେକ ପ୍ରାନ୍ତରେ ଦୁର୍ନୀତିର ଦୁର୍ଗନ୍ଧ ମଧ୍ୟରେ ନାକ ଚିପି ବଞ୍ଚୁଥିବା ସାଧାରଣ ଲୋକଟିକୁ ଲାଗେ- 'ଭଲ ସମୟ ଆସିଯାଇଛି'!!


ଲାଞ୍ଚ ନେଇ ଅବା ସରକାରୀ ଅର୍ଥ ତୋସରପାତକରି ଥରେ ଅଧେ ଧରା ପଡ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା' ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଲାଞ୍ଚ ଦେଇ ନିଜ କାମ ହାସଲ କରୁଥିବା ଲୋକର ବିବଶତା ଓ ବାଧ୍ୟବାଧକତା। ପ୍ରକୃତରେ ଲାଞ୍ଚ ଦେବି ନାହିଁ ବୋଲି ବଜ୍ର ଶପଥ ନେଇଥିବା ପୁରୁଷଟିଏ ହୋଇ ଜୀବନ ନିର୍ବାହକରିବା ତ୍ୟାଗୀ ତପସ୍ୱୀଙ୍କ ସାଧନାଠୁଁ ବଳି ଆହୁରି କଠୋର, ଅଧିକ କଷ୍ଟକର। ତାଙ୍କ ଆଗରେ ପ୍ରତିପକ୍ଷ ଜଣେ ଲାଞ୍ଚ ମିଛର ଲାଞ୍ଜ ଧରି ଆଶା ବୈତରଣୀ ପାରହୋଇଯାଉଥିବ। ତା'ପାଇଁ ଅପ୍ରାପ୍ୟ ହୋଇ ରହିବ, ଏମିତି କିଛି ଚିଜ ନ ଥିବ ଦୁନିଆରେ। ଥରେ ପଇସା ଫିଙ୍ଗିଲେ ବାଘ ଭଳି ହିଂସ୍ର ପ୍ରାଣୀ ତା' ଦେହରେ ଘଷିହେଉଥିବ। ମୂକଟିଏ ବାଚାଳଙ୍କ ପରି ପ୍ରକାଶ କରୁଥିବ ତ ପଙ୍ଗୁଟିଏ ପର୍ବତ ଡେଇଁଯିବାର ସାମର୍ଥ୍ୟ ରଖୁଥିବ। ମାତ୍ର ସଦାଚାରୀ ଲୋକଙ୍କ ପାଇଁ ଏ ମନ୍ତ୍ର ଚମତ୍କାର ତ ଦୂରର କଥା, ସାଧାରଣ ଭାବେ ସର୍ବନିମ୍ନ ଅଧିକାର ମଧ୍ୟ ଅପ୍ରାପ୍ୟ ହୋଇ ରହିଥିବ ଚିରକାଳ। ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ବଞ୍ଚିରହିବା ଯେମିତି ଲାଞ୍ଚ ବିରୋଧୀଙ୍କ କପାଳଲିଖନ।

ଏମିତି ଜଣେ ସଦାଚାରୀ ସେଦିନ ନିଜ ଆଦର୍ଶକୁ ଅଭିଶାପ ଦେଇ ଅବସୋସ ପ୍ରକାଶ କରୁଥିଲେ। କହୁଥିଲେ,ଜୀବନରେ କେବେ ବି କାହାକୁ ଲାଞ୍ଚ ନ ଦେବାକୁ ବା କାହାଠୁ ଲାଞ୍ଚ ନ ନେବାକୁ ଯେଉଁ ପଣ କରିଥିଲି ସେଥିପାଇଁ ଢେର ମୂଲ୍ୟ ଦେଲିଣି। ଲାଞ୍ଚ ଦେଇ କାମ ହାସଲକରିବା ଭଳି ଆଦର୍ଶକୁ ଆଦରି ନେଇ ମୋର ଜଣେ ସହକର୍ମୀ ଏମିତି କରିତ୍‌କର୍ମା ହୋଇଛନ୍ତି ଯେ ଯେକୌଣସି ସରକାରୀ ଫାଇଲ ତାଙ୍କ ପାଇଁ ପକ୍ଷୀରାଜ ଘୋଡ଼ାର ବେଶ ସାଧାରଣ କରିପାରୁ ଥିଲାବେଳେ ମୋ ଭଳି ଲାଞ୍ଚ ବିଦ୍ୱେଷୀଟି ପାଇଁ ତାହାର ଗତି କଚ୍ଛପଠୁ ଆହୁରି ମନ୍ଥର। ଲାଞ୍ଚ ମିଛର ପ୍ରତିକୂଳ ସ୍ରୋତରେ ପହଁରିବା ଭଳି ମିଥ୍ୟା ଆଦର୍ଶବୋଧକୁ ଆପଣାଇ ମୁଁ ଆଜି ମୋ ପରିବାର ଆଗରେ ଏକ ଅକର୍ମା ପୁରୁଷ।

ସେ ଆହରି କହୁଥିଲେ, ତାଙ୍କ ମନର କଥା- ''ଶୁଣିବାକୁ ମିଠା ଲାଗେ ସାଧୁ ସଚ୍ଚୋଟ ଭଳି ବ୍ୟକ୍ତିତ୍ୱର ବିଶେଷଣମାନ। ମାତ୍ର ସଂସାର ସଡ଼କରେ ବାଟ ଚାଲୁଥିବା ଲୋକଟି ସିନା ଜାଣେ କେତେ କଷ୍ଟକର ଏ ଯାତ୍ରାପଥ! ଏଥର ଆଉ ନୁହେଁ ସାଧୁତା, ସଚ୍ଚୋଟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣିଷର ଆବଶ୍ୟକତା। ସେଇ ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟମାନଙ୍କ ଭଳି ମୋତେ ବି ସେଇ ରାସ୍ତାକୁ ଆପଣାଇବାକୁ ପଡ଼ିବ।''

ବାସ୍, ବାଲ୍ୟକାଳରୁ ପିତାମାତା ବା ପୁସ୍ତକରୁ ଆହରଣ କରାଯାଇଥିବା ସତ୍ୟ ସଦାଚାରର ଜ୍ଞାନ ସେଇ ବାବୁଙ୍କ ବିସ୍ମୃତିରେ ବିଲୀନ ହୋଇଯିବ। ସକଳ ନୀତି ନୈତିକତାକୁ ବିସର୍ଜନ ଦେଇ ଜନ୍ମ ନେବ ସୁରୁଖୁରୁରେ ଜୀବନ ନିର୍ବାହ କରିବାର ଯେତେ ଯାହା ଗଳାବାଟ। ଜୀବନର ଆବଶ୍ୟକତା ସହ ମୂଲଚାଲ ତାଙ୍କୁ ବାଧ୍ୟକରିବ ନୂଆ ଏକ ରାସ୍ତାରେ ଚାଲିବା ପାଇଁ। ଏପଟେ ସଦାଚାରୀ ମଣିଷଙ୍କ ସଂଖ୍ୟାରୁ ଗୋଟିଏ କମିଯିବ ତ ସେପଟେ ଅନୈତିକ ଉପାୟରେ ନେଇଆଣି ଥୋଇପାରୁଥିବା ଲୋକଙ୍କ ତାଲିକାରେ ନୂଆ ନାଆଁଟିଏ ଯୋଡ଼ିହୋଇଯିବ।

ସମାଜକୁ ସୁଧାରିବା ପାଇଁ, ସମାଜରୁ ଅନ୍ୟାୟ ଅନାଚାର ଦୂରିକରିବା ପାଇଁ ଆମ ବ୍ୟବସ୍ଥାରେ ବହୁବିଧ ଯୋଜନା କାର୍ଯ୍ୟ କରୁଛି। ଅନ୍ୟାୟ ଅନାଚାରକୁ



ପ୍ରତିହତ କରିବାକୁ ବହୁବିଧ ଦଣ୍ଡ ବ୍ୟବସ୍ଥା ମଧ୍ୟ ପ୍ରଚଳିତ ଅଛି। ତଥାପି ଏ ସମାଜରୁ ଦୁର୍ନୀତି ଦୁରାଚାର କମୁନାହିଁ କାହିଁକି? ସାଧୁତା, ସତ୍ୟନିଷ୍ଠା ଆଦି ସୁଗୁଣ ମଣିଷ ଭିତରୁ ହଜିଯାଉଛି କାହିଁକି? ଦୁଃସମୟର ଦହନ ଉପରେ ଶୀତଳ ଚନ୍ଦନର ଲେପଦେବା ପାଇଁ ବିଭିନ୍ନ ସମୟରେ ଯେଉଁ ମହାପୁରୁଷମାନେ ଆବିର୍ଭୂତ ହୁଅନ୍ତି, ସେମାନେ ଆଉ ଏ ସଂସାରରେ ଆତଯାତ ହେଉନାହାନ୍ତି କାହିଁକି?

ଏ ସମସ୍ତ ପ୍ରଶ୍ନର ଉତ୍ତରରେ ବହୁବର୍ଷ ତଳେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଏକଦା ଆମ ଦେଶର ଏକ ଉତ୍ତରାଞ୍ଚଳ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା ପ୍ରାୟ ୭ଘଣ୍ଟା କାଳ। ଶେଷରେ ଯେତେବେଳେ ସାକ୍ଷାତ ମିଳିଲା, ବଡ଼ ଆବେଗରେ ସେ କହିଉଠିଲେ- ''ମୁଁ ଜଣେ ସ୍ୱାଧୀନତା ସଂଗ୍ରାମୀ। ଏ ଦେଶର ମୁକ୍ତି ପାଇଁ ମୁଁ ମୋର ବଳ ବୟସ, ସାମର୍ଥ୍ୟ ସମ୍ବଳ ସବୁକିଛି ସମର୍ପିଦେଇଛି। ସ୍ୱାଧୀନତା ପରେ ଆମ ତ୍ୟାଗକୁ ସମ୍ମାନ ଜଣାଇ କୃତଜ୍ଞ ସରକାର ଆମ ପାଇଁ କେଇଟଙ୍କାର ପେନ୍‌ସନ ଖଞ୍ଜିଦେଇଥିଲେ। ସେଇ ପେନ୍‌ସନ ଗଣ୍ଡାକ ହିଁ ଆମ ସଂଗ୍ରାମର ସନ୍ତକ, ଆମ ପରିଣତ ବୟସର ସମ୍ବଳ। ଅଥଚ ସେତକ ପାଇବା ପାଇଁ ବି ଆମକୁ ଲାଞ୍ଚ ଦେବାକୁ ପଡ଼ିବ।''

ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିଯୋଗ ଥିଲା ସେଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଅହଂକାର ଉପରେ ଏକ ପ୍ରଚଣ୍ଡ ପ୍ରହାର। ସେ ବିରକ୍ତିର ସହ କହିଲେ, ''ଅତୀତକୁ ଫେରି ଚାହିଁଲେ ଦେଶ ପ୍ରଗତି ପଥରେ ଆଗେଇପାରିବ ନାହିଁ। ତୁମେ ଯେଉଁ ଦେଶର ମୁକ୍ତି ପାଇଁ ସଂଗ୍ରାମ କରିଥିଲ, ସେଇ ଦେଶର ବିକାଶ ପାଇଁ ଆମେ ଏବେ କମ୍ ପରିଶ୍ରମ କରୁନାହୁଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆମେ ରାତିରେ ଶୋଇପାରୁ ନ ଥିବା ବେଳେ ତୁମର ଏ ମାମୁଲି ଅଭିଯୋଗ ଶୁଣିବାକୁ ଆମର ସମୟ କାହିଁ?'' ରାଜ୍ୟ ମୁଖ୍ୟ ପକେଟରୁ ହଜାରେ ଟଙ୍କା କାଢ଼ି ବୃଦ୍ଧଙ୍କ ହାତକୁ ବଢ଼ାଇଦେଲେ ଓ କହିଲେ- ''ସେଇ ପେନ୍‌ସନ ଅଧିକାରୀଙ୍କୁ ଦୁଇଶହ ଟଙ୍କା ଦେଇ ତୁମ ପେନ୍‌ସନ ନେଇଆସିବ। ବାକି ଆଠଶହ ପାଖରେ ରଖିଥିବ। ଭବିଷ୍ୟତରେ ଆଉ କେଉଁଠି କେହି ଲାଞ୍ଚ ମାଗିଲେ ଏ ଟଙ୍କା ଦେଇ ତୁମ କାମ କରିନେବ। ପୁଣି କେବେ ମୋ ପାଖକୁ ଆସି ମୋ ସମୟ ନଷ୍ଟ କରିବ ନାହିଁ।

ସେଦିନ ସେଇ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଫେରିଆସିଲେ ତାଙ୍କ ସ୍ୱାଧୀନତା ସଂଗ୍ରାମର ମୂଳ ସେତକ ସେଇଠି ଥୋଇ। ଘଟଣାଟି ଘଟିବାର ପ୍ରାୟ ୬୦ ବର୍ଷ ବିତିଗଲାଣି। ଉଭୟ ସ୍ୱାଧୀନତା ସଂଗ୍ରାମୀ ଓ ମୁଖ୍ୟମନ୍ତ୍ରୀ ଦୁହେଁ ଆଉ ଏ ସଂସାରରେ ନାହାନ୍ତି। ମାତ୍ର ପ୍ରଶାସନର ଦୁର୍ନୀତି ଦୁରାଚାର ସେତେବେଳେ ଯାହା ଥିଲା, ଆଜି ତାହା ବଦଳିଯାଇନାହିଁ। କେବଳ ଯାହା ବଦଳିଯାଇଛି ଟଙ୍କାର ପରିମାଣ। ହଜାରଟା ଏବେ ଲକ୍ଷ ହୋଇଯାଇଛି ତ ଅନ୍ୟ କେଉଁଠି କୋଟିଏ। ଏହାକୁ ଦେଖି କୁହାଯାଇପାରେ ଯେ ଭଲ ସମୟ ନିଶ୍ଚୟ ଆସିଛି!!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣୀ, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଗୋପୀନାଥଙ୍କର ସାରସ୍ୱତ କୃତି



ଭାଗ୍ୟଲିପି ମଲ୍ଲ

ଗୋପୀନାଥ ମହାନ୍ତିଙ୍କର ସମଗ୍ର ସୃଷ୍ଟି, ଓଡ଼ିଶାର ମାଟି, ପାଣି, ପବନ ଓ ଆତ୍ମାର ସ୍ପନ୍ଦନରେ ସ୍ପନ୍ଦିତ। ଜୀବନର ଅଧିକ କାଳ ସାରସ୍ୱତ ସାଧନାରେ ବ୍ରତୀ ଏହି ମଣିଷଟି ଓଡ଼ିଆ ଭାଷା ସାହିତ୍ୟକୁ ଚିରନ୍ତନ ବଞ୍ଚାଇ ରଖିବାର ସମର୍ପଣରେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ।

୧୯୪୦ରୁ ୧୯୯୧ ମସିହା ଭିତରେ ଛୋଟବଡ଼ ୨୫ଟି ଉପନ୍ୟାସ, ୧୧ଟି ଗଳ୍ପ ସଂକଳନ, ୨ଟି ଜୀବନୀ, ୪ଟି ନାଟକ, ୬ଟି ଅନୁବାଦ ଗ୍ରନ୍ଥ, ୨ଟି କବିତା, ଆଦିବାସୀ ଭାଷା ଓ ସାହିତ୍ୟ ଉପରେ ୫ଟି ଗବେଷଣାତ୍ମକ ପୁସ୍ତକ ଓ ଇଂଲିଶ୍‌ରେ ୧ଟି ଜୀବନୀ ପୁସ୍ତିକା ତାଙ୍କର ଅମୂଲ୍ୟ ଅବଦାନ। ଆଶ୍ଚର୍ଯ୍ୟ କଥା, ସେ ଇଂଲିଶ୍‌ରେ ଏମ୍‌ଏ ପଢୁଥିବାବେଳେ ୧୬ଟି ପାରିଭାଷିକ ସାହିତ୍ୟକୁ ନେଇ 'କଳାଶକ୍ତି' ନାମକ ଉଚ୍ଚକୋଟୀର ସମାଲୋଚନା ପୁସ୍ତକଟିଏ ଲେଖିଛନ୍ତି। ଏଥିସହିତ କେତେକ ଗ୍ରନ୍ଥ ବାଇବେଲ, କୋରାନ୍‌ର ଅନୁବାଦ, ସ୍ମୃତିଲିପି ଓ ଦସ୍ତାବିଜ ପ୍ରଭୃତି ଉଲ୍ଲେଖନୀୟ। ତାଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ୩ଟି ଭାଗରେ ପ୍ରକାଶ ପାଇଛି, ଯାହା ପ୍ରତ୍ୟେକ ଓଡ଼ିଆଙ୍କର ଜୀବନ ବେଦ। ମଣିଷ ମନର ଅକୁହା କଥା ହୃଦୟର ଗଭୀର ପ୍ରଦେଶରୁ ଛଟପଟ ହେଉଥିବା ଆତ୍ମାର ଉଚ୍ଚାରଣ ସବୁକୁ ବ୍ୟଞ୍ଜନା ମାଧ୍ୟମରେ ଓଡ଼ିଆ ଭାଷାରେ ଖୁବ୍ ସହଜରେ ପ୍ରକାଶ କରିପାରିଛନ୍ତି। ତାଙ୍କର ସମଗ୍ର କାବ୍ୟ ସୌଷ୍ଠବ ତେଣୁ ଅଧିକ ମଞ୍ଜୁଳ ଓ ଆବେଗମୟ।

ଗୋପୀନାଥଙ୍କ ଉପନ୍ୟାସ ସୃଜନଧର୍ମର ଏକ ପରିପ୍ରକାଶ। ୧୯୪୪ରେ ପ୍ରକାଶିତ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୯ରେ ଅମୃତର ସନ୍ତାନ, ୧୯୫୫ରେ ଶିବଭାଇ, ୧୯୬୧ରେ ଅପହଞ୍ଚ, ୧୯୭୬ରେ ବଘେଇ, ୧୯୯୩ରେ ଅନାମ- ଏସବୁ ଆଦିବାସୀମାନଙ୍କ କୁରେଇଫୁଲ ଓ ମହୁଲି ବାସ୍ନାରେ ବାସ୍ନାୟିତ। ବିଶେଷକରି କନ୍ଧ ଓ ପରଜା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା, ସଂଘାତ, ଶୋଷଣ, ଗୋତିପ୍ରଥା ଓ ଅନ୍ୟାୟ ବିରୁଦ୍ଧରେ ହିଂସ୍ର ଆକ୍ରମଣ ପ୍ରଭୃତି ଯେମିତି ଗୋପୀନାଥଙ୍କ ଉପନ୍ୟାସରେ କାଚକେନ୍ଦୁ ପରି ଚକ୍‌ଚକ୍ ଦିଶେ।

୧୯୫୫ରେ ଲିଖିତ ଦାନାପାଣି ଉପନ୍ୟାସରେ ଆଧୁନିକ ସମାଜକୁ ଏକ ନୈତିକଶିକ୍ଷା ଦେଖାଇବାରେ ସଫଳ ହୋଇଛନ୍ତି। ବଳିଦତ୍ତର ଆଧୁନିକ ସମାଜ ପାଇଁ କୃଚ୍ଛ୍ର ଅଭିଳାଷ ଏବଂ ସରୋଜିନୀର ପରୋକ୍ଷ କଟାକ୍ଷ ଦାନାପାଣିକୁ ଦେଇଛି ବାସ୍ତବଜୀବନର ନିଚ୍ଛକ ପ୍ରତିଛବି। ରାହୁର ଛାୟା ଓ ଲୟବିଲୟ ବି ସେମିତି। ମନର ନିଆଁ ପୁଣି କିଛି କହିବାକୁ ଚାହେଁ, ମାତ୍ର କହିପାରେନି। ସବୁ ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ପ୍ରତିପାଦିତ କରେଇବାରେ ଗୋପୀନାଥ ସିଦ୍ଧହସ୍ତ।

୧୯୬୪ରେ ପ୍ରକାଶିତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତାଙ୍କ ମାଟି ମଟାଳ ଏପିକ୍ ଓଡ଼ିଆ ଭାଷା ଭଣ୍ଡାରର ଏକ ଅମୂଲ୍ୟକୀର୍ତ୍ତି। ଏଥିରେ ମାନବବାଦୀ ଦର୍ଶନ ଏବଂ ସାମ୍ୟବାଦୀ ଚିନ୍ତାଧାରା ସହିତ ଆଦର୍ଶ ଗ୍ରାମ୍ୟ ଜୀବନ, ସାମାଜିକ ନ୍ୟାୟକୁ ଗୋପୀନାଥ ଗୁରୁତ୍ୱ ଦେଇଛନ୍ତି। ସମୟସ୍ରୋତରେ ବଦଳିଯାଉଥିବା ମଣିଷର ଅନ୍ତଃପ୍ରକୃତିକୁ କିପରି ସ୍ୱଚ୍ଛ କରାଯାଇପାରିବ- ମାଟି ମଟାଳ ତାହାର

ଜୟନ୍ତୀ ଉପଲକ୍ଷେ



ଏକ ବାସ୍ତବ ପରୀକ୍ଷାଗାର। ବନ୍ଧମୂଳଗାଁର ବଟ ମହାନ୍ତିଙ୍କ ଶିକ୍ଷିତ ପୁଅ ରବି ଏବଂ ରବିର ଗାଁଠାରୁ ଅନତିଦୂରରେ ଥିବା ପାର୍ଟେଲିଗାଁର ସିନ୍ଧୁ ଚୌଧୁରୀଙ୍କ ଯୁବତୀଝିଅ ଛବି, ଗାଁ ଲୋକଙ୍କୁ ବନ୍ୟାଦାଉରୁ ରକ୍ଷା କରିଥିବାର ଉପସ୍ଥାପନା, ଗୋପୀନାଥଙ୍କର ଏକ ଅନନ୍ୟ ସଂସ୍କାରୀ ଉଦ୍ୟମ। ୧୯୪୦-୧୯୪୪ ଭିତରେ କୋରାପୁଟର ଉଚ୍ଚ ପଦବୀରେ ଥାଇ ସରକାରୀ ଜୀବନକାଳ ଭିତରେ ଦାଦିବୁଢ଼ା, ପରଜା, କୁଭିକନ୍ଧ ଭାଷାତତ୍ତ୍ୱ, ଗଦବା ଭାଷାପରିଚୟ, କନ୍ଧ- ପରଜାସ୍ତୋତ୍ର ଓ ସଂଗୀତ ଆଦି ତାଙ୍କୁ ଆଶ୍ଚର୍ଯ୍ୟର ଉଲ୍‌କାପିଣ୍ଡ ଭାବେ ପରିଚିତି ଦେଇପାରିଛି। କୋରାପୁଟର ପାହାଡ଼ିଆ ପବନର ନୀରବ ଗୀତ ଓ ନିଃସଙ୍ଗ ଇଲାକାରେ ଜୀବନ ବଞ୍ଚୁଥିବା ଦାଦିବୁଢ଼ାର ଜୀବନଗାଥା, ଜଣେ ପଢ଼ିଲେ ଅନୁଭବ କରିପାରିବ ଗୋପୀନାଥ କେତେ ନିବିଡ଼ ଭାବରେ ଏମାନଙ୍କ ଭିତରେ ସଞ୍ଚରି ଯାଇଛନ୍ତି। ସେଇ କୋରାପୁଟର ସରଷୁପଦର ଗାଁର ଶୁକ୍ରୁଜାନି, ତା'ର ଦୁଇ ଭେଣ୍ଡିଆ ପୁଅ- ମାଣ୍ଡିଆ ଓ ଟିକ୍ରା, ଦୁଇ ଅଭିଆଡ଼ୀ ଧାଙ୍ଗେଡ଼ୀ ଜିଲି ଆଉ ବିଲିକୁ ନେଇ ପରଜା ଉପନ୍ୟାସର ପରିଧି। ସାହୁକାରମାନଙ୍କର ଯାବତୀୟ ନିର୍ଯାତନାର ସ୍ୱର ଏଥିରେ ଶାଣିତ। ଧନିକମାନଙ୍କ ପାଇଁ ଏକ ତୀକ୍ଷ୍ଣ ସମାଲୋଚନା।

୧୯୪୯ ମସିହାରେ ଗୋପୀନାଥଙ୍କର ଅନ୍ୟ ଏକ ଅନୁପମ ଉପନ୍ୟାସ ଅମୃତର ସନ୍ତାନ। ଏଥିରେ କୋରାପୁଟର ମଣିପାୟୁ ଗାଁର ଆଦିବାସୀ ଜୀବନର ନିଚ୍ଛକ ପ୍ରତିଛବି ପ୍ରତିଫଳିତ। ଏହାକୁ ଏକ ଗୀତିମୟ ଉପନ୍ୟାସ ବି କୁହାଯାଇପାରେ। ଭାଙ୍ଗିପଡୁଥିବା ଜୀବନକୁ ସାଉଁଟି ଆଣି ଜୀବନ ଦେବାରେ ସଫଳ ଗୋପୀନାଥଙ୍କର ଏହାହିଁ ସ୍ୱତନ୍ତ୍ରତା। ଜୀବନକୁ ନେଇ ସେ ଖୁବ୍ ଆଶାବାଦୀ। କହିଛନ୍ତି- ''ଜୀବନରେ ସୁଆଦ ଅଛି। ମରଣ ନାହିଁ। ଦୁଃଖ ନାହିଁ।'' ସତରେ କେତେ ଜୀବନବାଦୀ ମଣିଷଟିଏ! ଜୀବନର ବାସ୍ତବତା ଉପରେ ବିଶ୍ୱାସ ରଖିଥିବା ମଣିଷମାନଙ୍କର ନିରୀହ ଆଖିକୁ ସେ ପଢ଼ିପାରିଛନ୍ତି ଏବଂ ଲେଖିଛନ୍ତି ୧୯୪୮ରେ ହରିଜନ। ଏଥିରେ ହରିଜନ ଝିଅଟିଏ 'ପୁନି'ର ସରଳ ଚାହାଣି ତାଙ୍କ ହୃଦୟକୁ ଖିନ୍‌ଭିନ୍ କରିଦେଇଛି। ଜଣେ ଦାୟିତ୍ୱହୀନ ପଶ୍ଚିମ ଭାରତୀୟ ବ୍ୟକ୍ତି ସହ ସଂସ୍ପର୍ଶରେ ଆସିଥିବା ମେହେନ୍ତରାଣୀ ପୁନିମାଆର ସମ୍ପର୍କରୁ ସୃଷ୍ଟି ପୁନିର ଜୀବନଗାଥା। କେତେ କରୁଣ, କେତେ ଦୟନୀୟ ଗୋପୀନାଥଙ୍କ ଲେଖନୀରେ ତାହା ଜୀବନ୍ତ। ଶିବଭାଇ, ବଘେଇ ଉପନ୍ୟାସଗୁଡ଼ିକ ମଧ୍ୟରେ କନ୍ଧ, ଆଦିବାସୀମାନଙ୍କର ଜୀବନଯନ୍ତ୍ରଣାର ସ୍ୱରଲିପି ସୁସ୍ପଷ୍ଟ।

ତାଙ୍କ କୃତୀ ଓ କୃତିତ୍ୱକୁ ବଖାଣିବା ଏତେ ସ୍ୱଳ୍ପ ସମୟ ଭିତରେ କେବଳ ଦୁଃସାହସ ମାତ୍ର। ତାଙ୍କ ଗଳ୍ପ ସଂକଳନଗୁଡ଼ିକ ଭିତରେ ଘାସଫୁଲ, ପୋଡ଼ା କପାଳ, ନବବଧୂ, ରଣଧନ୍ଦୋଳ, ଛାଇଆଲୁଅ, ଉଡ଼ନ୍ତାଖଇ, ମନର ନିଆଁ, ସାତପାଞ୍ଚ, ଶରଶଯ୍ୟା ଇତ୍ୟାଦି ଏବଂ ମୃତ୍ୟୁ ପରେ ପ୍ରକାଶିତ ତିନିକାଳ, ବାଟବନ୍ଧ ଓ ଅନ୍ୟାନ୍ୟ ଗ୍ରନ୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ୨୦୦୭ ମସିହାରେ ୨୦ଟି ଗ୍ରନ୍ଥର ସମାହାରରେ ସୋପାଂଗାଡ଼ା, ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଚମତ୍କୃତ କରିଦେଇଛି। ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି ହେଉଛି ଆତ୍ମଜୀବନୀ ସ୍ରୋତସ୍ୱତୀ। ଏହା ତିନିଖଣ୍ଡରେ ପ୍ରକାଶ ପାଇଛି।

ଏତେସବୁ ସୃଷ୍ଟିର ସ୍ରଷ୍ଟା, ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଓଡ଼ିଆ ଅସ୍ମିତାର ଆଦି ସ୍ୱରର ନାୟକ ଗୋପୀନାଥ ମହାନ୍ତି, ୧୯୧୪ ମସିହା ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରି ୧୯୯୧ ମସିହା ଅଗଷ୍ଟ ୨୦ରେ ନଶ୍ୱର ଶରୀର ତ୍ୟାଗ କରିଛନ୍ତି। ଛାଡ଼ିଯାଇଛନ୍ତି ଓଡ଼ିଶାର ଅଗଣିତ ପାଠିକା ପାଠକଙ୍କ ପାଇଁ ଜୀବନବୋଧର ମନ୍ତ୍ର, ସମାଜ ସଂସ୍କାରର ସଂହିତା। ଗୋପୀନାଥଙ୍କର ଅମୂଲ୍ୟ କୃତିଗୁଡ଼ିକ ଚିରକାଳ ଓଡ଼ିଆ ଭୂମିରେ, ଓଡ଼ିଆ ହୃଦୟରେ ଓ ଓଡ଼ିଆ ସାହିତ୍ୟ ଜଗତରେ ଅମୂଲ୍ୟ କୀର୍ତ୍ତିସ୍ତମ୍ଭ ହୋଇ ରହିଥିବ।

ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଅଲିଭ ରିଡ୍‌ଲେ କଇଁଛ ସମୁଦ୍ର କୂଳ ବାଲିରେ ଅଣ୍ଡାଦେବା ସମୟରେ ସେହି ଅଞ୍ଚଳକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ରଖିବାକୁ ହୋଇଥାଏ। ଚେନ୍ନାଇର ଷ୍ଟୁଡେଣ୍ଟ୍ସ ସି ଟର୍ଟଲ କଞ୍ଜରଭେଶନ ନେଟ୍‌ୱର୍କ(ଏସ୍‌ଏସ୍‌ଟିସିଏନ୍) ଏ କ୍ଷେତ୍ରରେ ଆଖିଦୃଶିଆ କାମ କରୁଛି। ଏଥିରେ ମାର୍କେଟିଂ, ପରିବେଶ ବିଜ୍ଞାନ, କନ୍‌ସଲଟିଂ ଏବଂ ଅନ୍ୟ କ୍ଷେତ୍ରରୁ ଆସିଥିବା ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବୀ ଭାବେ କାମକରନ୍ତି। ପ୍ରତିଦିନ ସେମାନେ ଚେନ୍ନାଇ ବେଳାଭୂମିରେ ଏକାଠି ହୋଇ ଅଲିଭ ରିଡ୍‌ଲେ ଅଣ୍ଡା ଦେଉଥିବା ସ୍ଥାନର ସୁରକ୍ଷା କରୁଛନ୍ତି। କଇଁଛ ଅଣ୍ଡାଦେଉଥିବା ସ୍ଥାନ ଚାରିପାଖରେ ବ୍ୟାରିକେଡ୍ କରାଯିବା ସହ ସେହି ସ୍ଥାନକୁ ପ୍ରଦୂଷଣ ଓ କୋଳାହଳମୁକ୍ତ ରଖାଯାଇଛି। ଏହି କାର୍ଯ୍ୟରେ ତାମିଲନାଡୁ ବନ ବିଭାଗ ସହଯୋଗ କରୁଛି। କଇଁଛ କିଭଳି ଅଣ୍ଡା ଦେଇ ସୁରକ୍ଷିତ ଭାବେ ଫେରିଯିବ ତା'ଉପରେ ଗୁରୁତ୍ୱ ଦିଆଯିବା ସହ ଅଣ୍ଡାକୁ କୌଣସି ପ୍ରାଣୀ ଯେପରି ନଷ୍ଟକରି ନ ଦିଅନ୍ତି ସେଥିପ୍ରତି ନଜର ରଖାଯାଉଛି। ସ୍ୱେଚ୍ଛାସେବୀମାନେ ପାଳିକରି ରାତି ୧୧ରୁ ଭୋର ୪ଟା ଯାଏ ଜଗି ରହୁଛନ୍ତି। ବଡ଼କଥା ହେଉଛି କଇଁଛ ଅଣ୍ଡା ଦେବା ପରେ ସେଗୁଡ଼ିକୁ ସଂଗ୍ରହ କରାଯାଏ। ପରେ ଏସ୍‌ଏସ୍‌ଟିସିଏନ ଦ୍ୱାରା ନିର୍ମିତ ହ୍ୟାଚେରିକୁ ନିଆଯାଏ। ଅଣ୍ଡାରୁ କଇଁଛ ଛୁଆ ବାହାରିବା ପରେ ସେମାନଙ୍କୁ ରାତିରେ ଟର୍ଚ୍ଚ ଲାଇଟ୍‌ରେ ବାଟ କଢ଼ାଇ ନେଇ ପାଣିରେ ଛାଡୁଛନ୍ତି। ଏହାବ୍ୟତୀତ ପାଣିରୁ ଛୁଆଗୁଡ଼ିକ ଯେମିତି ଫେରି ନ ଆସନ୍ତି ତାହାକୁ ନିରୀକ୍ଷଣ କରୁଛନ୍ତି ଏବଂ ଫେରିଆସୁଥିବା ଛୁଆକୁ ପୁନର୍ବାର ପାଣିରେ ଛାଡୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ଏପ୍ରିଲ ୧୯୭୬

- ଲେବାନନ୍‌ରେ ଯୁଦ୍ଧବିରତି ଘୋଷଣା କରାଯିବା ସତ୍ତ୍ୱେ କ୍ରମାଗତ ସଂଘର୍ଷ ହେତୁ ଲେବାନନ୍ର ଶାନ୍ତି ପ୍ରଚେଷ୍ଟା ଉଦ୍ୟମ ବ୍ୟାହତ।
- ପଞ୍ଚମ ଯୋଜନା କାଳରେ ଦେଶର ପାର୍ବତ୍ୟ ଅଞ୍ଚଳରେ ବିକାଶ ପାଇଁ ସରକାର ୫ଶହ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

## ଚିରନ୍ତନୀ

ସକଳ ଗ୍ଳାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟୁଜିୟମ ଦେୟ ହ୍ରାସ ହେଉ

ମହାଶୟ,

ନେତାଜୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଛୋଟପିଲା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଦେୟମୁକ୍ତ ରଖାଯାଇଛି। କିନ୍ତୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧା ଦେୟ ଧାର୍ଯ୍ୟ ରହିଛି। ବୟସ୍କଙ୍କ ପାଇଁ ଯାନବାହନ ସହ ବିଭିନ୍ନ ପ୍ରକୋଷ୍ଠ ନିମନ୍ତେ ଅଲଗା ଦେୟ ରଖାଯାଇଛି। ଜଣେ ବୟସ୍କଙ୍କ ପାଇଁ ସବୁଶ୍ରେଣୀର ଲୋକଙ୍କ ପ୍ରତି ଯାହା ପ୍ରଯୁଜ୍ୟ ତାହା ହେବା ଉଚିତ ନୁହେଁ। ଏହି ଦେୟ ଗରିବଙ୍କ ପାଇଁ କୋହଳ କରାଯାଉ। ରାଜ୍ୟ ସରକାର ହ୍ରାସ କରିବାକୁ ଧ୍ୟାନ ଦିଅନ୍ତୁ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚୋରି ଜେସିବି ଜବତ, ଜଣେ ଗିରଫ

ଦାରିଙ୍ଗବାଡ଼ି,(ଅରୁଣ ସାହୁ)-ଚୋରି ହୋଇଯାଇଥିବା ଏକ ଜେସିବିକୁ ଶନିବାର ଦାରିଙ୍ଗବାଡି ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ଗଞ୍ଜାମ ଜିଲ୍ଲା ଗାଙ୍ଗାପୁର ଗ୍ରାମର ଦୁର୍ଯ୍ୟ କୁମାର ଜେନା ବୋଲି ଦେଇକାରୀ ଅଧିକାରୀ ଜୟନ୍ତ ସେଠୀ କହିଛନ୍ତି। ଗତ ୬ ତାରିଖ ବିଳମ୍ବିତ ରାତିରେ ଦାରିଙ୍ଗବାଡ଼ି ଥାନା ମୁଣ୍ଡାଗାଡ଼ୁ ଅଞ୍ଚଳରୁ ଏକ ରିଲାଏନ୍ସ୍ର ଜେସିବି ଚୋରି ହୋଇଯାଇଥିଲା। ୧୬ରେ ଏନେଇ ଦାରିଙ୍ଗବାଡି ଥାନାରେ ଅଭିଯୋଗ ହୋଇଥିଲା। ଜେସିବିକୁ ଅପରେଟର ଦୁର୍ଯ୍ୟ ଚୋରି କରି ନେଇ ବାଲିଗୁଡ଼ାର ଏକ ସ୍ଥାନରେ ରଖିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।



# ଏସୟୁସିଆଇର ରେଲୱେ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର,୧୯।୪(ସ୍ମୃତି ରଞ୍ଜନ ମହାଲିକ) ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲା ସାଂଗଠନିକ କମିଟି ପକ୍ଷରୁ ଶନିବାର ବିଭିନ୍ନ ଦାବି ସମ୍ବଳିତ ନେଇ ବ୍ରହ୍ମପୁର ରେଲୱେ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ରହ୍ମପୁର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ସମସ୍ତ ଲୋକାଲ ଓ ଏକ୍ସପ୍ରେସ ଟ୍ରେନ ରେଳ ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା ସମୟରେ ସେବା ଯୋଗାଇ ଦେବା, ଏକ୍ସପ୍ରେସ ଓ ସୁପରଫାଷ୍ଟ ଏକ୍ସପ୍ରେସରେ ସଂରକ୍ଷଣ ଓ ସାଧାରଣ କମ୍ପାର୍ଟମେଣ୍ଟ ସଂଖ୍ୟା ବୃଦ୍ଧି, ଟ୍ରେନରେ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଣ, ଷ୍ଟେସନରେ ବିଶୁଦ୍ଧ ପାନୀୟ ଜଳର ସୁବନ୍ଦୋବସ୍ତ, ଟ୍ରେନ ତଥା ସହ ଶୌଚାଳୟ ନିୟମିତ ପରିଷ୍କାର,ବରିଷ୍ଠ ନାଗରିକଙ୍କୁ ରେଳ ଭଡ଼ାରେ ରିହାତି, ଦେଶର ସମସ୍ତ ସ୍ଥାନକୁ ରେଳ ସଂଯୋଗ କରିବା ଓ ରେଳ ସେବାର ଘରୋଇକରଣ ବନ୍ଦ କରିବା ପାଇଁ ଦାବି ହୋଇଛି। ଦାବି ପତ୍ର ପ୍ରଦାନ ସମୟରେ କମିଟି ସମ୍ପାଦକ ସୋମନାଥ ବେହେରା, ଜିଲା ସାଂଗଠନିକ କମିଟି ସଭ୍ୟ ନାରାୟଣ ସାହୁ , ପପୁନ୍ ସାହୁ,କିଯାନ କୁମାର ସାହୁ, ସୁଭସ୍ମିତା ପାଣିଗ୍ରାହିଙ୍କ ସମେତ ବିଭୂତି ଭୂଷଣ ସାହୁ,ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଅସ୍ଥାୟୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ବ୍ରହ୍ମପୁର,୧୯।୪(ସୁବାସ ଚନ୍ଦ୍ର ପାଢ଼ୀ): ସଦର ଥାନା ଅନ୍ତର୍ଗତ ଖଡ଼ାଲୁଲି ଗ୍ରାମର ଶ୍ରୀଧର ସାହୁଙ୍କ ପୁଅ ରାମକୃଷ୍ଣ ସାହୁ(୧୯)ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ରାମକୃଷ୍ଣ କାମ କରୁଥିବା ପାଣି ଫ୍ୟାକ୍ଟ୍ରି ମାଲିକଙ୍କୁ ପୋଲିସ ଅଟକ ରଖିଛି। ଏ ସଂକ୍ରାନ୍ତରେ ନଂ. ୧୧୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରାମକୃଷ୍ଣ ଲୋଚାପଡା ଶକ୍ତିନଗରରେ ଥିବା ଏକ ପାଣି ଫ୍ୟାକ୍ଟ୍ରିରେ ଦେଢ଼ବର୍ଷ ହେଲା କାମ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ଆହତ ହୋଇ ଏମକେସିଜିରେ ଭର୍ତ୍ତି ହୋଇଥିବା ଖବର ପାଇ ପରିବାର ଲୋକ ମେଡିକାଲକୁ ଯିବାରେ ରାମକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ। ପୁଅକୁ ହତ୍ୟା କରାଯାଇଥିବା ନେଇ ମା' କୁମୁଦ ସାହୁ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ପଞ୍ଚନାମା କରିଛି। ମୃତକଙ୍କ ଶରୀରରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ପାଣି ଫ୍ୟାକ୍ଟ୍ରି ମାଲିକ ପୁଅକୁ ଘରକୁ ଯିବାକୁ ଦେଉନଥିଲେ। ତାଙ୍କୁ ଦିନରାତି କାମରେ ଲଗାଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ତେଣୁ ସେ ହିଁ ହତ୍ୟା କରିଛନ୍ତି ବୋଲି କୁମୁଦ ଏତଲାରେ ଦର୍ଶାଇଛନ୍ତି।

# ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରରୁ ଜ୍ଞାନ ଓ ହରିହର



ବ୍ରହ୍ମପୁର, ୧୯।୪(ସୁବାସ ଚନ୍ଦ୍ର ପାଢ଼ୀ) ୪୭ ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଉତ୍ତରପ୍ରଦେଶର ଆକବରପୁରଠାରେ ଆସନ୍ତା ୨୦ରୁ ୨୪ ଯାଏଁ ହେବ। ଏଥିରେ ଅଂଶ ଗ୍ରହଣ କରିବା ପାଇଁ ବ୍ରହ୍ମପୁରର ଜ୍ଞାନ ପାଣିଗ୍ରାହୀ ନିଷ୍ଠ ୟୁନିଭର୍ସିଟି ଓ ଖଲ୍ଲିକୋଟ କଲେଜର ହରିହର ଦଳାଇ ଓଡିଶା ଦଳ ସହ ଯାତ୍ରା କରିଛନ୍ତି। ପୂର୍ବରୁ ସେମାନେ ଗତ ଜାନୁଆରୀରେ ପୁରୀ ଠାରେ ହୋଇଥିବା ଆନ୍ତଃ ଜିଲା କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମ ଜିଲାକୁ ଭାଗ ନେଇ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ। ଏହି ଦୁଇ ଖେଳାଳି ପୁରୀ ଠାରେ ହୋଇଥିବା କୋଚିଂ ଶିବିରରେ ଅଂଶ ଗ୍ରହଣ କରିଥିଲେ। ସେହିପରି ପ୍ରତିଦିନ ଖଲ୍ଲିକୋଟ କଲେଜ ଖେଳ ପଡିଆରେ ନିଷ୍ଠର କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ ନେଉଛନ୍ତି। ଜିଲା ହ୍ୟାଣ୍ଡବଲ ସଙ୍ଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସହ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ରାଜବାଟୀରେ ପୂଜା ପାଇଲେ ମା' ସାଆନ୍ତାଣୀ

ବ୍ରହ୍ମପୁର,୧୯।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ସାଆନ୍ତାଣୀ ଯାତ୍ରା ଶନିବାର ୧୭ ଦିନରେ ପହଞ୍ଚିଛି। ଯାତ୍ରାରେ ଦିନକୁ ଦିନ ସହର ସମେତ ବିଭିନ୍ନ ଜିଲା ଓ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ସନ୍ଧ୍ୟାରେ ମଧ୍ୟ ଠାକୁରାଣୀଙ୍କ ଘଟ ପରିକ୍ରମା ସମୟରେ ଭିଡ ବୃଦ୍ଧି ପାଉଛି। ଏଥିସହ ସହରର ବିଭିନ୍ନ ସାହିରୁ ବାଘ ବେଶ, ଏକାଡ଼ି ଓ ଷୋଡ଼ ଗାଡ଼ିଆ ବେଶ ଭଳି ସାମୂହିକ ବେଶ ସଂଖ୍ୟା ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମା'ଙ୍କ ଦର୍ଶନ ଲାଭ କରୁଛନ୍ତି। ତେବେ ଆଜି ସୁଖା ପରମ୍ପରା ଅନୁଯାୟୀ ଠାକୁରାଣୀ ସମସ୍ତ ସାହି ପରିକ୍ରମା କରାଯାଇଛି। ଶନିବାର ଥିବାରୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ମୁର୍ଗା ଓ ଅନ୍ୟାନ୍ୟ ଭୋଗ ସାମଗ୍ରୀ ପୂଜା ହେଉଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଶନିବାର ମା'ଙ୍କ ଘଟ ମହୁରୀ ରାଜବାଟୀକୁ ଯାଇ ପୁଣି ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ରାତ୍ରି ୮ଟା ପରେ ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲେ। ଦେବକୀ ମୁଖ୍ୟ ଘଟ ମୁଣ୍ଡାଇଥିବା ବେଳେ ଦେରା ସଂପ୍ରଦାୟର ମହିଳାମାନେ ପାର୍ଶ୍ୱ ଘଟ ଗୁଡ଼ିକୁ ମୁଣ୍ଡାଇଥିଲେ। ମା'ଙ୍କ ଘଟ ସହିତ ପାର୍ଶ୍ୱ ଘଟ ଗୁଡ଼ିକ ପରମ୍ପରା ଅନୁଯାୟୀ ମହୁରୀ ରାଜବାଟୀକୁ ଯାଇଥିଲେ। ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମା ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ଏହାପରେ ମା'ଙ୍କ ଆଳତୀ ଓ ରାଜଭୋଗ କରାଯାଇଥିଲା। ପରେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।

# ପୋଷଣ ପକ୍ଷ ସଚେତନତା ସଭା



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୯।୪(ସ୍ମୃତି ରଞ୍ଜନ ମହାଲିକ) ଲାଞ୍ଜିପଲ୍ଲୀ ସ୍ଥିତ ତାରାଦେବୀ କଲ୍ୟାଣ ମଣ୍ଡପରେ ଶନିବାର ପୋଷଣ ପକ୍ଷର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପ୍ରୋଗ୍ରାମ ଅଧିକାରୀ ଶକ୍ତିରେ ସୁଧା ପଟ୍ଟନାୟକ ଯୋଗ ଦେଇଥିଲେ। ପୋଷଣ ପଖୱାଡ଼ାର ୫ ସୂତ୍ରୀ ଲକ୍ଷ୍ୟହୀନତା ଦୂରୀକରଣ, ଡାଇରିଆ ମୁକ୍ତ, ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟର ଉପାଦେୟତା ସଂପର୍କରେ ଅତିଥିମାନେ କହିଥିଲେ। ସିଡିପିଓ-୧ ଗୀତାରାଣୀ ରାଉଳ ପୁଷ୍ଟିକର ଖାଦ୍ୟ ସଂପର୍କରେ କହିଥିଲେ। ସୁପରଭାଇଜର ପ୍ରେମାବତୀ ଦାଶ, ରୁନୁ ଦାସ, ସବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୮ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଯାତ୍ରାରେ ସର୍ଜନଶୀଳତାକୁ ଗୁରୁତ୍ୱ

ବ୍ରହ୍ମପୁର,୧୯।୪(ସ୍ମୃତିରଞ୍ଜନ ମହାଲିକ) ବ୍ରହ୍ମପୁର ଠାକୁରାଣୀ ଯାତ୍ରାରେ ପାରମ୍ପରିକ ପ୍ରଚ୍ଛନ୍ନିତ୍ୱବାଦ ଦେଲେ ଅନ୍ୟ ସମସ୍ତ ବିଭାଗରେ ସର୍ଜନଶୀଳତା ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଉନ୍ମୁକ୍ତ ଥିବା ଦେଖିବାକୁ ମିଳିଛି। ପ୍ରଥମତଃ ଶୋଭାଯାତ୍ରା ଆୟୋଜନ ଯାତ୍ରାର ମୁଖ୍ୟ ଆକର୍ଷଣ। ଯାତ୍ରା ତିଥି ନିର୍ଦ୍ଧାରଣ ପରେ ଶୁଭ ଖୁଣ୍ଟ ନେଇ ଦେଶୀ ବେହେରା ସାହିରୁ ବଡ ଠାକୁରାଣୀ ମନ୍ଦିର ଯାତ୍ରା, ପ୍ରତ୍ୟେକ ସନ୍ଧ୍ୟାରେ ଘଟ ପରିକ୍ରମା ଓ ଶେଷ ଦିନରେ ଘଟ ପ୍ରତ୍ୟାବର୍ତ୍ତନ ସମସ୍ତ କ୍ଷେତ୍ରରେ ଶୋଭାଯାତ୍ରା ହିଁ ମୁଖ୍ୟ। ଏହାହିଁ ସର୍ଜନଶୀଳତା। ସେହିପରି ଯାତ୍ରାରେ ବେଶ ଧାରଣର ସର୍ଜନଶୀଳତାର ପଟାନ୍ତର ନାହିଁ। ପଶୁପକ୍ଷୀ, ପୌରାଣିକ ଓ ଲୋକ ଚରିତ୍ର ପ୍ରଭୃତି କ୍ଷେତ୍ରରେ ବେଶ ଧାରଣର ବିବିଧତା ରହିଛି। ରଥ ଓ କଳାକୁଞ୍ଜ ନିର୍ମାଣରେ ସର୍ଜନଶୀଳତା ଭିତ୍ତିଭୂମି ଦେଖିବାକୁ ମିଳୁଛି। କଳାକୁଞ୍ଜ କ୍ଷେତ୍ରରେ ପ୍ରତି ବର୍ଷ ନୂତନ ଦୃଶ୍ୟ ସଂଯୋଜନା କରାଯାଉଛି। ଠାକୁରାଣୀ ଯାତ୍ରାରେ ସ୍ୱେଚ୍ଛାସେବୀମାନେ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଥିରେ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥାନ୍ତି। ଅତୀତରେ ସହର ବାହାରୁ ଆସୁଥିବା ଯାତ୍ରୀଙ୍କ ନିମନ୍ତେ କନ୍ୟକା ପରମେଶ୍ୱରୀ ମନ୍ଦିରରେ କମ ଦରରେ ମଧ୍ୟାହ୍ନ ଭୋଜନର ସୁବିଧା କରାଯାଉଥିଲା। ବର୍ତ୍ତମାନ ବିଭିନ୍ନ ସାହିରେ ମାଗଣାରେ ଭୋଜନ ଓ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଛି। ଏହି କାରଣରୁ ଠାକୁରାଣୀ ଯାତ୍ରା ଏକ ଚିତ୍ତା କର୍ଷକ ମହୋତ୍ସବ ରୂପେ ଗଢ଼ି ଉଠିଛି।

## ଭଞ୍ଜନଗରରେ କାଳବୈଶାଖୀ

# ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି କାର ଉପରେ ପଡିଲା

ଭଞ୍ଜନଗର,୧୯।୪(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ବ୍ରାହ୍ମଣପଦର ଗ୍ରାମରେ ଶନିବାର ଅପରାହ୍ନ ୫ଟାରେ ଝଡ ତୋଫାନ ସହ ବର୍ଷା ହୋଇଛି। ପବନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ଏହି ବିଦ୍ୟୁତ୍ ଖୁଣ୍ଟ ଏକ କାର ଉପରେ ପଡ଼ିବାରୁ କାରଟି କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ଚାଳ ଛପର ଘର ମଧ୍ୟ ଭାଙ୍ଗିଥିବା ଜଣାପଡ଼ିଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। କ୍ଷୟକ୍ଷତିଅନୁଧ୍ୟାନ କରିକ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।



ଝଡ ତୋଫାନରେ କ୍ଷତିଗ୍ରସ୍ତ ଗାଡି।

# ଭୀମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ପ୍ରସ୍ତୁତି ତଦାରଖ କଲେ ଡିଇଓ

ପାତ୍ରପୁର, ୧୯।୪ (ଉମା ଚରଣ ନେପାକ) ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଞ୍ଚାୟତର ଭୀମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ଥାପନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ। ଆସନ୍ତା ଏପ୍ରିଲ ୨୭ରେ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗ ଦେଉଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଅଜୟ ପାତ୍ର ଭୀମପୁର ଗ୍ରାମ ଗସ୍ତ କରି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରସ୍ତୁତି ତଦାରଖ କରିଛନ୍ତି। ଡିଇଓଙ୍କ ଗସ୍ତ ସମୟରେ ବ୍ରହ୍ମପୁର ଶିକ୍ଷା ଟିମ୍, ଭୀମପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ, ସାମନ୍ତିଆପଲ୍ଲୀ ସମିତି ସଭ୍ୟ ସନ୍ତୋଷ ସାହୁ ଉପସ୍ଥିତ ଥିଲେ।

# ପାଠପଢ଼ା ସହ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବ: ଅଧକ୍ଷ

ବ୍ରହ୍ମପୁର,୧୯।୪ (ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜରେ ଶନିବାର ଆଇ କ୍ୟୁଏସି ପକ୍ଷରୁ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅଧ୍ୟକ୍ଷ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ସିବାର୍ଥ ଶଙ୍କର ପାଢ଼ୀ ଯୋଗ ଦେଇ ୨୫ ଜଣ ଛାତ୍ରୀ, ଛାତ୍ରଙ୍କୁ ନିଯୁକ୍ତି ପତ୍ର ଦେବା ସହ ସେମାନଙ୍କ ଦକ୍ଷତା ଏବଂ ରୋଜଗାର ସୃଷ୍ଟି କରିବା କଲେଜର ମୁଖ୍ୟ ଦାୟିତ୍ୱ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ମେଟପ୍ରସ୍,ଆପୋଲୋ ଏବଂ ବାଙ୍କୋ କମ୍ପାନୀ ପକ୍ଷରୁ ନିଯୁକ୍ତି ମେଳା କରାଯାଇ ଏହି ବିଦ୍ୟାର୍ଥୀ ମାନେ ଚୟନ ହୋଇଥିଲେ। ଆଇ କ୍ୟୁ ଏ ସିର ସଂଯୋଜକ ଡ଼.ମନୋଜ ପଟ୍ଟନାୟକ ନିଯୁକ୍ତି କଲେଜର ଏକ ଐତିହାସିକ ପଦକ୍ଷେପ ଦର୍ଶାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ଡ଼.ଗିରିଶ ଚନ୍ଦ୍ର ବେହେରା ଆଗାମୀ ଦିନରେ ବହୁ ବିଦ୍ୟାର୍ଥୀ ନିଜକୁ ରୋଜଗାର ଉକ୍ଷମ ହୋଇପାରିବେ ସେ ନେଇ କହିଥିଲେ। ଶେଷରେ ପ୍ଲେସମେଣ୍ଟ ସେଲର ଅପରାଜିତା ପାଣ୍ଡେ ଧନ୍ୟବାଦ ଦେଇଥିଲେ।


## ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍

ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

### ସର୍ବସାଧାରଣ ବିଜ୍ଞପ୍ତି

କେଶ୍ ନମ୍ବର ୫ ଅଫ୍ ୨୦୨୫

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଉଥିବା ତା୩୦.୦୯.୨୦୧୯ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଉଥିବା ତା୩୦.୦୯.୨୦୧୯ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆବେଦନ ସାରାଂଶ ଦାଖଲ ଏବଂ ସବିଶେଷ ବିଷୟଗୁଡ଼ିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୫.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।

(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।

(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଦ୍ୟୁତ୍ ଭାବରେ ଜଣାଇବେ।

ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)



House Construction
Starting @1599/per Sqft.
Simplex / Duplex / Triplex / Apartment
By The Experts Only.
(With Branded Materials like Rebar-Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
M Planets -7008550473
L427, Baramunda, Bhubaneswar.



## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार।

### अल्पकालीन ई–निविदा आमंत्रण सूचना

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणी:

| क्रमसं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत मुसुर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाईट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR 350643 (Rural Development) 25-26 (D)



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ: ୦୬୭୪-୨୬୨୦୪୨୩

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

[illegible]

| କଳେକ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ସୁଜିତ୍ ସେନାପତି ... [illegible] | [illegible] | ୦୮.୦୧.୨୦୨୫ / ୧୭.୦୪.୨୦୨୫ | ଶ୍ରୀ ସୁଜିତ୍ ସେନାପତି ... [illegible] |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## ବ୍ୟାଙ୍କ ଅଫ୍ ଇଣ୍ଡିଆ
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ-୨୦୦୨ [ରୁଲ-୮(୧)]

[illegible]

| ତମାଣ୍ଡୋ ଶାଖା / ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ... [illegible] | [illegible] | ୧୫.୦୨.୨୦୨୫ / ୧୯.୦୪.୨୦୨୫ | [illegible] |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୦.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୨ ଗିରଫ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା)ଗଜପତି ଜିଲା ଗୋସାଣି ବ୍ଲକ ଅନ୍ତର୍ଗତ ଉପଲଡ଼ା ଗ୍ରାମର ୨ଜଣଙ୍କୁ ବନ୍ୟଜନ୍ତୁ ଶିକାର କରି ମାଂସ ବିକ୍ରି କରୁଥିବା ଅଭିଯୋଗରେ ଗିରଫ ସହ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଉପଲଡ଼ା ଗ୍ରାମ ଶବରସାହିର ଇପିଆମ୍ ଶବର ଓ ଇସାକ୍ ଭୂୟାଁ। ଉଭୟ ବନ୍ୟଜନ୍ତୁ ଶିକାର କରି ମାଂସ ବିକ୍ରି କରୁଥିବା ବେଳେ ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ୮ କିଲୋ ବାରହା ମାଂସ, ମାରଣାସ୍ତ୍ର, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି।

## ସଂକ୍ଷେପରେ

### ଶିକ୍ଷକ-ଅଭିଭାବକ ବୈଠକ

ଆର. ଉଦୟଗିରି,(ମନୋଜ ପାଢ଼ୀ)/ଜି.ଉଦୟଗିରି,(ବିଜୟ କୁମାର ସେଠୀ)/ଧରାକୋଟ(ବିଷ୍ଣୁ କେଶରୀ ଆଚାର୍ଯ୍ୟ),୧୯।୪: ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ ଏସ. ରାମାରାଓଙ୍କ ତତ୍ତ୍ୱାବଧାନରେ ଶିକ୍ଷକ-ଅଭିଭାବକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଚଳିତବର୍ଷ ସରକାର ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିବା ବୈଠକରେ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ଗ୍ରୀଷ୍ମ ଅବକାଶରେ ଶିକ୍ଷକମାନେ ହ୍ୱାଟସ୍ ଆପ୍ ଗ୍ରୁପ ଖୋଲି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠପଢ଼ା ସମ୍ପର୍କିତ କାର୍ଯ୍ୟ ଦେବେ। ଛାତ୍ରୀଛାତ୍ରମାନେ ସନ୍ଧ୍ୟାରେ ପଢ଼ା ସମ୍ପର୍କିତ ସନ୍ଦେହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଚାରି ଦୂର କରିବାକୁ ଶିକ୍ଷକ ରାମାରାଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରାଧାକୃଷ୍ଣ ପଣ୍ଡା ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଦ୍ଧାର୍ଥ ଶଙ୍କର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

ସେହିପରି କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଚଳିତ ଶିକ୍ଷାବର୍ଷର ଶିକ୍ଷକ - ଅଭିଭାବକ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ସୁମିତାରାଣୀ ଯୋଶୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷକ ବିକାଶ ପାଣିଗ୍ରାହୀ,ଜଗନ୍ନାଥ ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ, ସ୍ମୃତି କୁମାର, ପିଙ୍କିମା ପ୍ରଧାନ ଉପସ୍ଥିତ ଥିଲେ। ପିଲାଙ୍କ ଶିକ୍ଷା, ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ ଏସ୍ଏମ୍‌ସି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶରେ ଗୋଷ୍ଠୀର ସହଭାଗିତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତବର୍ଷର ଶୈକ୍ଷିକ କ୍ୟାଲେଣ୍ଡର, ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା, ଗ୍ରୀଷ୍ମ ଅବକାଶରେ ପିଲାଙ୍କୁ ଗୃହ କାର୍ଯ୍ୟ ପ୍ରଦାନ, ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗାଡ଼ାଞ୍ଜଳି ସାହୁ, ବିଧୁ ଭୂଷଣ ରାଉତ, ଦମୟନ୍ତୀ ଦାସ, ଅନିଲ ନାୟକ ପ୍ରିୟଦର୍ଶିନୀ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗୃହରକ୍ଷୀଙ୍କ ବାଇକ୍, ସ୍କୁଟି ଜାଳିଦେଲେ

ଗୋପାଳପୁର,୧୯।୪(ନବୀନ ରାଜ ଆଚାରୀ): ଗୋପାଳପୁର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଜଣେ ଗୃହରକ୍ଷୀଙ୍କ ବାଇକ୍ ଓ ସ୍କୁଟିକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଛନ୍ତି। ଏନେଇ ଗୋପାଳପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଥାନା ଅଧୀନ ରେଉସାହି ଏନ୍ଏସିର ଗୃହରକ୍ଷୀ ଆନିଶ୍ ଖାନ୍ ନିଜ ଘର ସମ୍ମୁଖରେ ବାଇକ୍ ଓ ତାଙ୍କ ବାପାଙ୍କ ସ୍କୁଟି ରଖିଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉଭୟ ଗାଡ଼ିରେ ନିଆଁ ଲଗାଇ ଫେରାର ହୋଇ ଯାଇଛନ୍ତି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଗାଡ଼ି ୨ଟି ଜଳିଯାଇଥିଲା। ଗୋପାଳପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତା ନା ଅନ୍ୟ କୌଣସି କାରଣରୁ ଏଭଳି ଘଟିଛି ସେନେଇ ତଦନ୍ତ କରି ଦେଖୁଛି ପୋଲିସ। ଗୃହରକ୍ଷୀ ଆନିଶ୍ ଥାନାରେ ଅଭିଯୋଗ କରିବା ପରେ ନଂ.୧୧୨/୨୫ରେ ମାମଲା ରୁଜୁ ହୋଇଛି।

# ଟେଣ୍ଡରରେ ଅଟକିଛି ଫ୍ଲାଏଓଭର, ଅଣ୍ଡରପାସ୍ ନିର୍ମାଣ

ଛତ୍ରପୁର,୧୯।୪(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବାର ନାଁ ଧରୁନି। ଅନ୍ୟପଟେ ପ୍ରତିବର୍ଷ ଗଞ୍ଜାମ ଜିଲାରେ ଦୁର୍ଘଟଣା ବୃଦ୍ଧି ପାଉଛି। ୨୦୨୩ ତୁଳନାରେ ୨୦୨୪ରେ ୩ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିଥିଲେ ମଧ୍ୟ ଦୁର୍ଘଟଣା ସଂଖ୍ୟା ବଢ଼ିଛି। ୨୦୨୩ରେ ଜିଲାରେ ସଡ଼କ ଦୁର୍ଘଟଣା ସଂଖ୍ୟା ୭୫୦ ଥିବାବେଳେ ୨୦୨୪ରେ ଏହା ୮୧୮କୁ ବୃଦ୍ଧି ପାଇଛି। ୨୦୨୩ରେ ମୃତ୍ୟୁ ସଂଖ୍ୟା ୪୦୫ ଥିବା ବେଳେ ଗତବର୍ଷ ତାହା ୩୯୧କୁ ହ୍ରାସ ପାଇଛି। ୧୬ ନଂ. ଜାତୀୟ ରାଜପଥରେ ଫ୍ଲାଏଓଭର, ଅଣ୍ଡରପାସ ନିର୍ମାଣ କରାଗଲେ ଦୁର୍ଘଟଣା କମିଯାନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଗଞ୍ଜାମ: ଖୋର୍ଦ୍ଧା ଜିଲା ସୀମାନ୍ତ ନାରାୟଣୀ ଛକରୁ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଗୋଳନ୍ତରା ପର୍ଯ୍ୟନ୍ତ ୧୬ ନଂ. ଜାତୀୟ ରାଜପଥ, ଜଗନ୍ନାଥପୁର ଜଙ୍କସନରୁ ବ୍ରହ୍ମପୁର ଦେଇ ଆସିକା ଯାଇଥିବା ୫୯ନଂ. ଜାତୀୟ ରାଜପଥ, ବ୍ରହ୍ମପୁରରୁ ଦିଗପହଣ୍ଡି ୩୨୬ ନଂ. ଜାତୀୟ ରାଜପଥ ସଂଲଗ୍ନ ସମସ୍ତ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟିଥିବା ପରିବହନ ବିଭାଗରୁ ସୂଚନା ମିଳିଛି। ୧୬ ନଂ. ଜାତୀୟ ରାଜପଥରେ ଗୋଳନ୍ତରା ଥାନା ଅଞ୍ଚଳରେ ସର୍ବାଧିକ ଦୁର୍ଘଟଣା ଘଟିଛି। ଏହି ଥାନା ଅନ୍ତର୍ଗତ ୬ଟି ବ୍ଲାକ ସ୍ପଟରେ ୨୧ଟି ଦୁର୍ଘଟଣା ଘଟି ୨୫ ଜଣଙ୍କ ଜୀବନ ଯାଇଛି। ଏହାପଛକୁ ରମ୍ଭା, ଖଲିକୋଟ ଓ ଚମାଖଣ୍ଡି ଥାନା ଅଞ୍ଚଳର ଦୁର୍ଘଟଣା ରହିଛି। ରମ୍ଭା ଥାନା ଅଧୀନରେ ୮ଟି ବ୍ଲାକ ସ୍ପଟରେ ୧୬ ସଡ଼କ ଦୁର୍ଘଟଣାରେ ୧୬ ଜଣ, ଖଲିକୋଟ ଥାନା ଅନ୍ତର୍ଗତ ୫ଟି ବ୍ଲାକ ସ୍ପଟରେ ୧୨ ଦୁର୍ଘଟଣା ଘଟି ୧୬ ଜଣ ଏବଂ ଚମାଖଣ୍ଡି ଥାନାର ୬ଟି ବ୍ଲାକ ସ୍ପଟରେ ୧୮ ଦୁର୍ଘଟଣାରେ ୧୬ ଜଣଙ୍କ ଜୀବନ ଯାଇଛି।

୧୬ ନଂ. ଜାତୀୟ ରାଜପଥର ରମ୍ଭା, ଜୈବିକ ଛକ ଓ ପଡୋଶୀ ଆନ୍ଧ୍ର ସୀମାନ୍ତ ଇଚ୍ଛିପୁରମ ନିକଟରେ ୩ଟି ଅଣ୍ଡର ପାସ ନିର୍ମାଣ ହେବାକୁ ଥିବା ବେଳେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ ନିକଟରେ ଗୋଟିଏ ଫ୍ଲାଏଓଭର ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୧୯ କୋଟି ୫୩ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ୧୮ ମାସ ମଧ୍ୟରେ ଅର୍ଥାତ୍ ଦେଢ଼ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଯେଉଁ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେବ ସେ ୧୦ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବ। ଏ ନେଇ ଗତ ନଭେମ୍ବରରେ ଇ-ଟେଣ୍ଡର ପାଇଁ ଏନ୍‌ଏଚ୍‌ଏଆଇଙ୍କ ପକ୍ଷରୁ ପ୍ରକାଶ ପାଇଥିଲା। ଏ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ ହୋଇପାରିନି। ୨୦୨୩ ଶେଷ ଆଡ଼କୁ ୧୬ ନଂ. ଜାତୀୟ ରାଜପଥରେ ପୁଲିଟୋଳା ଠାରୁ ଗିରିସୋଲା ମଧ୍ୟରେ ୭ଟି ଅଣ୍ଡର ପାସ ଓ ୩ଟି ଫ୍ଲାଏଓଭର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ହାଇପାୱାର କମିଟି ଅନୁମୋଦନ କରିଥିଲା। ସେହିପରିଧିରୁ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଓ ଡିଆରଡିଏ ଛକ ମଧ୍ୟରେ ଗୋଟିଏ ଫ୍ଲାଏଓଭର ନିର୍ମାଣ ପାଇଁ ବର୍ଷକ ପୂର୍ବରୁ ଟେଣ୍ଡର ଶେଷ ହୋଇସାରିଥିଲେ ବି ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ବର୍ତ୍ତମାନ ଲାଞ୍ଜିପଲ୍ଲୀଠାରେ ଗୋଟିଏ ଫ୍ଲାଏଓଭର ନିର୍ମାଣ ପାଇଁ ମଞ୍ଜୁରି ମିଳିଥିବା ବେଳେ ୨ଟି ଅଣ୍ଡର ପାସ ପାଇଁ ଅନୁମୋଦନ ମିଳିଛି। ବ୍ରହ୍ମପୁରରୁ ୧୬ ନଂ. ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଅନେକଙ୍କର ଜୀବନହାନି ଘଟୁଛି। ଏଣୁ ପତ୍ରିତବନ୍ଧ ଠାରେ ଗୋଟିଏ ଫ୍ଲାଏଓଭର ସହିତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଗାଁଗୁଡ଼ିକୁ ସଂଯୋଗ କରିବା ପାଇଁ ତଥା ଦୁର୍ଘଟଣାକୁ ଏଡ଼ାଇବାକୁ ୫ଟି ଅଣ୍ଡରପାସ ନିର୍ମାଣର ଆବଶ୍ୟକତା ରହିଛି। ଏଗୁଡ଼ିକ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେବେ ଏ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନି।

### ପୋଖରୀ ସଫାକଲେ ଗ୍ରାମବାସୀ

ଚକାପାଦ,୧୯।୪ (ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ବପଲମେଟି ଗ୍ରାମପଞ୍ଚାୟତ ଡେଲିପଙ୍ଗା ଗ୍ରାମରେ ବହୁଦିନ ଧରି ବ୍ୟବହାର ହେଉ ନ ଥିବା ପୋଖରୀକୁ ପାହାଡ଼ ଅନୁଷ୍ଠାନ ଓ ଗୁଞ୍ଜ ଅନୁଷ୍ଠାନର ମିଳିତ ସହଯୋଗରେ ୬୦ରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟ ସଫା କରିଛନ୍ତି। ବର୍ତ୍ତମାନ ଖରାର ପ୍ରଭାବ ଦିନକୁ ଦିନ ବଢ଼ି ଚାଲୁଥିବାରୁ ପାଣି ସମସ୍ୟାକୁ ଅନୁଭବ କରି ସାମାଜିକ କର୍ମୀ ପ୍ରତାପ କିଶୋର ବେହେରା ଅନୁଷ୍ଠାନର ମୁଖ୍ୟ ପରିଚାଳକ ପଞ୍ଚାନନ ମିଶ୍ରଙ୍କ ସହ ଯୋଗାଯୋଗ କରିଥିଲେ। ଗୁଞ୍ଜ ଅନୁଷ୍ଠାନ ଦ୍ୱାରା ପ୍ରତ୍ୟେକ ପରିବାରକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହାସହ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ବିକାଶ କରିବା ଲକ୍ଷ୍ୟରେ ଚିତ୍ରାଙ୍କନ, ଖୋଟି, ମ୍ୟୁଜିକ୍ ଗେମ୍ ଖେଳାଇ ପ୍ରତି ପିଲାଙ୍କୁ ସ୍କୁଲ କିଟ୍ ପ୍ରଦାନ କରାଯାଇଛି।

## ଭାଜପା ପକ୍ଷରୁ ସକ୍ରିୟ ସଦସ୍ୟ କର୍ମଶାଳା

# ତୃଣମୂଳସ୍ତରରେ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ




କର୍ମଶାଳାରେ ଛତ୍ରପୁର ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଛତ୍ରପୁର,୧୯।୪ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଛତ୍ରପୁରସ୍ଥିତ ଶିବ ପଟ୍ଟନାୟକ ରିଜେଣ୍ଟ ଭୁମ ଠାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଭାଜପାର ସକ୍ରିୟ ସଦସ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଲକ୍ଷ୍ମୀଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବରିଷ୍ଠ ନେତା ପଦ୍ମଚରଣ ସାହୁ, ପ୍ରଦୀପ ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ପୂର୍ବତନ ଉପନଗରପାଳ ବସନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ରହି ସକ୍ରିୟ ସଦସ୍ୟ ମାନେ କିପରି ତୃଣମୂଳ ସ୍ତରରୁ ଦଳର ସଙ୍ଗଠନକୁ ଦୃଢ଼ୀଭୂତ କରିବେ ସେ ନେଇ ମାର୍ଗ ଦର୍ଶନ କରିଥିଲେ। ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳରୁ ୩୦୦ରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ କର୍ମଶାଳାରେ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ଥାନୀୟ ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନବକିଶୋର ଶବରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ କେ. ନାରାୟଣ ରାଓ, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ମୋହନା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ପ୍ରଶାନ୍ତ ମଲିକ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବୁଥ୍ ତଥା ଶକ୍ତି କେନ୍ଦ୍ରଗୁଡ଼ିକରେ ସଫଳ ଭାବେ ସଦସ୍ୟ ସଂଗ୍ରହ ଅଭିଯାନ ଇତିମଧ୍ୟରେ ଶେଷ ହୋଇଛି। ଆଗକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ସକ୍ରିୟ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

ବାଲିଗୁଡ଼ା,(ସଞ୍ଜୟ ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡ଼ା ଗାୟତ୍ରୀ ମନ୍ଦିର ପରିସରରେ ଭାଜପା ତରଫରୁ ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ଜିଲା ସଭାପତି ପଣ୍ଡିତ ବିଶିମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସ, ପୂର୍ବତନ ଜିଲା ସଭାପତି ଜଗନ୍ନାଥ ସାହୁ, ଲୋକସଭା କ୍ଷେତ୍ର ଏମ୍‌ପି ପ୍ରତିନିଧି ଦୁର୍ଗା ଚରଣ ଆଚାର୍ଯ୍ୟ, ସଭାନେତ୍ରୀ କଳ୍ପନା କହଁର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁହେଇ ମଞ୍ଚ ପରିଚାଳନା କରିଥିଲେ। ସକ୍ରିୟ ସଦସ୍ୟ ମାନେ କିଭଳି ଭାବରେ ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ ଓ ସଂଗଠନକୁ ମଜବୁତ କରାଇବେ ସେ ନେଇ ବୁଝାଯାଇଥିଲା। ପରେ ଏମ୍‌ପି ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଆୟୁଷ୍ମାନ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ।

## ସଂଘବଦ୍ଧ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ଆସିକା,୧୯।୪(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ କେ. ଭରତପଲ୍ଲୀ ଗ୍ରାମରେ ଶୁକ୍ରବାର ସଂଘବଦ୍ଧ ଆକ୍ରମଣରେ ଗୋଟିଏ ପରିବାରର ୪ଜଣ ଗୁରୁତର ଆହତ ହୋଇଥିଲେ। ପୋଲିସ ଶନିବାର ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାକୋଟ ଗ୍ରାମର ବିଶ୍ୱାମ୍ବର ଦାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଗୋଟିଏ ପଞ୍ଜା ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଆକ୍ରମଣରେ ସଂପୃକ୍ତ ଆଉ ୬ଜଣଙ୍କୁ ଗିରଫ ଲାଗି ଉଦ୍ୟମ ଚାଲିଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସଂଘବଦ୍ଧ ଆକ୍ରମଣରେ କେ. ଭରତପଲ୍ଲୀ ଗ୍ରାମର ଚିତ୍ରସେନ ମଲିକ, ଲକ୍ଷ୍ମଣ ମଲିକ, ନିରଞ୍ଜନ ମଲିକ ଓ ନାରାୟଣ ମଲିକ ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଚିତ୍ରସେନ ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୮୯/୨୫ରେ ଏକ ମାମଲା ରୁଜୁ କରିଥିଲା। ପୂର୍ବରୁ ଚିତ୍ରସେନ ଭଳି ପାଉଥିବା ଜଣେ ଯୁବତୀଙ୍କ ଫଟୋକୁ ମୋବାଇଲ ଫୋନ୍ ହ୍ୱାଟସଆପରେ ରଖିଥିବା ଘଟଣାକୁ ନେଇ ଏହି ଆକ୍ରମଣ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ୨୦୦୨ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ

କେଲଗୁଣ୍ଡା,୧୯।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): କେଲଗୁଣ୍ଡା ବ୍ଲକ୍ କ୍ଷତ୍ରିୟବରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୨ ବ୍ୟାଚ୍ ଦଶମ ଶ୍ରେଣୀ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲାର ଗଦଗଦି ଜଳପ୍ରପାତ ନିକଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ସୁଦାମ ଗୌଡ଼, ଦାଶରଥି ଭୂୟାଁ, ଲଳିତ ମୋହନ ପଟ୍ଟନାୟକ, ଦିବାକର ବିଶୋୟୀ, କିଶୋର ସାହୁ, ରଞ୍ଜନ ବେହେରା, ଶାନ୍ତନୁ ଶତପଥୀ, ମଙ୍ଗଳା ବିଷୋୟୀ, ଅଶୋକ ପରିଚ୍ଛା, କୈଳାସ ଗୌଡ଼, ଚିନ୍ତାମଣି ପ୍ରମୁଖ ପରିଚାଳନା କରିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗ ଦେଇଥିଲେ। ଛାତ୍ରମାନେ ନିଜ ଛାତ୍ର ଜୀବନର ସ୍ମୃତି ଚାରଣ କରିବା ସହିତ ବିଦ୍ୟାଳୟର ପୂର୍ବ ସ୍ଥିତି, ବର୍ତ୍ତମାନର ସ୍ଥିତି, ପ୍ରଗତି ଏବଂ ପଞ୍ଚ ସଖା ଶିକ୍ଷା ସେତୁ ମାଧ୍ୟମରେ କିପରି ବିଦ୍ୟାଳୟର ଅଧିକ ଉନ୍ନତି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

## ବାଇକ୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ



ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଦିଗପହଣ୍ଡି,୧୯।୪(ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର-ଜଗନ୍ନାଥପୁର ଗାଁ ନିକଟରେ ଶନିବାର ଭୋରରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର ଛଣାଣ ପରିଡ଼ା (୫୯)। ଭୋର ପ୍ରାୟ ୪ଟାରେ ଛଣାଣ ଶୌଚ ପାଇଁ ରାସ୍ତାରେ ଯାଉଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ କଚାଡ଼ି ହୋଇ ପଡ଼ିବାରୁ ମୃତ୍ୟୁ ଘଟିଥିଲା। ବାଇକ ଚାଳକ ଏବଂ ୨ ଆରୋହୀ ଭୟଭୀତ ହୋଇ ମୃତଦେହକୁ ରାସ୍ତାକଡ଼ ଏକ ବୁଦା ମଧ୍ୟରେ ପକାଇ ଦେଇ ଚମ୍ପଟ ମାରିଥିଲେ। ଘଟଣା ପ୍ରଚାରିତ ହେବାପରେ ମୃତକଙ୍କ ପରିବାର ଲୋକେ ଏବଂ ରାମଚନ୍ଦ୍ରପୁର ଗ୍ରାମବାସୀ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବା ସହ କ୍ଷତିପୂରଣ ଦାବିରେ ଜଗନ୍ନାଥପୁର - କଙ୍କୋରଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ନିଆଁ ଜଳାଇ ରାସ୍ତାରୋକୋ କରିଥିଲେ। ଖବରପାଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ସକାଳ ପ୍ରାୟ ୮ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପାଟପୁର ପୋଲିସ ଏ ନେଇ ମାମଲା ରୁଜୁ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ବିଚ୍ଛିନ୍ନ

# ଅନ୍ଧାରରେ ରୋଗୀ ସେବା



ଅନ୍ଧାରରେ ରୋଗୀ ସେବା ଯୋଗାଉଛନ୍ତି ଡାକ୍ତର।

ଖଲ୍ଲିକୋଟ,୧୯।୪(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ନ ଥିବା ବେଳେ ଅନ୍ଧାରରେ ରୋଗୀ ଚିକିତ୍ସା ଚାଲିଥିଲା। ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ସମୟରୁ ଖଲ୍ଲିକୋଟ ମେଡିକାଲ ପରିସରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇଯାଇଥିବା ବେଳେ ମେଡିକାଲରେ ଥିବା ୨ଟି ଜେନେରେଟରରେ ଡିଜେଲ ନ ଥିବା କାରଣରୁ ପୁରା ମେଡିକାଲ ଅନ୍ଧାର ହୋଇ ଯାଇଥିଲା। ହେଲେ ରୋଗୀ ସେବା ଚାଲିଥିଲା। ରାଜ୍ୟ ସରକାର ଉତ୍ତମ ରୋଗୀ ସେବା ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଖଲ୍ଲିକୋଟ ମେଡିକାଲରେ ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଖାଲରୁ କ୍ଷତାକ୍ତ ମୃତଦେହ ଜବତ

ଦିଗପହଣ୍ଡି,୧୯।୪(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଧରମପୁର ଗ୍ରାମ ଗୋଲାସାହିର ଜଣେ ବୃଦ୍ଧଙ୍କ ମୃତଦେହ ଶନିବାର ଗାଁ ନିକଟ ଏକ ଖାଲରୁ ମିଳିଛି। ମୃତକ ହେଲେ ବି. କୁଣ୍ଡିଆ(୬୦)। ଶୁକ୍ରବାର ସକାଳେ କୁଣ୍ଡିଆ ଛେଳି ପାଇଁ ଗଛ ଡାଳ ସଂଗ୍ରହ ପାଇଁ ଯାଇଥିଲେ। ସନ୍ଧ୍ୟା ପୁଣା ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶନିବାର ପୂର୍ବାହ୍ନରେ ଗାଁ ନିକଟ ୩୨୬ ନଂ ଜାତୀୟ ରାଜପଥ କଡ଼ର ଏକ ଖାଲରେ କୁଣ୍ଡିଆଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା କେତେଜଣ ଲୋକ ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏନେଇ ପାଟପୁର ଥାନାରେ ଏତଲା ପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ନଂ.୨୧୯/୨୫ରେ ମାମଲା ରୁଜୁ କରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫାଣ୍ଡି ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଗାଁ ଶ୍ମଶାନରେ କୁଣ୍ଡିଆଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# କବିସୂର୍ଯ୍ୟନଗର ଏନଏସି ଉପାଧ୍ୟକ୍ଷ ନେଲେ ଅଧ୍ୟକ୍ଷ ଦାୟିତ୍ୱ



ଦାୟିତ୍ୱ ନେଉଛନ୍ତି ଉପାଧ୍ୟକ୍ଷ।

କବିସୂର୍ଯ୍ୟନଗର,୧୯।୪(କୃପାସିନ୍ଧୁ ସ୍ୱାଇଁ): ଦୀର୍ଘ ୭ ମାସର ବ୍ୟବଧାନ ପରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନ୍ଏସିରେ ଲାଗିରହିଥିବା ବିବାଦର ଅବସାନ ଘଟିଛି। ଏନ୍ଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀଙ୍କ ବିରୋଧରେ ୧୬ ଜଣ କାଉନ୍‌ସିଲର ଅନାସ୍ଥା ଆଣିବା ପରେ ମାର୍ଚ୍ଚ ୧୭ରେ ଅନାସ୍ଥା ଭୋଟରେ ସେ ହାରିଥିଲେ। ଅନାସ୍ଥାର କିଛି ସମୟ ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ତେବେ ଉପାଧ୍ୟକ୍ଷ ସାହୁ ଏନ୍ଏସିର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଶନିବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଦାୟିତ୍ୱ ଗ୍ରହଣ ପରେ ଭାରପ୍ରାପ୍ତ ଅଧ୍ୟକ୍ଷ ସାହୁ ମଧୁବାବୁ ପେନ୍‌ସନ ଯୋଜନାରେ ୫୨ ଜଣ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ୨୦୨୪-୨୫ର ଆର୍ଥିକ ବଜେଟ ଓ ଆକ୍ସନ ପ୍ଲାନ୍ ମଞ୍ଜୁର କରାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିବା ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଆମେ ପୂରଣ କରିବୁ। ଏନ୍ଏସି କାଉନ୍‌ସିଲ ବୈଠକରେ ଗୃହୀତ ନ ହୋଇ କାଉନ୍‌ସିଲମାନଙ୍କ ଅଗୋଚରରେ ଏକ ସଂସ୍ଥା ସହରରେ ଆଲୋକୀକରଣ କାର୍ଯ୍ୟ କରୁଛି। ଏପରି କାର୍ଯ୍ୟ କରିବାକୁ ସେ କିପରି ଅନୁମତି ପାଇଲା ତାହାର ତଦନ୍ତ ହେବ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ସାହୁ କହିଛନ୍ତି। ଆଗାମୀ ଦିନରେ ରାସ୍ତା ସମ୍ପ୍ରସାରଣ, ବସ୍ତାକୁ କାର୍ଯ୍ୟକ୍ଷମ, ଡ୍ରେନେଜ, ପରିମଳ, କଲଭର୍ଟ ନିର୍ମାଣ, ମୁଖ୍ୟରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ହଟାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସାହୁ ପ୍ରକାଶ କରିଛନ୍ତି।

# ସ୍ଲିପର କାଠ ଜବତ କଲା ବନ ବିଭାଗ

ଦାରିଙ୍ଗବାଡ଼ି,୧୯।୪ (ଅରୁଣ ସାହୁ): ପୋଲ ନିର୍ମାଣ କାର୍ଯ୍ୟରେ ମୂଲ୍ୟବାନ ଶାଳ ଗଛ କାଟି ସେଣ୍ଟ୍ରିଂ ପାଇଁ ବ୍ୟବହାର କରାଯାଉଥିବା ସମ୍ପର୍କିତ ଖବର ଶନିବାର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ବନ ବିଭାଗ ତତ୍ପର ହୋଇଛି। ବିଭାଗୀୟ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ବନପାଳ ବନିତା ପ୍ରଧାନ, ବନରକ୍ଷୀ ସଞ୍ଜୀବ ବେହେରା ଶ୍ରମିକଙ୍କୁ ନେଇ ସମସ୍ତ ସେଣ୍ଟ୍ରିଂକୁ ବାହାର କରିବା ସହ ବ୍ୟବହୃତ ଶାଳ କାଠ ଜବତ କରିଛନ୍ତି। ଉକ୍ତ ଠିକାସଂସ୍ଥା ଓ ସେଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନପାଳ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଠିକାସଂସ୍ଥା ପୂର୍ବରୁ ଉକ୍ତ କାଠ ଅନ୍ୟ ଜଙ୍ଗଲରୁ ଆଣିଥିବା ଓ ସେଥିପାଇଁ ଉପଯୁକ୍ତ ପ୍ରମାଣ ଦାଖଲ କରିଥିବା କହୁଥିବା ବେଳେ ବନ ବିଭାଗ ନିକଟରେ କୌଣସି ପ୍ରମାଣପତ୍ର ଦାଖଲ କରିନାହିଁ। ଦୁରାଙ୍ଗିଆରେ ପୋଲ ନିର୍ମାଣ ପାଇଁ ସେଣ୍ଟ୍ରିଂରେ କାଠ ବ୍ୟବହାର କରାଯାଉଥିଲେ ମଧ୍ୟ ଏନେଇ କୌଣସି ଅନୁମତି ନିଆଯାଇ ନାହିଁ ବୋଲି ବନପାଳ ପ୍ରଧାନ କହିଛନ୍ତି। ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା କାଠ ଜବତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୪୦ଟି ମୂଲ୍ୟବାନ କାଠ ଗଣ୍ଡି ସହ ଶତାଧିକ ଛୋଟ କାଠ ଜବତ କରାଯାଇ ସିମନବାଡ଼ି ସେକ୍ସନକୁ ଅଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା ସମ୍ପୃକ୍ତ ଠିକାଦାରଙ୍କୁ ସେଣ୍ଟ୍ରିଂରେ ଷ୍ଟିଲ ପାଇପ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




## ଦୁର୍ଗମ ଗଟାମାହା ଗାଁକୁ ଗଡ଼ିଲା ସରକାରୀ ବସ୍

ଫୁଲବାଣୀ,୧୯।୪(ରାକେଶ କୁମାର ରାଉତ): କନ୍ଧମାଳ ଜିଲାରେ ୨୦୨୪ ଫେବ୍ରୁୟାରୀ ମାସରେ ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଥିଲା। ଏହି ବସ ଗୁଡ଼ିକ ବ୍ଲକ ମୁଖ୍ୟାଳୟ ଠାରୁ ପଞ୍ଚାୟତ ମୁଖ୍ୟାଳୟକୁ ଚଳାଚଳ କରୁଥିଲା। ବସ୍ ଗାଁ ପର୍ଯ୍ୟନ୍ତ ଯାଉ ନ ଥିବାରୁ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଥିଲା। ଏହାକୁ ନେଇ ଯୁବ ଗବେଷକ ତଥା ସମାଜସେବୀ ରାକେଶ କୁମାର ରାଉତ ନିଜ ଗାଁ ଗଟାମାହାକୁ ସରକାରୀ ବସ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗୀୟ ମନ୍ତ୍ରୀ ଓ ସଚିବ, ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ଏବଂ କନ୍ଧମାଳ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରିଥିଲେ। ଶେଷରେ ଶୁକ୍ରବାର ଠାରୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ଗଟାମାହା ଗ୍ରାମକୁ ସରକାରୀ ବସ ଚଳାଚଳ ଆରମ୍ଭ ହୋଇଛି।

# ଧିମେଇଛି ଗାଡ଼ି ବିକ୍ରି ଗତି



ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ ହୋଇଛି। ଏହି ଆର୍ଥିକବର୍ଷରେ ଓଡ଼ିଶାରେ ୮,୦୨,୧୭୯ ୟୁନିଟ୍ ରିଟେଲ ସେଲ ସହ ୨.୨୫ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଚଳିତବର୍ଷ ମାର୍ଚ୍ଚ ମାସରେ ରିଟେଲ ସେଲ ତଥ୍ୟ ଅନୁସାରେ ରାଜ୍ୟରେ ଗାଡ଼ିବିକ୍ରି ପରିମାଣ ଧିମେଇଛି। ୨୦୨୪ ମାର୍ଚ୍ଚ ଏବଂ ୨୦୨୫ ମାର୍ଚ୍ଚ ମାସର ରିଟେଲସେଲକୁ ତୁଳନା କଲେ ୫.୫୧% ହ୍ରାସ ଦେଖିବାକୁ ମିଳିଛି। ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮% ହ୍ରାସ ଦେଖିବାକୁ ମିଳିଥିବାବେଳେ ୩ ଚକିଆ ଯାନ କ୍ଷେତ୍ରରେ ୧.୭୨%, କମର୍ସିଆଲ ଯାନକ୍ଷେତ୍ରରେ ସର୍ବାଧିକ ୨୬.୫୪% ହ୍ରାସ ଘଟିଛି। ପାସେଞ୍ଜର ଯାନକ୍ଷେତ୍ରରେ ୬.୪୪% ଏବଂ ଟ୍ରାକ୍ଟର ବିକ୍ରିରେ ୩୧.୨୭% ଅଭିବୃଦ୍ଧି ହୋଇଛି। 'ବାହନ' ତଥ୍ୟାନୁସାରେ ୨୦୨୫ ପ୍ରଥମ ତ୍ରୈମାସରେ ୪୫ଟି ବର୍ଗରେ ୨,୧୧,୩୧୩ ୟୁନିଟ୍ ଯାନ ବିକ୍ରି ହୋଇଛି। ୨୦୨୪ର ପ୍ରଥମ ତ୍ରୈମାସର ତଥ୍ୟ ଅନୁସାରେ ୫୦ବର୍ଗର ୨,୨୫,୫୩୫ ୟୁନିଟ୍ ଏବଂ ୨୦୨୩ର ପ୍ରଥମ ତ୍ରୈମାସରେ ୫୩ ବର୍ଗର ୧୯୯୦୧୪ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ଅଟୋମୋବାଇଲ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି ବିଶେଷ ନିଜ ନିଜର ମତାମତ ରଖିଛନ୍ତି।



| ଭାରତ | | | | ଓଡ଼ିଶା | | |
|---|---|---|---|---|---|---|
| ଯାନବାହନର ବର୍ଗ | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ |
| ୨ ଚକିଆ | ୧୭୫୨୭୧୧୫ | ୧୮୮୭୭୮୧୨ | ୭.୭୧%ବୃଦ୍ଧି | ୬୧୫୬୫୮ ୟୁନିଟ୍ | ୬୩୮୬୦୩ | ୩.୭୩% ବୃଦ୍ଧି |
| ୩ ଚକିଆ | ୧୧୬୭୯୮୬ | ୧୨୨୦୯୮୧ | ୪.୫୪% ବୃଦ୍ଧି | ୨୦୯୫୨ | ୨୩୪୭୧ | ୧୨.୦୨% ବୃଦ୍ଧି |
| କମର୍ସିଆଲ ଯାନ | ୧୦୧୦୩୨୪ | ୧୦୦୮୬୨୩ | ୦.୧୭% ହ୍ରାସ | ୪୦୬୮୪ | ୩୭୪୩୧ | ୮.୦୦% ହ୍ରାସ |
| ପାସେଞ୍ଜର ଯାନ | ୩୯୬୦୬୦୨ | ୪୧୫୩୪୩୨ | ୪.୮୭% ବୃଦ୍ଧି | ୮୧୦୨୬ | ୮୨୩୨୦ | ୧.୬୦% ବୃଦ୍ଧି |
| ଟ୍ରାକ୍ଟର | ୮୯୨୪୧୦ | ୮୮୩୦୯୫ | ୧.୦୪% ହ୍ରାସ | ୧୮୬୩୮ | ୨୦୩୫୪ | ୯.୨୧% ବୃଦ୍ଧି |
| ସମୁଦାୟ | ୨୪୫୫୮୪୩୭ | ୨୬୧୪୩୯୪୩ | ୬.୪୬% ବୃଦ୍ଧି | ୭୭୬୯୫୮ | ୮୦୨୧୭୯ | ୩.୨୫% |

# ବଢ଼ିଛି ବୈଦ୍ୟୁତିକ ଯାନ ପଞ୍ଜୀକରଣ



ଓଡ଼ିଶାରେ ପଞ୍ଜିକୃତ ବୈଦ୍ୟୁତିକ ଯାନ (ଇଭି) ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୬ ସୁଦ୍ଧା ରାଜ୍ୟରେ ୮,୫୮୧ ଦୁଇ ଚକିଆ ଇଭି, ୯୬୫ ତିନି ଚକିଆ, ୮୫୪ ଚାରି ଚକିଆ ଏବଂ ୭୩ ବସ ପଞ୍ଜୀକୃତ ହୋଇଛି। ସରକାର ଏ ପର୍ଯ୍ୟନ୍ତ ମୋଟ '୨୩୨.୪୫ କୋଟି ସବସିଡି ରାଶି ପ୍ରଦାନ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତି ୨୦୨୧ ଅଧୀନରେ ୧,୨୨,୫୭୮ ହିତାଧିକାରୀଙ୍କୁ ଲାଭ ଦେଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଇଭି ନୀତି ଅଧୀନରେ ପଞ୍ଜିକୃତ ଯାନବାହନ ସଂଖ୍ୟା ଏବଂ ବଣ୍ଟନ କରାଯାଇଥିବା ସବସିଡି ଏ ବିଷୟରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଡ଼ିଶା ବିଧାନସଭାକୁ ସୂଚନା ଦେଇଥିଲେ।

ଅନ୍ୟପଟେ ରାଜ୍ୟରେ ଇଭି ପାଇଁ ଭିତ୍ତିଭୂମିରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। ବିଶେଷକରି ଚାର୍ଜିଷ୍ଟେଶନ ସ୍ଥାପନର ଆବଶ୍ୟକତା ପରିଲକ୍ଷିତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସୂଚନାନୁସାରେ ଦେଶରେ ସମୁଦାୟ ୨୬୩୬ ଚାର୍ଜି ଷ୍ଟେଶନ ରହିଥିବବେବେଳେ ଓଡ଼ିଶାରେ ମାତ୍ର ୧୮ଟି ଚାର୍ଜିଂଷ୍ଟେଶନ ରହିଛି।



## ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ

" ବିବାହ ଋତୁରେ ଗାଡ଼ି ବଜାର ଭଲ ପ୍ରଦର୍ଶନ କରିଥାଏ। ମାତ୍ର ଚଳିତବର୍ଷ ଏହା ଭଲ ପରିଦର୍ଶନ କରିନାହିଁ। ଯଦିଓ ପ୍ରିମିୟମ୍ ସେଗମେଣ୍ଟରେ ସେପରି ପ୍ରଭାବ ପଡ଼ିନାହିଁ ବର୍ତ୍ତମାନ ଲୋୟର ସେଗମେଣ୍ଟରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯୁବପିଢ଼ି ବିଶେଷ କରି ସହରାଞ୍ଚଳ ଗ୍ରାହକ ବର୍ତ୍ତମାନ ବର୍ତ୍ତମାନ ୧୦୦ରୁ ୧୫୦ ସିସି ଦୁଇ ଚକିଆ ଯା ପରିବର୍ତ୍ତେ ସେମାନେ ଇଭି ସ୍କୁଟର ବ୍ୟବହାର କରିବାକୁ ଚାହୁଁଛନ୍ତି। ଚାରିଚକିଆ ଯାନ ପାଇଁ ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ ରହିଛି। ମାତ୍ର ଦୁଇଚକିଆ ଇଭି ସ୍କୁଟର କ୍ଷେତ୍ରରେ ସେପରି ସମସ୍ୟା ନାହିଁ। ଦୁଇଚକିଆ ଯାନ ଚଳାଉଥିବା ଅଧିକାଂଶ ଲୋକ ଦିନକୁ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥା'ନ୍ତି। ତେଣୁ ଏଥିପାଇଁ ନିଜ ଘରେ ଥରେ ଇଭି ସ୍କୁଟର ଚାର୍ଜ କରି ସେ ଯାତ୍ରା କରିପାରନ୍ତି। ସେହିପରି ସହରାଞ୍ଚଳରେ ବିଶେଷ ସମସ୍ୟା ନାହିଁ ମାତ୍ର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିବାରେ ଏବେ ଅନେକ ଆହ୍ୱାନ ରହିଛି।



– ମନସୁର ବକ୍ସ, ପରିଚାଳନା ନିର୍ଦ୍ଦେଶକ, ଏମ୍ଏସ୍‌ବି ବଜାଜ୍

## ଗ୍ରାମୀଣ ଅଞ୍ଚଳରେ ଚାହିଦା ବୃଦ୍ଧି ଜରୁରୀ

" ଅଟୋଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି ଯେଉଁଠାରେ ଅଭିବୃଦ୍ଧିକୁ ରଣନୈତିକ ସତର୍କତା ସହିତ ସ୍ଥିର କରାଯିବା ଆବଶ୍ୟକ। ଆଗାମୀ ଦିନରେ ଏହି ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇ ଗ୍ରାମୀଣ ଏବଂ ଅର୍ଦ୍ଧସହରାଞ୍ଚଳରେ ଚାହିଦା ବୃଦ୍ଧି କରିବା ଜରୁରୀ। ସେହିପରି ବୈଦ୍ୟୁତିକ ଯାନ ଭିତ୍ତିଭୂମକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ଇନଭେଣ୍ଟରୀ ଏବଂ ରିଟେଲ ଷ୍ଟ୍ରାଟେଜି କାର୍ଯ୍ୟକାରୀ କରିବା ସହ ବାସ୍ତବବାଦୀ ବ୍ୟବସାୟ ଯୋଜନା ପାଇଁ ଓଇଏମ୍-ଡିଲର ସହଭାଗୀତାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅଟୋମୋବାଇଲ ଶିଳ୍ପ କ୍ଷେତ୍ରର ପୁନରୁଦ୍ଧାର ପାଇଁ ବିଶେଷକରି ବ୍ୟକ୍ତିଗତ ଅଟୋମୋବାଇଲ କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ପାଇଁ ସମୟ, ନିବେଶ ଏବଂ ସମନ୍ୱିତ କାର୍ଯ୍ୟର ଗୁରୁତ୍ୱ ରହିଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସମୋୟଚିତ ପଦକ୍ଷେପ, ଉତ୍ତମ ବ୍ୟବସାୟିକ ରଣନୀତି ଭାରତୀୟ ଅଟୋମୋବାଇଲ ଶିଳ୍ପ ଏହି ପରିବର୍ତ୍ତନକୁ ବୃଦ୍ଧି କରିପାରିବ ଏବଂ ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଏହି କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇପାରିବ।



– ସମଶେର ସିଂ ହୁରା, ସିଇଓ ଏବଂ ପ୍ରତିଷ୍ଠାତା, ଜାଶ୍ ମୋଟସର୍ସ ,ସମ୍ବଲପୁର

## କମର୍ସିଆଲ ଯାନ ବଜାର ମାନ୍ଦା ପଡ଼ିଛି

" କମର୍ସିଆଲ ଯାନ କ୍ଷେତ୍ରରେ ଓଡ଼ିଶା ବଜାର ଟିକେ ମାନ୍ଦା ପଡ଼ିଛି । ନୂଆ ସରକାର ଗଠନ ହୋଇଥିବାରୁ ଏଦିଗରେ ପ୍ରୋତ୍ସାହନ ପ୍ରଦାନ ନେଇ ରାଜ୍ୟ ସରକାର ବର୍ତ୍ତମାନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯୋଜନାକୁ ରୂପରେଖ ଦେବାରେ ସାମାନ୍ୟ ବିଳମ୍ବ ହୋଇପାରେ ମାତ୍ର ଆଗକୁ ୫୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଆଶା କରାଯାଉଛି। କମର୍ସିଆଲ ଯାନ ବିକ୍ରି କ୍ଷେତ୍ରରେ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ କିଛି ପାର୍ଥକ୍ୟ ନାହିଁ। ଯେଉଠାରେ ଶିଳ୍ପ ରହିଛି ସେଠାରେ ଏହି ବର୍ଗର ଯାନ ବିକ୍ରି ହେବ। ନିକଟରେ ରାଜ୍ୟ ସରକାର ଅନେକ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିଛନ୍ତି। ତେଣୁ ରାଜ୍ୟରେ ଶିଳ୍ପ ଯେତେ ସୁଦୃଢ଼ ହେବ କମର୍ସିଆଲ ଯାନ ବିକ୍ରିର ପରିମାଣ ମଧ୍ୟ ବଢ଼ିବ। ମୋ ଜାଣିବାରେ କମ ଟନେଜ ପରିବହନ କରୁଥିବା ଯାନ ତୁଳନାରେ ଅଧିକ ଟନେଜ ପରିବହନ କରୁଥିବା ଯାନ ସଂଖ୍ୟା ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଭଲ ରାସ୍ତା, କମ ମୂଲ୍ୟ ଏବଂ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ସାମଗ୍ରୀ। ପୂର୍ବରୁ ନବାଗତଙ୍କ ପାଇଁ ଋଣ ପାଇବା କଷ୍ଟସାଧ ଥିଲାବେଳେ ଏହା ବର୍ତ୍ତମାନ ସହଜ ହୋଇଯାଇଛି।



– ବିମଳେନ୍ଦୁ ମହାନ୍ତି, ଏମଡି, ତୃପ୍ତି ଟାଟା(ତୃପ୍ତି ଗ୍ରୁପ୍)

## ପୂର୍ବ ବର୍ଷର ଚାହିଦା ହ୍ରାସର ପ୍ରଭାବ ପଡିଛି

" ଆର୍ଥିକ ବର୍ଷ ଶେଷ ପୂର୍ବରୁ ମୂଲ୍ୟହ୍ରାସ ଭତ୍ତାରୁ ଲାଭ ଉଠାଇବା ଏବଂ ଏପ୍ରିଲର ମୂଲ୍ୟ ବୃଦ୍ଧିର ଲାଭ ଉଠାଇବା ପାଇଁ କର୍ପୋରେଟ ଏବଂ ବ୍ୟକ୍ତିଗତ କ୍ରୟ ବଢ଼ିଥାଏ। ତେବେ ୨୦୨୫ ମାର୍ଚ୍ଚରେ ଅଧିକ ରିହାତି ଏବଂ ସାମଗ୍ରୀ ଚାପ ଏବଂ ଦୁର୍ବଳ ଗ୍ରାମୀଣ ଭାବନା କାରଣରୁ ଏହି ସେଗମେଣ୍ଟରେ ସାମାନ୍ୟ ଅଭିବୃଦ୍ଧି ଘଟିଥିଲା । ପର୍ବପର୍ବାଣୀ ବୃଦ୍ଧି ସତ୍ତ୍ୱେ ବଜାରରେ ଅନିଶ୍ଚିତତା ଏବଂ ଆଇସିଇ ସେଗମେଣ୍ଟରେ କୌଣସି ବଡ଼ ଉତ୍ପାଦ ଉନ୍ମୋଚନ ମଧ୍ୟ ସ୍ଥିର ଚାହିଦା ଦେଇନଥିଲା ଏବଂ ପୂର୍ବ ବର୍ଷର ଚାହିଦା ହ୍ରାସ ଯୋଗୁଁ ଚଳିତ ବର୍ଷ ଅଭିବୃଦ୍ଧି ହ୍ରାସ ପାଇଛି। ତେବେ ଏସୟୁଭିର ପ୍ରବଳ ଚାହିଦା ରହିଛ। ବଜାର ଏହି ସେଗମେଣ୍ଟରେ ଚାହିଦାକୁ ସମର୍ଥନ ଜାରି ରଖିଛି। ଟୋୟୋଟା ସହିତ ଆମେ ହାଇବ୍ରାଇଡରରେ ଦୃଢ଼ ଚାହିଦା ଦେଖୁଛୁ । ଏହା ବହୁତ ସକାରାତ୍ମକ ପ୍ରଭାବ ପକାଇଛି। ସରକାରୀ ପ୍ରୋତ୍ସାହନ ୨ ଚକିଆ ସେଗମେଣ୍ଟରେ ଇଭି ବିକ୍ରିକୁ ଯଥେଷ୍ଟ ବୃଦ୍ଧି କରିଛି। ମାତ୍ର ମୋ ଜାଣିବାରେ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଓଡ଼ିଶାରେ ଚାର୍ଜି ଷ୍ଟେଶନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସରକାର ଉତ୍ତରପ୍ରଦେଶ ପରି ଅନ୍ୟ ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ହାଇବ୍ରିଡ ମଡେଲ ଉପରେ ସମାନ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍। ବିକ୍ରୟ ଚାହିଦା, ସୁଧ ହାର, ମୌସୁମୀ, ନୂତନ ଉତ୍ପାଦ ଉନ୍ମୋଚନ ଇତ୍ୟାଦି ଅନେକ କାରଣ ଉପରେ ନିର୍ଭର କରେ, ମାତ୍ର ଏ କ୍ଷେତ୍ରରେ ମୁଁ ଖୁବ୍ ଆଶାବାଦୀ ଅଛି। ଇଣ୍ଡଷ୍ଟ୍ରି ପ୍ରିମିୟମ ବୈଶିଷ୍ଟ୍ୟ ଏବଂ ଏସୟୁଭି ଉପରେ ଧ୍ୟାନ ଦେଇ ଭଲ୍ୟୁମ ଅଭିବୃଦ୍ଧିରୁ ମୂଲ୍ୟ ଭିତ୍ତିକ ଅଭିବୃଦ୍ଧିକୁ ପରିବର୍ତ୍ତନ କରିବ।



– ସିଦ୍ଧାର୍ଥ ଗର୍ଗ, ନିର୍ଦ୍ଦେଶକ, ଗର୍ଗସନ ଗ୍ରୁପ୍

## ସ୍କ୍ରାପେଜ ନୀତି କଡ଼ାକଡ଼ି ହେବା ଜରୁରୀ

" କୋଭିଡ ପରେ ଓଡ଼ିଶାରେ ଅଟୋମୋବାଇଲ କ୍ଷେତ୍ରର ପ୍ରାରମ୍ଭିକ ଚାହିଦା ବଢ଼ିବା ପରେ ଅଭିବୃଦ୍ଧିରେ ସ୍ଥିରତା ଦେଖାଦେଇଛି। ଏହାପଛରେ ଅନେକ କାରଣ ରହିଛି। ନୂଆ ସରକାର ଗଠନ ସହିତ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ରୂପେ ସରଗରମ ହୋଇଛି । ଯାହାର ପରିଣାମ ସ୍ୱରୂପ ନୀତି ନିର୍ଦ୍ଧାରଣ ହାର, ଭିତ୍ତିଭୂମି ବିକାଶ ଏବଂ ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ ମନ୍ଥର ହୋଇଛି। ଗତ କିଛି ବର୍ଷ ମଧ୍ୟରେ ସୁଧ ହାରରେ କ୍ରମାଗତ ବୃଦ୍ଧି ଘଟିଛି, ଯାହାଫଳରେ କ୍ରୟ ମୂଲ୍ୟ ଅଧିକ ହେବ । ଏହି ଉତ୍ପାଦଗୁଡ଼ିକ ପାଇଁ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା। ବିଶେଷ କରି ୪ ଚକିଆ ଓ ୩ ଚକିଆ ଯାନ ବଜାରରେ ଇଭି ଯାନରେ ପରିଣତ ହେବା ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଛି। ଭିତ୍ତିଭୂମି ପାଣ୍ଠି ଉପରେ ଗୁରୁତ୍ୱ ଦେବା, ସଡ଼କ ଓ ଖଣି ଠିକା ପୁନଃ ଆରମ୍ଭ କରିବା, ଯାହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ଭାବେ ୪ ଚକିଆ ଚାହିଦାକୁ ବଢ଼ାଇବ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସ୍କ୍ରାପେଜ ନୀତିକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଇଭି କ୍ଷେତ୍ରକୁ ଅଭିବୃଦ୍ଧିରେ ସାହାଯ୍ୟ କରିବା ପାଇଁ, ବିଭିନ୍ନ ସୁବିଧା ପ୍ରଦାନପୂର୍ବକ ରାଜ୍ୟ ସରକାରଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନର ଆବଶ୍ୟକତା ରହିଛି।



ବ୍ରିଜେଶ ମେହେର, ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଅଟୋମୋବାଇଲ, ବଲାଙ୍ଗିର

## ସେଡାନ ସେଗମେଣ୍ଟରେ ଚାହିଦା କମୁଛି

" ମାର୍ଚ୍ଚ ମାସ ରିପୋର୍ଟକୁ ଅନୁଧାନ କଲେ ଜଣାପଡୁଛି ଓଡ଼ିଶାରେ ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮ ପ୍ରତିଶତ ହ୍ରାସ ଘଟିଛି। ମାତ୍ର ପାସେଞ୍ଜର ଗାଡ଼ି କ୍ଷେତ୍ରରେ ୬.୪୪% ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଜାତୀୟ ସ୍ତରରେ କମ୍ପାକ୍ଟ ଏସୟୁଭିର ଚାହିଦା ଦେଖିବାକୁ ମିଳୁଛି। ୫୦%ରୁ ଅଧିକ ଗ୍ରାହକ ଏହି ସେଗମେଣ୍ଟକୁ ବାଛିଛନ୍ତି। ଓଡ଼ିଶାରେ ମଧ ଏହି ଧାରା ପ୍ରତିଫଳିତ ହେଉଛି, ଯେଉଁଠାରେ କମ୍ପାକ୍ଟ ଏସୟୁଭି ଗ୍ରାହକଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ପୂର୍ବରୁ ଭାରତୀୟ ଅଟୋମୋବାଇଲ ବଜାରରେ ଏକ ପ୍ରଭାବଶାଳୀ ସ୍ଥାନ ରେ ଥିବା ସେଡାନ ସେଗମେଣ୍ଟରେ ଏବେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳୁଛି। ପ୍ରମୁଖ ଓଇଏମ ଗୁଡ଼ିକ ଧୀରେ ଧୀରେ ଏହି ବର୍ଗରୁ ଦୂରେଇ ଯାଉଛନ୍ତି, ସାମଗ୍ରିକ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ସମୁଦାୟ ୩ରୁ ୪ଟି ସେଡାନ ମଡେଲ ପ୍ରଦାନ କରୁଛନ୍ତି। ତେଣୁ ବିଶେଷ କରି ସେଡାନ ବର୍ଗରେ ଆଉ ଇନଭେଣ୍ଟୋରୀ ଲେଭେଲ ନାହିଁ। ବୈଦ୍ୟୁତିକ ଯାନ(ଇଭି) ଗ୍ରହଣରେ ଯଥେଷ୍ଟ ଅଭିବୃଦ୍ଧି ଏବଂ ଚାର୍ଜି ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଥିବାରୁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ଏକ ଆଶାଜନକ ମାର୍ଗରେ ଗତି କରୁଛି। ଏହି ଗତିକୁ ବଜାୟ ରଖିବା ଏବଂ ଦୀର୍ଘମିଆଦୀ ସ୍ଥାୟୀତା ଲକ୍ଷ୍ୟ ହାସଲ କରିବା ପାଇଁ ଚାର୍ଜି ସୁବିଧା ଏବଂ ଜନସଚେତନତା କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋଟାମୋଟି ଭାବେ ସହରରେ ଇଭିର ଅଭିବୃଦ୍ଧି ଓ ବଜାର ଅଂଶ ବୃଦ୍ଧି ପାଉଛି।



– ପ୍ରଦୀପ ଅଗ୍ରୱାଲ, ଟ୍ରେଜେରର, ଫାଡା

## ଅଧିକ ଗବେଷଣା ଜରୁରୀ

" ଅଟୋମୋବାଇଲ କ୍ଷେତ୍ରରେ ଅଭିନବତାର ଅଭାବ କାରଣରୁ ଅଟୋମୋବାଇଲ କ୍ଷେତ୍ର କିଛି ପରିମାଣରେ ପଛାଇଯାଇଛି। ପାଶ୍ଚାତ୍ୟ ଦେଶତୁଳନାରେ ଅଟୋମୋବାଇଲ କ୍ଷେତ୍ରରେ ଆମକୁ ଅଧିକ ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ସେହପରି ଟିକସ ହ୍ରାସ ଦ୍ୱାରା ଉଚ୍ଚ ଅଭିବୃଦ୍ଧି ହୋଇପାରେ। ଉତ୍ତମ ସ୍କ୍ରାପେଜ ବୋନସ ମଧ୍ୟ ଅଟୋମୋବାଇଲ ଶିଳ୍ପକୁ ପ୍ରୋତ୍ସାହିତ କରିପାରିବ ବୋଲି ଆଶା କରୁଛି।



– ପବନ କୁମାର ସୁଲତାନିଆ, ପରିଚାଳନା ନିର୍ଦ୍ଦେଶକ, ଇନଫିନିଟି ଭେଞ୍ଚର, ଝାରସୁଗୁଡ଼ା

## ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି

" ଭାରତୀୟ ଅଟୋମୋବାଇଲକ୍ଷେତ୍ର ବିଫଳ ହୋଇନାହିଁ, ବରଂ ଅନେକ ପରସ୍ପର ସହ ଜଡ଼ିତ ଆହ୍ୱାନ କାରଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଏବଂ ସାମୟିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ନିମ୍ନ ଉପଭୋକ୍ତା ଭାବନା, କୋଭିଡ ପରବର୍ତ୍ତୀ ଆର୍ଥିକ ଚାପ, ମୁଦ୍ରାସ୍ଫୀତି ଏବଂ ଆୟରେ ଅନିଶ୍ଚିତତା କ୍ରୟ ପରିମାଣ ହ୍ରାସ କରିଛି। ୨ ଚକିଆ ଓ କ୍ଷୁଦ୍ର ଯାନ ବିକ୍ରିର ଏକ ମଜବୁତ ସ୍ତମ୍ଭ ଭାବେ ପରିଚିତ ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି। ଇଭି ଏବଂ ନିୟାମକ ଚାପରେ ପରିବର୍ତ୍ତନ, ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତି ବିନା ହଠାତ୍ ଇଲେକ୍ଟ୍ରିକ ଯାନ (ଇଭି)ର ପ୍ରବେଶ ଦ୍ୱାରା କ୍ରେତାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ବାରମ୍ବାର ନିୟାମକ ପରିବର୍ତ୍ତନ ଯୋଗୁଁ ଗାଡିର ମୂଲ୍ୟ ବୃଦ୍ଧି ପାଇଥିଲା। ସେହିପରି ସେମିକଣ୍ଡକ୍ଟର ଅଭାବ, କଞ୍ଚାମାଲ ମୂଲ୍ୟ ବୃଦ୍ଧି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ବିଳମ୍ବ ଉତ୍ପାଦନ ସମୟସୀମାକୁ ପ୍ରଭାବିତ କରିଛି । ତୈଳ ଦର ବୃଦ୍ଧି, ବୀମା ପ୍ରିମିୟମ, ପଞ୍ଜୀକରଣ ଶୁଳ୍କ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ମାଲିକାନାକୁ ପ୍ରଭାବିତ କରିଛି। ସହରୀ ଯୁବପିଢ଼ି ମାଲିକାନା ଅପେକ୍ଷା ଅଂଶୀଦାର ଗତିଶୀଳତା (ଓଲା, ଉବର) ପସନ୍ଦ କରନ୍ତି। ଆଇସିଇ ଏବଂ ଇଭିକୁ ସମାନ୍ତରାଳ ଭାବରେ ପ୍ରୋତ୍ସାହିତ କରି ଟିୟର ୨/୩ ବଜାରରେ ଆଇସିଇ ଏବେ ବି ପ୍ରାସଙ୍ଗିକତା ରଖିଛି। ସବ ସିଡି/ପ୍ରୋତ୍ସାହନ କେବଳ ଇଭିରେ ସୀମିତ ରହିବା ଉଚିତ ନୁହେଁ।



ମନୋରଞ୍ଜନ ଦାସ, ପରିଚାଳନା ନିର୍ଦ୍ଦେଶକ, ପିଏମଜି ମୋଟର୍ସ, କଟକ

## ବଜାର ସ୍ଥିରତା ପାଇଁ ସତର୍କତା ଜରୁରୀ

" ବର୍ତ୍ତମାନର ବିଶ୍ୱ ପରିବେଶ ନିଶ୍ଚିତ ଭାବରେ ଅନିଶ୍ଚିତତା ଦେଇ ଗତି କରୁଛି, ଯାହା ଫଳରେ ବାଣିଜ୍ୟ ଏବଂ ନିବେଶକୁ ପ୍ରଭାବିତ କରୁଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଏଆଇ ସମନ୍ୱିତ ଚାକିରି ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରୁଛି । ବିଶେଷକରି କାର ପରି ବଡ଼ କ୍ରୟ ସହିତ ସତର୍କ ଗ୍ରାହକ ଆଚରଣ, ଷ୍ଟକ ଏକ୍ସଚେଞ୍ଜରେ କରାଯାଇଥିବା ନିବେଶରେ ଅନିଶ୍ଚିତତା, ଇଏମଆଇ (ମାସିକ କିସ୍ତି) ପ୍ରତି ପ୍ରତିଶ୍ରୁତିବଦ୍ଧ ହେବାରେ ସଂକୋଚ ଏହି ଅନିଶ୍ଚିତତାକୁ ପ୍ରତିଫଳିତ କରୁଛି। ଉନ୍ନତ ଇଭି (ବୈଦ୍ୟୁତିକ ଯାନ) ବିକଳ୍ପ, ପୁଞ୍ଜି କ୍ରୟକୁ ସ୍ଥଗିତ ରଖିବା ଏବଂ ବଜାରରେ ଅଧିକ ସ୍ଥିରତା ଏବଂ ସ୍ୱଚ୍ଛତା ନଆସିବା ପର୍ଯ୍ୟନ୍ତ ଏହି ସତର୍କ ଆଭିମୁଖ୍ୟ ଜାରି ରହିବାର ସମ୍ଭାବନା ଅଛି।



– ଅଖିଳ ପୋଦାର, ଚେୟାରପର୍ସନ, ଫାଡା, ଓଡ଼ିଶା

## ସବ୍‌ସିଡି ପ୍ରଦାନ ଟ୍ରାକ୍ଟର ବିକ୍ରି ବଢ଼ାଇଛି

" ଓଡ଼ିଶାରେ ନୂଆ ସରକାର ଗଠନ ଓ ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି କାରଣ ସାଧାରଣତଃ ସରକାରଙ୍କୁ ସମାଧାନ ହେବାକୁ କିଛି ସମୟ ଲାଗିଥାଏ। ନୂତନ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ନବୀକରଣ ଏବଂ ନୂତନ ଲିଜ ପ୍ରଦାନ ଯୋଗୁଁ ମାନ୍ଦାବସ୍ଥା ସହିତ ଖଣି ଶିଳ୍ପରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯଦିଓ କର୍ପୋରେଟ କ୍ରେତା, ଠିକାଦାର ଯେଉଁମାନଙ୍କ ପାଖରେ ଏକ ଦୃଢ଼ ଅର୍ଡର ବୁକ ଥିଲା ସେମାନେ ଗାଡ଼ି କିଣିବା ଜାରି ରଖିଥିଲେ ମଧ ଖୁଚୁରା ଗ୍ରାହକ ଏବଂ ପ୍ରଥମ ଥର କ୍ରେତାମାନେ ଗାଡ଼ି ବଜାରର ଏକ ପ୍ରମୁଖ ଅଂଶ ହୋଇଥିବା କମ ବଜାର ଭାବନା କାରଣରୁ କିଣିବାରୁ ଦୂରେଇ ରହିଥିଲେ। ତେବେ ଟ୍ରାକ୍ଟର ପିଛା ୧୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ୮୦ ୟୁନିଟ ସବସିଡି ପ୍ରଦାନ କରି କୃଷକମାନଙ୍କୁ ଉପକୃତ କରିବା ପାଇଁ ସରକାର ଗୁରୁତ୍ୱାରୋପ କରିଥିଲେ ଏହା ଟ୍ରାକ୍ଟର ଶିଳ୍ପ ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି କହିପାରିବା। ସାମଗ୍ରିକ ଭାବରେ ଏକ ସକାରାତ୍ମକ ଭାବନା ଥିଲା ଏବଂ ଧାନ ଭଳି ଫସଲର ଉତ୍ତମ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସହିତ ସବସିଡ଼ି ଏବଂ ଚାଷୀଙ୍କ ଆକାଉଣ୍ଟକୁ ତୁରନ୍ତ ରାଶି ବଣ୍ଟନ ଟ୍ରାକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା



– ତେଜିନ୍ଦର ସିଂହ ଭୁମର, ନିର୍ଦ୍ଦେଶକ, ପାରାମାଉଣ୍ଟ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍

## ପାରମ୍ପରିକ ଯାନକୁ ପ୍ରୋତ୍ସାହନ ମିଳୁ


" ଅର୍ଥନୈତିକ ମାନ୍ଦାବସ୍ଥା, ଉପଭୋକ୍ତା କ୍ରୟ ଶକ୍ତି ହ୍ରାସ, ଚାକିରି ଅନିଶ୍ଚିତତା ଏବଂ ସାମଗ୍ରିକ ଅର୍ଥନୈତିକ ଚାପ ଯୋଗୁଁ ଗାଡ଼ି ଭଳି ବଡ଼ ବଡ଼ ଜିନିଷ ଉପରେ ଉପଭୋକ୍ତା ଖର୍ଚ୍ଚ ହ୍ରାସ ପାଇଛି। କୋଭିଡ-୧୯ର ପ୍ରଭାବ, ବଢ଼ୁଥିବା ଗାଡ଼ି ଦର ସହ ଇଲେକ୍ଟ୍ରିକ ଯାନ (ଇଭି)କୁ ଗ୍ରହଣ ପ୍ରତି ଉଦ୍ୟମ ଜାରି ରହିଥିବାରୁ ଯାନବିକ୍ରି କ୍ଷେତରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ସରକାର ଉଭୟ ଇଭି ଏବଂ ପାରମ୍ପରିକ ଯାନ ବର୍ଗରେ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍ । ଯାନବାହନ ଉପରେ ଅସ୍ଥାୟୀ ଜିଏସଟି ହ୍ରାସ ଚାହିଦା ବଢ଼ାଇପାରେ। ଇଭି ଇକୋସିଷ୍ଟମକୁ ମଜବୁତ କରିବାକୁ ମଧ ପଡ଼ିବ। ଚାର୍ଜିଂ ଷ୍ଟେସନ, ବ୍ୟାଟେରୀ ସ୍ୱାପିଂ ଏବଂ ଇଭି ଯନ୍ତ୍ରାଂଶର ସ୍ଥାନୀୟ ଉତ୍ପାଦନ ପରି ଇଭି ଭିତ୍ତିଭୂମିର ଦ୍ରୁତ ବିକାଶ ଉପଭୋକ୍ତାଙ୍କ ଦ୍ୱିଧାକୁ ହ୍ରାସ କରିବ। ସେହିପରି ଗ୍ରାମୀଣ ଭାରତରେ ସ୍ୱତନ୍ତ୍ର ଆର୍ଥିକ ଯୋଜନା, ସବସିଡି ପ୍ରଦାନ ଦ୍ୱାରା ଦୁଇ ଚକିଆ ଯାନ ଏବଂ କାର ବିକ୍ରିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ। ପରିବର୍ତ୍ତିତ ଅଟୋ ଲ୍ୟାଣ୍ଡସ୍କେପ ସହିତ ଖାପ ଖୁଆଇବା ପାଇଁ କ୍ଷୁଦ୍ର ଯୋଗାଣକାରୀମାନଙ୍କୁ କ୍ରେଡିଟ ଏବଂ ବୈଷୟିକ ସହାୟତାର ଆବଶ୍ୟକତା ରହିଛି। ଏହାସହ ଏନବିଏଫସିର ପୁନରୁଦ୍ଧାର ଏବଂ ନମନୀୟ ଋଣ ଯୋଜନା ନିମ୍ନ ଏବଂ ମଧ୍ୟମ ଆୟ କାରୀ କମ୍ପାନୀକୁ ସାହାଯ୍ୟ କରିପାରିବ।




– ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଏମଜି ଆଣ୍ଡ ସେଣ୍ଟ୍ରାଲ ବିୱାଇଡି

# ସଫଳତା ପାଇଁ...

**ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି। ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡ଼େ। କେବେ କେବେ ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ । ହେଲେ ଏଥିରେ ଭାଙ୍ଗି ପଡ଼ିଲେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ବୁଦ୍ଧିମତ୍ତାର କାର୍ଯ୍ୟ...**





ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟପଥରେ ଆଗେଇ ଯିବା ଦରକାର। ତେଣୁ ଜୀବନରେ ଆଗକୁ ବଢ଼ିବା ଲାଗି କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପ୍ରଥମେ କରନ୍ତୁ ପ୍ଲାନିଂ:** ସଫଳତା ଏତେ ସହଜରେ ମିଳେନାହିଁ। ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରିବା ଦରକାର। ଜବ୍, ବିଜ୍‌ନେସ୍ ହେଉ କିମ୍ବା ରୁଚିଥିବା ଯେକୌଣସି କ୍ଷେତ୍ରରେ ସଫଳ ହେବାକୁ ହେଲେ ଏକ ଯୋଜନା ମୁତାବକ କାର୍ଯ୍ୟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଉ ପ୍ରଥମରୁ ହିଁ ଏକ ସକାରାତ୍ମକ ଚିନ୍ତା ରଖି ଏହାକୁ ଅନୁସରଣକରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଭୟ ଦୂରାନ୍ତୁ :** ହାରିବା ବା ବିଫଳତାର ଡର ମନରୁ ସମ୍ପୂର୍ଣ୍ଣ ଦୂରେଇ ଉଦ୍ୟମ ଜାରି ରଖିବା ଦରକାର। କାରଣ ସବୁବେଳେ ଭୟ ରହିଲେ ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟାକଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ ଏବଂ ନିଜ ମନକୁ ଦୃଢ଼କଲେ ସଫଳତାର ମାର୍ଗ ସହଜ ହୋଇପାରିବ।

**ଛାଡ଼ନ୍ତୁ ଜିଦ୍:** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡ଼ି ବସନ୍ତି। ହେଲେ ଖରାପ ଜିଦ୍ ସବୁବେଳେ ଖରାପ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।

**ହୁଅନ୍ତୁନି ଅଳସୁଆ :** ଆଳସ୍ୟ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଅଳସୁଆ ହୋଇ ଯେକୌଣସି କାର୍ଯ୍ୟରେ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ସବୁବେଳେ ନିଜକୁ ଆକ୍ଟିଭ୍ ରଖିବା ସହ ଯେତେ ଅଧିକରୁ ଅଧିକ ଉଦ୍ୟମ କରିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନାହିଁ। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।






**ଓଭର କନ୍ଫିଡେନ୍ସ ରଖନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହି କେହି ଏହାର ଅପବ୍ୟବହାରକରି ବସନ୍ତି, ଆଉ ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ ଶତ୍ରୁ ପାଲଟିଯାଏ। ଉଦାହରଣ ସ୍ୱରୂପ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟକୁ ଅନେକେ ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବା ଭାବି ଅବହେଳାକରି ବସନ୍ତି ଏବଂ ପରବର୍ତ୍ତୀ ସମୟରେ ତାହା ବଢ଼ି ବଢ଼ି ଚାଲେ ଏବଂ ଯଥା ସମୟରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ମନେରଖନ୍ତୁ, ଓଭର କନ୍ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳହେବା ଦରକାର।

**ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା। ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ସଫଳ ହୋଇପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ।

## ସ୍ୱାସ୍ଥ୍ୟ ଆଲର୍ଟ

# ଟକ୍ସିକ୍ ଫୁଡ୍

**ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଖାଦ୍ୟ ଆମେ ବାରମ୍ବାର ଖାଇବାକୁ ଭଲ ପାଉ। ହେଲେ ଜାଣନ୍ତିକି, ଏଭଳି କେତୋଟି ଖାଦ୍ୟ ରହିଛି ଯାହାକି ସ୍ୱାଦିଷ୍ଟ ହୋଇଥିଲେ ହେଁ ଫ୍ୟାଟି ଲିଭର ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ଜାଣନ୍ତୁ ସୁସ୍ଥ ରହିବା ଲାଗି କେଉଁ ସବୁ ଟକ୍ସିକ୍ ଫୁଡ୍‌କୁ ଖାଦ୍ୟ ତାଲିକାରୁ ଦୂରକରିବା ଦରକାର...**



**ମୃଦୁ ପାନୀୟ:** ସାଧାରଣତଃ ଅନେକେ ଭାବନ୍ତି କେବଳ ଆଲକହଲ୍ ସ୍ୱାସ୍ଥ୍ୟ ପାଇଁ ଖରାପ କିନ୍ତୁ ପ୍ୟାକେଜ୍‌ଡ୍ ଜୁସ୍, ଏନର୍ଜି ଡ୍ରିଙ୍କ୍ସ, ସଫ୍ଟ ଡ୍ରିଙ୍କ୍ସ ଆଦି ଭଲ। ହେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ଯଦିଓ ଏଥିରେ ଆଲ୍‌କହଲ୍ ନାହିଁ କିନ୍ତୁ, ଥିବା ଅଧିକ ମାତ୍ରାରେ ସୁଗାର ଏବଂ ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ ଲିଭରରେ ଫ୍ୟାଟ୍ ଜମାକରିଥାଏ, ଯାହାକି ଲିଭରରେ ଫ୍ୟାଟ୍ ଜମାକରିଥାଏ। କେବଳ ଏତିକି ନୁହେଁ, ନିୟମିତ ଏଭଳି ପାନୀୟ ପିଇବା ଦ୍ୱାରା ଡାଇବେଟିସ୍, ହାଇକୋଲେଷ୍ଟରଲ୍ ଏବଂ ଅନ୍ୟ ରୋଗ ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସହ ଏସବୁ ମୃଦୁପାନୀୟଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇରହିବା ଭଲ।

**ପ୍ରୋସେସ୍‌ଡ୍ ମିଟ୍:** ବର୍ତ୍ତମାନ ବିଭିନ୍ନ ପ୍ରକାର ପ୍ରୋସେସ୍‌ଡ୍ ଫୁଡ୍‌କୁ ଅଧିକାଂଶ ଲୋକ ଏକ ଷ୍ଟାଟସ୍ ସିମ୍ବଲ୍ ଭାବେ ଗ୍ରହଣ କଲେଣି। ହେଲେ ଏଭଳି ଖାଦ୍ୟରେ ପ୍ରଚୁର ପରିମାଣରେ ସ୍ୟାଚୁରେଟେଡ୍ ଫ୍ୟାଟ୍, କ୍ୟାଲୋରି, ସୋଡିଅମ ଆଦି ରହିଛି ଯାହା ଲିଭର ଉପରେ ଅଧିକ ଚାପ ପକାଇଥାଏ। ଅଧିକ ଦିନ ଏଭଳି ଖାଦ୍ୟ ଖାଇଲେ ଲିଭରରେ ଫ୍ୟାଟ୍ ଟିସୁ ତିଆରି ହେବା ସହ ଫୁଲିବା ଆରମ୍ଭ କରିଥାଏ ଏବଂ ଧୀରେ ଧୀରେ ଲିଭରକୁ ନଷ୍ଟ କରିଦେଇଥାଏ। ତେଣୁ ଯଥା ସମ୍ଭବ ଏଭଳି ଖାଦ୍ୟ ନ ଖାଇବା ଭଲ।

**ଛଣା ଖାଦ୍ୟ:** ଛଣାଛଣି,ଚଟ୍‌ପଟି ଖାଦ୍ୟ କଥା କହିଲେ ଅନେକଙ୍କ ପାଟିରୁ ଲାଳ ବାହାରିଆସେ। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଖାଦ୍ୟ ଲିଭରର ସବୁଠାରୁ ବଡ଼ ଶତ୍ରୁ। ଏଥିରେ ଟ୍ରାନ୍ସ ଫ୍ୟାଟ୍‌ର ମାତ୍ରା ବହୁ ଅଧିକ, ଯାହାକି ଶରୀରରେ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ। ଏହା ଧୀରେ ଧୀରେ ଲିଭରରେ ଜମିବା ଫଳରେ ଏହାର କୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ ଏବଂ ସଢ଼ାଇ ଦେଇଥାଏ।

**ବେକ୍‌ଡ୍ ଖାଦ୍ୟ:** ପେଷ୍ଟ୍ରି, କୁକିଜ୍, କେକ୍ ଭଳି ବେକରୀ ଖାଦ୍ୟରେ ଟ୍ରାନ୍ସ ଫ୍ୟାଟ୍, ରିଫାଇନ୍‌ଡ୍ ସୁଗାର ଅଧିକ ମାତ୍ରାରେ ଥିବା ବେଳେ ନ୍ୟୁଟ୍ରିଶନାଲ ଭାଲ୍ୟୁ ଖୁବ୍ କମ୍। ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ଫ୍ୟାଟି ଲିଭର ମଧ୍ୟ ହୋଇଥାଏ। ହ୍ୱାଇଟ୍‌ବ୍ରେଡ୍‌କୁ ଅନେକେ ଖୁବ୍ ଭଲ ପାଆନ୍ତି। ହେଲେ ଏଥିରେ ମଇଦା ଏବଂ ରିଫାଇନ୍ଡ କାର୍ବସ୍, ସୁଗାର ଆଦି ଅଧିକ ରହିଛି ଯାହାକି ଖୁବ୍ କ୍ଷତିକାରକ।



## ଏ ସପ୍ତାହର ପ୍ରଶ୍ନ

୧– ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍ .......... ମିନିଷ୍ଟ୍ରି ପକ୍ଷରୁ ଆରମ୍ଭ କରାଯାଇଛି ?
୨– ନିକଟରେ .......... ରାଜ୍ୟରେ ଏକ ଅଭୟାରଣ୍ୟକୁ ଡ. ଭୀମରାଓ ଆମ୍ବେଡକର ଅଭୟାରଣ୍ୟ ଭାବେ ନାମିତ କରାଯାଇଛି ?
୩– ୟିମ୍‌ଖିଅଙ୍ଗ୍ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ଦେଖାଯାଆନ୍ତି ?
୪– ......... ରାଜ୍ୟ ସରକାରଙ୍କ ପକ୍ଷରୁ ଭୂ ଭାରତ ପୋର୍ଟାଲ ଆରମ୍ଭ କରାଯାଇଛି ?
୫– ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଣ୍ଟ .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଆରାଭାଲ୍ଲି
୨ ଭାରତ ମହାସାଗର
୩ ବିହାର
୪ ବାଙ୍ଗାଲୋର
୫ ଏପ୍ରିଲ ୧୦

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ସୁଦୀପ୍ତା ପଟ୍ଟନାୟକ
ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ବଡ଼ ଡାଇନୋପାର୍କ




୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ .................................... ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ............................................... ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ.......... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ........................... କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି .......... ଆଲ୍‌ବେର୍ଟା
୬– ୟୋମିଙ୍ଗ୍ ଡାଇନୋସର ସେଣ୍ଟର..................... ୟୋମିଙ୍ଗ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ .......................... ଜିଗଙ୍ଗ୍ , ଚାଇନା
୮– ଇଜିକୋ ମ୍ୟୁଜିୟମ ........................................ କେପ୍ ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ............................................ ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ..................... ଆଟ୍‌ଲାଣ୍ଟା

## ଜାଣନ୍ତୁ ଦୁନିଆ

# ଲ୍ୟାଣ୍ଡ ଅଫ୍ ଇଗଲ୍ସ

**ୟୁରୋପୀୟ ଦେଶ ଆଲବାନିଆ ଲ୍ୟାଣ୍ଡ ଅଫ୍ ଇଗଲ୍ସ ନାମରେ ମଧ୍ୟ ପରିଚିତ। ଏଥିପାଇଁ ଏହି ଦେଶର ଜାତୀୟ ପତାକାରେ ଇଗଲ୍ ପକ୍ଷୀକୁ ସ୍ଥାନିତ କରାଯାଇଛି। ଜାଣନ୍ତୁ ଏହି ଦେଶ ସମ୍ପର୍କରେ କିଛି ତଥ୍ୟ...**



- ଆଲବାନିଆର ରାଜଧାନୀ ତିରାନା ଏହି ଦେଶର ସବୁଠୁ ବଡ଼ ସହର ଭାବେ ପରିଚିତ। ଏଠାରେ ମାତ୍ର ୩ ମିଲିୟନ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ଅଧିବାସୀ ମୁସଲିମ୍ ସମ୍ପ୍ରଦାୟର।
- ପୂର୍ବରୁ ୟୁରୋପ ମହାଦେଶରେ ଏହା ଏକ ଗରିବ ରାଷ୍ଟ୍ର ଭାବେ ପରିଚିତ ଥିଲା। ଧୀରେ ଧୀରେ ଅର୍ଥନୈତିକ ଅଭିବୃଦ୍ଧି ହେବା ଫଳରେ ଏଠାରେ ଏବେ ଟୁରିଜିମ୍ ଇଣ୍ଡଷ୍ଟ୍ରି ସହ ଇନ୍‌ଫ୍ରାଷ୍ଟ୍ରକ୍‌ଚର କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିଲା।
- କ୍ରୋମିୟମ ଉତ୍ପାଦନ ଓ ରପ୍ତାନୀରେ ଏହା ଆଗରେ ରହିଛି। ଏଠାରେ କୋଇଲା, ନିକେଲ୍ ଓ କପର ମଧ୍ୟ ବହୁ ପରିମାଣରେ ଉତ୍ପାଦନ କରାଯାଏ।
- ଏଠାରେ ୧୩ଟି ଛୋଟ ଦ୍ୱୀପ ରହିଛି। ସେଥିମଧ୍ୟରୁ ୨ଟି ଦ୍ୱୀପ ଯଥା କୁନେ, ସାଜାନ ଯାହାର କ୍ଷେତ୍ରଫଳ ପ୍ରାୟ ୧ ସ୍କୋୟାର କି.ମି.।
- ଏଠାରେ ଗୋଟିଏ କେବଳ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି, ଯାହା ମଦର ଟେରେସାଙ୍କ ନାମରେ ନାମିତ। ମଦର ଟେରେସା ହେଉଛନ୍ତି ଏଠାକାର ଏକମାତ୍ର ନୋବେଲ ପୁରସ୍କାର ବିଜେତା ମହିଳା।
- ଏଠାର ଲୋକମାନେ ଏହି ଦେଶକୁ 'ଆଲବାନିଆ' ବଦଳରେ 'ସିପେରି' ଭାବେ ସମ୍ବୋଧିତ କରିଥାନ୍ତି। ଏହାର ଅର୍ଥ ହେଉଛି 'ଲ୍ୟାଣ୍ଡ ଅଫ୍ ଇଗଲ୍ସ'। ସେଥିପାଇଁ ଇଗଲ୍ ପକ୍ଷୀକୁ ଏହାର ଜାତୀୟ ପତାକାରେ ସ୍ଥାନିତ କରାଯାଇଛି।
- ଏଠାର ପ୍ରିୟ ଖାଦ୍ୟ ହେଉଛି 'ଫ୍ରଗ୍ ଲେଗ୍'। ପ୍ରାୟ ଅଧିକାଂଶ ହୋଟେଲର ମେନୁରେ ଏହା ଥାଏ।
- ୱେଟ୍‌ଲିଫ୍ଟିଂ, ଶୁଟିଂ ଏବଂ ରେସ୍‌ଲିଂ ଏଠାର ଲୋକପ୍ରିୟ ଖେଳ। ହେଲେ ଆଜି ପର୍ଯ୍ୟନ୍ତ ଏଠାର ଜଣେ ହେଲେ ମଧ୍ୟ ଅଲିମ୍ପିକ୍‌ରେ ମେଡାଲ ଜିତିନାହାନ୍ତି।
- ଛୋଟ ଦେଶ ହେଲେ ମଧ୍ୟ ଏଠାରେ ୩,୨୫୦ ପ୍ରଜାତିର ଉଦ୍ଭିଦ ଦେଖାଯାଏ।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୯।୪(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ପୋଲିସ ଚାଲାଣ ପୂର୍ବରୁ ଚଢ଼ାଉ କରି ପ୍ରାୟ କୋଟିଏ ଟଙ୍କା (୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ)ର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମସିଂ ଗାଁର ଅସିମ ମାଝୀ ଓ ଅନନ୍ତ ମାଝୀ। ଅଡବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ରାମସିଂ ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଅଡବା ଓ ମୋହନା ପୋଲିସ ଟିମ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୪୦ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ୫୦ କିଲୋ। ଏହାର ବଜାର ମୂଲ୍ୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗର୍ଭବତୀ ନାବାଳିକା ଝିଅ ହତ୍ୟା ମାମଲା

# ମା'ବାପାଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୧୯।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

**ବିଞ୍ଝାରପୁରର ବହୁଚର୍ଚ୍ଚିତ ଅନରକିଲିଂ ଘଟଣା**




ଦୋଷୀ ସାବ୍ୟସ୍ତ ହେବା ପରେ ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଜେଲ୍‌କୁ ନେଉଛି।

୨୦୧୬ରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଅନରକିଲିଂ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଣେ ୧୫ ବର୍ଷୀୟା ଗର୍ଭବତୀ ନାବାଳିକାଙ୍କୁ ପିଟି ପିଟି ହତ୍ୟା କରିବା ପରେ ପୋଡ଼ି ଦେବା ଏବଂ ପ୍ରମାଣ ନଷ୍ଟ ପାଇଁ ଖରସ୍ରୋତା ନଦୀରେ ପୋଡ଼ା ହାଡ଼ ପକାଇ ଦେବା ମାମଲାର ବିଚାର କରି ଯାଜପୁର ଆଡ୍‌ହକ ଫାଷ୍ଟଟ୍ରାକ୍ ବିଚାରପତି ବିଜୟ କୁମାର ଜେନା ଅଭିଯୁକ୍ତ ତଥା ନାବାଳିକାଙ୍କ ବାପା ନକୁଳ ଜେନା ଓ ମା' ସଞ୍ଜୁ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ୩୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ତଥା ପ୍ରମାଣ ଅଭାବରୁ ୨୦ଜଣ ଗ୍ରାମବାସୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଲକ୍ଷ୍ମୀନାରାୟଣ ସାହିରେ ୨୦୧୬ ଫେବୃଆରୀ ୧୪ରେ ଜଣେ ୧୫ ବର୍ଷୀୟା ନାବାଳିକା ଝିଅକୁ ବାପା ନକୁଳ ଜେନା(୫୦) ଓ ମା' ସଞ୍ଜୁ ଜେନା(୪୮) ନିଯୁକ୍ତ ଥିଲେ। କାରଣ ଥିଲା ସେହି ନାବାଳିକା ୩ ମାସର ଗର୍ଭବତୀ ଥିଲେ, ଯାହା ସେହି ଦମ୍ପତିଙ୍କ ସମ୍ମାନହାନି କରିଥିଲା। ଏହି ସମୟରେ ସେହି ଗ୍ରାମର ମାତାଜୀ ଜେନା ନକୁଳଙ୍କ ଘର ବାଟେ ଯାଉଥିଲେ। ଝିଅଟି 'ମୋତେ ମାରନା ମୁଁ ମରିଯିବି' ବୋଲି ଚିତ୍କାର କରିବାର ଶୁଣିବାକୁ ପାଇଥିଲେ। ଏହାର ଘଣ୍ଟାଏ ପରେ ସେହି ରାସ୍ତା ଦେଇ ମାତାଜୀ ଫେରୁଥିବା ସମୟରେ ଆଉ କୌଣସି ଶବ୍ଦ ଶୁଣିପାରି ନ ଥିଲେ। ଏହାପରେ ନକୁଳ ଓ ସଞ୍ଜୁ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ନିଜ ବାଡ଼ି ପଛପଟେ ଝିଅର ମୃତଦେହ ପୋଡ଼ି ଦେଇଥିଲେ। ପୋଡ଼ିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ପୋଡ଼ା ହାଡ଼ ଓ ପାଉଁଶ ଗୋଟିଏ ପ୍ଲାଷ୍ଟିକ ଅଖାରେ ପୁରେଇକରି ଖରସ୍ରୋତା ନଦୀରେ ଫୋପାଡ଼ି ଦେଇଥିଲେ। ତା'ପରଦିନ ଅର୍ଥାତ୍ ଫେବୃଆରୀ ୧୫ ତାରିଖରେ ଗ୍ରାମର କେତେଜଣ ଲୋକ ଝିଅକୁ ପୋଡ଼ି ଦେଇଥିବା କୁହାକୁହି ହୋଇଥିଲେ। ଏକଥା ଶୁଣି ମାତାଜୀ ୧୬ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଞ୍ଝାରପୁର ଥାନାରେ ଏକ ମାମଲା(ନଂ.୪୫/୨୦୧୬) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା। ପରେ ଖରସ୍ରୋତା ନଦୀବକ୍ଷ ପାର୍ଶ୍ୱରୁ ଗୋଟିଏ ପ୍ଲାଷ୍ଟିକ ଅଖାରୁ ପୋଡ଼ା ହାଡ଼ ପାଉଁଶ ଜବତ କରି ବିଜ୍ଞାନାଗାରକୁ ପରୀକ୍ଷା ପାଇଁ ପଠାଇଥିଲା। ତାହା ମୃତ ନାବାଳିକାଙ୍କ ବୋଲି ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଏସ୍‌ଡିପିଓ ତଦନ୍ତ କରିଥିଲେ। ପରେ ବିଞ୍ଝାରପୁର ପୋଲିସ ନାବାଳିକାଙ୍କ ମା'ବାପାଙ୍କ ସହ ୨୦ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ଆଡ୍‌ହକ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଜେନା ଉକ୍ତ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

## ୮ବର୍ଷୀୟାଙ୍କୁ ବଳାତ୍କାର କଲେ ୧୦ମ ଶ୍ରେଣୀ ଛାତ୍ର

**କିଶୋର ବୟସରେ ଅପରାଧ ମନୋବୃତ୍ତି ସମ୍ପୃକ୍ତି ବୃଦ୍ଧି ପାଇବାରେ ଲାଗିଛି ବିଭିନ୍ନ ସମୟରେ ନାବାଳକମାନେ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି। ନିକଟରେ ମଧ୍ୟପ୍ରଦେଶ ଭିଣ୍ଡରେ ୮ବର୍ଷୀୟା ପଡ଼ୋଶୀଙ୍କୁ ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଛାତ୍ରଙ୍କୁ ବାଳ ଅପରାଧ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ସୁଧାରଗୃହକୁ ପଠାଇ ଦିଆଯାଇଛି।**




ଭିଣ୍ଡ(ମଧ୍ୟପ୍ରଦେଶ),୧୯।୪

ମହାରାଷ୍ଟ୍ର ଭିଣ୍ଡ ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ପରିବାର ରୁହନ୍ତି। ତାଙ୍କ ଘର ନିକଟରେ ଅଭିଯୁକ୍ତ ନାବାଳକ ରୁହନ୍ତି। ଅଭିଯୁକ୍ତ ଜଣକ ୧୦ମ ଶ୍ରେଣୀରେ ପଢ଼ନ୍ତି। ସେ ପୀଡ଼ିତାଙ୍କ ପରିବାର ସହିତ ପୂର୍ବରୁ ମିଳାମିଶା କରନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ପୀଡ଼ିତା ତାଙ୍କ ଘରେ ଏକାକୀ ଥିବାବେଳେ ନାବାଳକ ଜଣକ ସେଠାକୁ ଯାଇଥିଲେ। ପରେ ଘର ଭିତରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୟ ପଡ଼ୋଶୀ ମାନେ ଆସି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଜିମାରେ ନେବା ସହ ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ପୋଲିସ ପୋକ୍ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ସେଠାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଛି ଏବଂ ସେ ଏବେ ପରିବାର ସହ ରହୁଛନ୍ତି ବୋଲି ପୋଲିସ ଅଧିକାରୀ ମୁକେଶ କୁମାର ଶାକ୍ୟ ସୂଚନା ଦେଇଛନ୍ତି।

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୯।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨୨ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସାମିଲ ଅଛନ୍ତି। ଜିଲା ପୋଲିସ ମହା ନିରୀକ୍ଷକ, କମାଣ୍ଡାଣ୍ଟ ୨୨୬ ବାଟାଲିୟନ ସିଆର୍‌ପିଏଫ୍‌ଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିଲେ। ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାର ଘୋଷିତ ମୁଚାକୀ ଜଗା, ମୁଚାକୀ ଯୋଗୀ, ୫ ଲକ୍ଷ ପୁରସ୍କାର ଘୋଷିତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାର ଘୋଷିତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଂଜାମ ସନି, ମାଡବି ମଙ୍ଗଲି ଓ ତାତା ବଣ୍ଡି ରହିଛନ୍ତି। ସେହିପରି ଅନ୍ୟ ୧୧ ଜଣ ବିଭିନ୍ନ ସଂଗଠନର ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ଗଡ ଧ୍ୱଂସ, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ଲାଞ୍ଚନେଇ ଅତିରିକ୍ତ ତହସିଲଦାର ଗିରଫ

ସମ୍ବଲପୁର,୧୯।୪ (ପ୍ରମୋଦ ବହିଦାର)

**ଚାଷଜମିର କିସମ ପରିବର୍ତ୍ତନ ପାଇଁ ନେଉଥିଲେ ଲାଞ୍ଚ**



ଗିରଫ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ।

ଚାଷଜମିର କିସମ ପରିବର୍ତ୍ତନ ପାଇଁ ଲାଞ୍ଚନେଇ ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅଫିସର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶନିବାର ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ସେ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମାନେଶ୍ୱର ତହସିଲ ଅଧୀନ ଉକରା ବଡ଼ମାଲ ଗ୍ରାମରେ ଥିବା ୫୦ ଡିସିମିଲ ପରିମିତ ଏକ ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ମାନେଶ୍ୱର ତହସିଲ କାର୍ଯ୍ୟାଳୟରେ ଜମି ମାଲିକଙ୍କ ପକ୍ଷରୁ ଦୀର୍ଘଦିନରୁ ଆବେଦନ କରାଯାଇଥିଲା। ମାତ୍ର ପରିବର୍ତ୍ତନ ପ୍ରକ୍ରିୟାକୁ ବିଳମ୍ବ କରିବା ସହ ଅତିରିକ୍ତ ତହସିଲଦାର ସାହୁ ଏଥିପାଇଁ ଜମି ମାଲିକଙ୍କ ଠାରୁ ୧୦ହଜାର ଟଙ୍କା ଦାବି କରିଥିଲେ। ପରବର୍ତ୍ତୀ ସମୟରେ କଥାବାର୍ତ୍ତା ୬ ହଜାର ଟଙ୍କାରେ ଛିଣ୍ଡିଥିଲା। ଅପରପକ୍ଷରେ ଦୀର୍ଘଦିନ ଧରି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ହଇରାଣ ହୋଇଥିବା ସମ୍ପୃକ୍ତ ଜମି ମାଲିକ ସମ୍ବଲପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା କରାଯାଇଥିଲା। ସେହି ଯୋଜନା ଅନୁସାରେ ଶନିବାର ଅଭିଯୋଗକାରୀ ଅତିରିକ୍ତ ତହସିଲଦାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ୬ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୯/୨୫)ରୁଜୁ ହୋଇଛି। ଏଥିସହ ତାଙ୍କ ମାନେଶ୍ୱର କାର୍ଯ୍ୟାଳୟ, ବରଗଡ଼ସ୍ଥିତ ନିଜ ଘର ଓ ଭୁବନେଶ୍ୱରରେ ଥିବା ଗୃହରେ ଏକସଙ୍ଗେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ମେଳାରୁ ୪ବର୍ଷର ଶିଶୁକନ୍ୟାକୁ ନେଇଗଲେ କିନ୍ନର

ଠାକୁରମୁଣ୍ଡା,୧୯।୪ (ତାରାକାନ୍ତ ପଟ୍ଟନାୟକ)



କିନ୍ନର ଜଣକ ଶିଶୁଟିକୁ ନେଇ ଯାଉଥିବାର ସିସିଟିଭି ଫୁଟେଜ୍।

ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତ ମା'ଙ୍କ ନିକଟରୁ ଦେଢ଼ବର୍ଷର ଶିଶୁପୁତ୍ର ଅପହରଣ ହେବା ଘଟଣାକୁ ୧୦ଦିନ ପୂରି ନ ଥିବାବେଳେ ଏବେ ମୟୂରଭଞ୍ଜ ଜିଲାରେ ଏକ ଶିଶୁ କନ୍ୟା ଚୋରି ଅଭିଯୋଗ ହୋଇଛି। ଠାକୁରମୁଣ୍ଡାରେ ଉଡ଼ା ପର୍ବ ଅବସରରେ ଚାଲିଥିବା ମେଳାରୁ ଗତ ୧୭ ତାରିଖ ରାତିରେ ୪ ବର୍ଷ ବୟସର ଶିଶୁକନ୍ୟାକୁ ଜଣେ କିନ୍ନର ଅପହରଣ କରି ନେଇଥିବା ଝିଅଙ୍କ ମା' ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ ମଲ୍ଲାରପଦା ଗ୍ରାମର ସିପି ପାତ୍ର ଓ ତାଙ୍କ ଝିଅ ଆଦ୍ୟଶା କରଞ୍ଜିଆରୁ ବସ୍ ଯୋଗେ ଆସି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ଠାକୁରମୁଣ୍ଡାରେ ଓହ୍ଲାଇଥିଲେ। ସେମାନେ ଆସିଥିବା ବସ୍‌ରେ ତାଙ୍କ ସହିତ ବସି ଜଣେ କିନ୍ନର ଆସିଥିଲେ। ଠାକୁରମୁଣ୍ଡାରେ ପହଞ୍ଚିବା ପରେ ପାଖ ସିଟ୍‌ରେ ବସି ଆସିଥିବା କିନ୍ନରଙ୍କ ସହିତ ମିଶି ମା' ଓ ଝିଅ ମେଳା ବୁଲିବାକୁ ଯାଇଥିଲେ। ମେଳା ବୁଲି ସାରି ସେମାନେ ରାତି ପ୍ରାୟ ୧୦ଟାବେଳେ ଠାକୁରମୁଣ୍ଡା ବଜାରର ମସ୍‌ଜିଦ ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସିପି ତାଙ୍କ ବ୍ୟାଗ ଓ ଝିଅଙ୍କୁ କିନ୍ନରଙ୍କ ପାଖରେ ଛାଡ଼ି ଶୌଚ ହେବାକୁ ଯାଇଥିଲେ। ଶୌଚ ହୋଇ ଫେରିବାପରେ ଝିଅକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଶୁକ୍ରବାର ଠାକୁରମୁଣ୍ଡା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଠାକୁରମୁଣ୍ଡା ପୋଲିସ ବଜାରରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରିଥିଲା। କିନ୍ନର ଜଣକ ଭୁବନେଶ୍ୱର ଯାଉଥିବା ବସ୍‌ରେ ଯିବା ପାଇଁ ବ୍ୟାଗ୍ ଓ ଝିଅକୁ ଧରି ଯାଉଥିବାର ସିସି ଟିଭି ଫୁଟେଜରେ ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏକ ମାମଲା (ନଂ. ୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୪(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀ ଭୁବନେଶ୍ୱରରେ ବିକ୍ରି କରୁଥିବା ଦୁଇ ନିଶା ବେପାରୀଙ୍କୁ ଶନିବାର ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଡୁମୁଡୁମାର ସନ୍ତୋଷ ଓରଫ ବି. ନାରାୟଣ ରେଡ୍ଡୀ (୩୬) ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଥିବା ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଲୁଲୁ ଓରଫ ଆକାଶ କୁମାର ମଲ୍ଲିକ (୨୯)। ସେମାନଙ୍କଠାରୁ ୨ ଲକ୍ଷ ଟଙ୍କାର ୨୦ ଗ୍ରାମ ବ୍ରାଉନସୁଗାର ସହ ୨ଟି ମୋବାଇଲ ଏବଂ ଏକ ନମ୍ବରବିହୀନ ଇଲେକ୍ଟ୍ରିକ୍ ସ୍କୁଟି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଭିଏସ୍‌ଏସ୍ ନଗର ଫ୍ଲାଏ ଓଭରବ୍ରିଜ୍ ତଳେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଦୀର୍ଘଦିନ ହେବ ଏହି ଧଳାଜହର କାରବାର ଚଳାଇ ଆସୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ବିଶେଷକରି ସେମାନେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ଯୁବକଙ୍କୁ ଦେଉଥିଲେ। ସନ୍ତୋଷ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୪ଟି ଓ ଲିଙ୍ଗରାଜ ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୦୨/୨୦୨୫) ରୁଜୁ କରିଛି। ତେବେ ଅଭିଯୁକ୍ତଦ୍ୱୟ ଜଳେଶ୍ୱରରୁ କେଉଁ ଡିଲର ପାଖରୁ ବ୍ରାଉନସୁଗାର ଆଣୁଥିଲେ ସେନେଇ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ ସୂଚନା ଦେଇଛି।

## ଅନ୍‌ଲାଇନ୍ ଗେମ୍ ହେଲା କାଳ

# ୫ ଲକ୍ଷ ହାରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଜଳେଶ୍ୱର(ନବୀନ ସାହୁ),୧୯।୪



ଚିକିତ୍ସାଧୀନ ସୌରଜିତ୍

ଯୁବପିଢ଼ିଙ୍କୁ ଘାରିଛି ରାତାରାତି କୋଟିପତି ହେବାର ନିଶା। କମ୍ ସମୟରେ ଏବଂ ସହଜ ଉପାୟରେ ଟଙ୍କା ରୋଜଗାର କରିବା ପାଇଁ ବେଟିଂ ଓ ଅନ୍‌ଲାଇନ ଗେମିଂ ଚକ୍କରରେ ପଡୁଛନ୍ତି। ଗାଁ ହେଉ କି ସହର, ସବୁଠି ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଗୋଟିଏ ପଟେ କିଏ ଅନଲାଇନ୍ ଗେମ୍ ଖେଳି କୋଟିପତି ହେଉଛନ୍ତି ତ କିଏ ଚଳିତଳାନ୍ତ। କୋଟିପତି ହେବା ନିଶାରେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବାରମ୍ବାର ଟଙ୍କା ହାରିବା ପରେ ସର୍ବସ୍ୱାନ୍ତ ହୋଇ ମାନସିକ ଅବସାଦରେ ରହୁଛନ୍ତି। ଶେଷରେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ।

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଚମାରଗାଁ ପଞ୍ଚାୟତ ଅନ୍ତର୍ଗତ ତେଘରୀ ଗ୍ରାମର ଯୁବକ ସୌରଜିତ୍ ରାୟ(୪୪)। ଅନ୍‌ଲାଇନ୍‌ରେ ଗେମ୍ ଖେଳି ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ଶନିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୌରଜିତ୍ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଭାବେ ଚେନ୍ନାଇରେ ଚାକିରି କରୁଥିଲେ। କିଛିଦିନ ପୂର୍ବରୁ ଚାକିରି ଛାଡ଼ି ଗାଁକୁ ପଳାଇ ଆସି ଟ୍ୟୁଶନ୍ କରି ପରିବାର ପ୍ରତିପୋଷଣ କରୁଥିଲେ। ଏହାରି ମଧ୍ୟରେ ସେ ଲୁପି ଅନ୍‌ଲାଇନ୍ ଲୁଡୋ ଗେମ୍ ନିଶାରେ ପଡ଼ିଥିଲେ। ନିୟମିତ କିଛି କିଛି ଟଙ୍କା ହାରିବା ପରେ ସେ ଜିତିବା ନିଶାରେ ଏହି ଗେମ୍‌କୁ ବାରମ୍ବାର ଖେଳୁଥିଲେ। ଏପରିକି ମା'ଙ୍କ ଭତ୍ତା ଟଙ୍କା, ଘରୁ ଧାନ ଓ ଚାଉଳ ବିକ୍ରି କରି ଓ ସାଙ୍ଗ ସାଥୀଙ୍କଠାରୁ ଟଙ୍କା ହାତ ଉଧାରି କରି ଏହି ଗେମ୍‌ରେ ବାଜି ଲଗାଉଥିଲେ। ଏହାପରେ ମଧ୍ୟ ତାଙ୍କ ଭାଗ୍ୟ ସାଥ୍ ଦେଇ ନ ଥିଲା। ବିଭିନ୍ନ ସମୟରେ ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଇତି ମଧ୍ୟରେ ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ସେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଶନିବାର ସକାଳେ ସେ ଏକ ଛୁରିରେ ନିଜ ହାତ ଓ ବେକକୁ କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପଖାଳ ଭାତକୁ ନ ଥାଏ ଲୁଣ,
ନିତି ଖୋଜୁଥାଏ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦରିଦ୍ର ବ୍ୟକ୍ତିଟିର ରୁଚିକର ତଥା ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନାକୁ ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପାନ ବିଡ଼ି ନୁହେଁ ଛୋଟିଆ ନିଶା
ଜଣା ନ ପଡ଼ଇ ଟାଣେ ପଇସା।**

ପାନ, ବିଡ଼ି ପରି ମାଦକ ଦ୍ରବ୍ୟ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ। ଉପରୋକ୍ତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ଆଖିକୁ ସାମାନ୍ୟ ଲାଗୁଥିବାବେଳେ ଏହା ଅଭ୍ୟାସକାରୀର ଅବସ୍ଥାକୁ ବାରଣ୍ଡା ଦି'କଡ଼ା କରିବା ସହ ତାହାର ସ୍ୱଭାବ ମଧ୍ୟ ନଷ୍ଟ କରିଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା
PANCHAYAT SAMITI OFFICE, BISRA
At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
Letter No. 1095 Date : 15.04.2025
TENDER CALL NOTICE No.01/2025-26
**No.i-27** : Sealed Tenders are invited from the interested bidder for the **4 nos. of civil work under** BDO, Bisra of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website **www.sundergarh.odisha.gov.in.** The bidder should be **'D' & 'C' / 'C' & 'B' Class Contractor** as per work. They have to submit the bid document to the undersign in the address of office of the **BDO, Bisra, At/PO - Bisra, Dist - Sundargarh, Odisha, PIN-770036 through Registered Post / Speed Post only so as to receive before 01.00 P.M. on 01.05.2025**. The Tender Paper will be available for download in the district website from 17.04.2025 to 01.05.2025. The authority reserves the right to cancel or reject the entire process without assigning any reason thereof. The tender will be opened **at 10.00 A.M. on 30.09.2024** in the office of the undersigned in presence of the bidders or his/her representatives.
Sd./- Block Development Officer, Bisra
OIPR-19343/11/0004/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR
Mail Id:sepwdbalangir@gmail.com
e-Procurement Notice
BID IDENTIFICATION No: CCE(R&B)BGR/01/2025-26
Letter No.775 Dtd.17.04.2025
**No.B-34:**The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.
1. Nature of Work : Building Work & Road Work
2. No. of Tender : Building Work-2 Nos. & Road Work-1 Nos.
3. Tender Cost : Rs.10,000/-
4. Class of Contractor : **"B" & "A" Class**
5. Date & Time of Sale & Receipt of Bids : From Dt.24.04.2025, 10.00 A.M. to Dt.08.05.2025 upto 05.00 P.M.
6. Date of Opening Bid : Dt.09.05.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.
Sd./- Chief Construction Engineer Balangir (R&B) Circle, Balangir
OIPR-34131/11/0008/2526

ZILLA SWASTHYA SAMITI, MAYURBHANJ
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001
Advt. No. 1343 /NHM/2025-26 Dt: 17.04.2025
REQUEST FOR PROPOSAL FOR OUTSOURCING OF SECURITY SERVICES AT GOVT. HEALTH INSTITUTIONS OF MAYURBHANJ DISTRICT UNDER NIRMAL SCHEME
**No.E-31** : Sealed proposals as per prescribed RFP document are invited from interested eligible bidders for the **Outsourcing of Security Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 P.M.** of **07.05.2025** through Regd/Speed Post & Courier and the same will be opened on **08.05.2025** at **11.30 A.M.** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.
Sd./- Chief District Medical & Public Health Officer, Mayurbhanj
OIPR-10020/11/0031/2526

OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA
E-mail ID : eeag-kendrapara@gov.in
Govt. of Odisha "e" procurement Notice
Bid Identification No. : E.E.(A), Kendrapara Division - 01/2025-26
**No.L-06** : The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for **02 Numbers of Projects i.e. for Construction of main gate of Agriculture office campus along with borewell at STL Jajpur & Provision of 63 KVA Transformer to ADO office Marshaghai.**
1. Estimated Cost : **As Mentioned against column No-03**
2. Bid Cost : **Rs. 4,000/- as Mentioned against each in Column-04**
3. Period of completion : **Calendar Months Mentioned in Column - 06**
4. No. of works (Tender) : **02 nos.**
5. Class of Contractor : **As Mentioned in Column - 05**
6. Date & Time of availability of bid document in the portal : **From Dt.19.04.2025 at 10.00 A.M. to Dt.28.04.2025 at 5.00 P.M.**
7. Last date/Time for receipt of bids in the portal : **Dt.28.04.2025 at 5.00 P.M.**
8. Date of submission of documents : **Dt.19.04.2025 at 10.00 A.M. to Dt.29.04.2025 at 1.00 P.M. (Except Holidays)**
9. Date & time of opening of online bids : **Dt.30.04.2025 at 11.00 A.M. & onwards**
10. Name and address of the officer inviting Bid : **Executive Engineer (Agril.), Agriculture Engineering Division, Kendrapara**
Further details can be seen from the e-procurement portal http://tendersodisha.gov.in.
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum/corrigendum / cancellation of tender can also be seen in the said website.
Sd./- Executive Engineer (Agril.) Agriculture Engineering Division, Kendrapara
OIPR-01471/11/0010/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ନବୀନ ୯ମ ଥର ବିଜେଡି ସଭାପତି

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ବିଜେଡିର ରାଜ୍ୟ ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଶନିବାର ନିର୍ବାଚିତ ହୋଇଛନ୍ତି। ଜଣେ ମାତ୍ର ପ୍ରାର୍ଥୀ ଭାବେ ନବୀନ ଏହି ପଦ ଲାଗି ନାମାଙ୍କନ ଦାଖଲ କରିଥିଲେ। ଅନ୍ୟପଟେ ନବୀନ ସଭାପତି ନିର୍ବାଚିତ ହେବାପରେ ଶଙ୍ଖ ଭବନ ଠାରେ ତାଙ୍କ ନେତୃତ୍ୱରେ ଦଳର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ହେଲେ ୨୪ ବର୍ଷରେ କ୍ଷମତାରେ ରହିଥିବା ବିଜେଡି ଏବେ ବିରୋଧୀ ଦଳକୁ ଆସିବା ପରେ ନବୀନଙ୍କ ଟିମ୍‌ରେ କେଉଁମାନେ ସ୍ଥାନ ପାଇବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନବୀନ ସଭାପତି ହେବା ପରେ ଦଳର ବହୁ ବରିଷ୍ଠ ନେତା ଶଙ୍ଖ ଭବନ ଆସିନାହାନ୍ତି, ଯାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ଓ ଆଲୋଚନା ଜୋର୍ ଧରିଛି। ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଭୁପେନ୍ଦ୍ର ସିଂ, ପ୍ରଫୁଲ୍ଲ ସାମଲ, ନୃସିଂହ ସାହୁଙ୍କ ଭଳି ଅନେକ ନେତାଙ୍କୁ ଶଙ୍ଖଭବନରେ ଦେଖିବାକୁ ମିଳି ନ ଥିଲା। ଦଳର ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନବୀନଙ୍କ ପ୍ରିୟ ଏବେ ଏତେ ଅପ୍ରିୟ ହେଲେ କିପରି। ଯେଉଁମାନଙ୍କୁ ନବୀନ ବାରମ୍ବାର ସରକାର ସମୟରେ ମନ୍ତ୍ରୀ କରି ଦେଉଥିଲେ ସେମାନେ ଏବେ ଦଳ ଠାରୁ ଦୂରେଇ ଗଲେଣି। ତେବେ କେଉଁଥିଲାଗି ସେମାନଙ୍କୁ ଦଳ ଦୀର୍ଘଦିନ ଧରି ଗୁରୁତ୍ୱ ଦେଇ ଆସୁଥିଲା

### ଶଙ୍ଖଭବନ ଆସିଲେନି ବହୁ ବରିଷ୍ଠ ନେତା

ସେନେଇ ଦଳ ଭିତରେ ଫୁସୁରୁଫାସର ଚାଲିଛି। ରାଜ୍ୟ ପରିଷଦ ବୈଠକରେ କିଛି ସେପରି ଆଲୋଚନା ହେଲା ନାହିଁ। ପୁଣିଥରେ ନବୀନ ଦଳୀୟ କର୍ମୀମାନଙ୍କୁ ଅସନ୍ତୋଷ କରିଛନ୍ତି। ନବୀନ ସଭାପତି ହେବାପରେ ଯେଉଁ ଭାଷଣ ରଖିଲେ, ସେଥିରେ ସେ ପଦୁଟିଏ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହାସ ଜୁଟାଇପାରିଲେ ନାହିଁ। କେମିତି କର୍ମୀମାନେ ଦଳ ଉପରେ ଭରସା କରି ରହିବେ ବୋଲି ସମ୍ପୃକ୍ତ ବିଧାୟକ ପ୍ରଶ୍ନ କରିଛନ୍ତି।



ନବୀନ ପଟ୍ଟନାୟକ

ତେବେ ନବୀନ ତାଙ୍କ ବକ୍ତବ୍ୟରେ ଦଳର ସଭାପତି ଭାବେ ସେବା କରିବାର ସୁଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ବିଜେଡି ୨୪ ବର୍ଷ ଲୋକଙ୍କ ସେବା କରିବାର ସୁଯୋଗ ପାଇଲା। ରାଜ୍ୟର ସ୍ୱାଭିମାନ ଏବଂ ସ୍ୱାର୍ଥ ସହ ବିଜେଡି ସବୁବେଳେ ଯୋଡ଼ି ହୋଇ ରହିବ ବୋଲି ସେ କହିଛନ୍ତି।





ଉତ୍ତରପ୍ରଦେଶର ରାମପୁରରେ ଜଣେ ୧୧ ବର୍ଷୀୟା ମୂକ-ବଧିର ନାବାଳିକା ସହ ହୋଇଥିବା ବଳାତ୍କାର ବିରୋଧରେ ମିରଟରେ ଶନିବାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ଭାଜପାର ଛାମୁଆ ସଙ୍ଗଠନ ଭାବେ କାର୍ଯ୍ୟ କରୁଛି ଇଡି'

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ଭାଜପାର ଏକ ଛାମୁଆ ସଙ୍ଗଠନ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟ କରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ଭାଜପାର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ୍ ବୃଦ୍ଧି, ମହିଳା ନିର୍ଯାତନା, ଚାଷୀ ପ୍ରସଙ୍ଗ ଓ ବେକାରି ସମସ୍ୟା ନେଇ ସଂସଦ ଭିତରେ ଏବଂ ବାହାରେ ସ୍ୱର ଶାଣିତ କରୁଛନ୍ତି ସେମାନଙ୍କ ବିରୋଧରେ ଅଗଣତାନ୍ତ୍ରିକ ଭାବେ ଇଡିର ପ୍ରୟୋଗ କରାଯାଉଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି।

ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ

### ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ୍ ଭାଙ୍ଗିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଇଡି ଯେଉଁ ଚାର୍ଜସିଟ ଦାଖଲ କରିଛି, ତାହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାଶନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ମାମଲା ଭାଜପାର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି କିମ୍ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନ ପାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦ୍‌ନାମ କରିବା ପାଇଁ ଏଥିରେ ଷଡ଼ଯନ୍ତ୍ର ହୋଇଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ବିଶେଷ କରି ଇଡି ଏବଂ ସିବିଆଇ ମୋଦିଙ୍କ ହତିଆର ସାଜିଛନ୍ତି। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଛନ୍ତି, ଏ ଅନ୍ୟାୟ ବିରୋଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସ୍ୱେଚ୍ଛାଚାରିତା ବିରୋଧରେ ସଂଗ୍ରାମ ଜାରି ରଖିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

# ୱାକ୍ଫ ଆଇନ ମୁସଲମାନଙ୍କୁ ଲାଭ ଦେବ: ଗୌତମ

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)


ଗରିବଙ୍କ ହକ୍ କେବଳ ସେମାନଙ୍କୁ ହିଁ ମିଳିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରିବ ବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂକଳ୍ପ ନେଇଛନ୍ତି। ୨୦୨୫ ଏପ୍ରିଲ ୨ ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକ୍ଫ ବିଲ୍ ପାରିତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି। ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ବିଲ୍ ପାରିତ ହେବା ଯୋଗୁ ୱାକ୍ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତ୍ତିକୁ ରକ୍ଷା କରାଯାଇ ପାରିବ। ୱାକ୍ଫ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ୱାକ୍ଫ ସଂଶୋଧିତ ଆଇନକୁ ନେଇ ଅନେକ ତର୍କ ବିତର୍କ ଚାଲିଛି। ଏହି ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ ଗୌତମ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଯୋଗଦେଇ ଗୌତମ କହିଛନ୍ତି, 'ୱାକ୍ଫ'ର ଅର୍ଥ ହେଉଛି 'ଦାନ'। ମାତ୍ର ଦାନ ସୂତ୍ରରେ ମିଳୁଥିବା ସମ୍ପତ୍ତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନ ଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିଲା। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଞ୍ଚିତ ରଖାଯାଉଥିଲା। ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକ୍ଫ ବୋର୍ଡ'ର ସମ୍ପତ୍ତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ତଥା ମୁସଲମାନ ସମ୍ପ୍ରଦାୟର ମହିଳାମାନେ କେବଳ କଷ୍ଟ ଭୋଗୁଥିଲେ ବୋଲି ଗୌତମ କହିଛନ୍ତି।





ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୱାକ୍ଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ ଗୌତମ ଓ ଅନ୍ୟମାନେ।


# Classified Everyday
0674-2580101, 9692975378



MATRIMONIAL

BRIDE WANTED

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ-7978626462. D-228

GROOM WANTED

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260



REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Duplex sale with gated Society near Aiims Hospital, Bhubaneswar. 9777433701.** D-76256



CONSTRUCTION

Construct your home with branded materials all complete furnishing, price start 1280/- per sqft. 9827152441. D-76812

LEASE

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

**2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186.** D-76813

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call- 7978968374. D-188

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



Healthcare

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

AFFIDAVIT



I, Dillip Kumar Satapathy (54), S/o-Nrusingh Charan Satapathy, residing at Dakhinakali Road, along with my wife Ashanti Sahu, have legally adopted a child named Guru Charan Naik, born on 24.04.2012, Biological parents Fakir Naik and Jumala Nayak. The adoption was completed on 20.02.2025 under Adoption deed No.- 422500146. We hereby declared that the name of the adopted child has been changed from Guru Charan Naik to Omm Prakash Satapathy. Any objections may be communicated within 7 days. D-225

By virtue of an affidavit sworn before Executive Magistrate, Simulia, dated- 11.04.2025, I, Shiba Prasad Behera, S/o- Gouranga Behera of At- Mangarajpur, P.O.- Khirkona, P.S.- Simulia, Dist.- Balasore, Odisha, PIN- 756168, declare that I have changed my son's name from Dibyajyotiprakash Behera to Ayush Behera. Henceforth, he shall be known as Ayush Behera for all purposes. D-235

By virtue of an affidavit sworn before the Executive Magistrate, Darpan, dated 03.04.2025, I, KABIR SAMAL, Address: Vill/P.O.- Palai, P.S.- Balichandrapur, Dist.- Jajpur, Odisha- 754205, declare that I have changed my son's name from Ratik Kumar Samal to Ritik Kumar Samal. Henceforth, he shall be known as Ritik Kumar Samal for all purposes. D-229

By virtue of an affidavit sworn before the Executive Magistrate, Darpan, Dhanmandal, dated- 03.04.2025, I, Sk Atiqullah, Address- Nalipur (Md Nagar), P.O.- Charinangal, P.S.- Balichandrapur, Dist.- Jajpur, declare that I have changed my son's name from Sk Mahammed Adeeb to Shaikh Md Adeeb. Henceforth, he shall be known as Shaikh Md Adeeb for all purposes.
Sk Atiqullah D-221

By affidavit in the Court of Executive Magistrate, Pattamundai, Cf No.- 65AA213430, dtd- 19.04.2025, I have been recognized, indentified & known as Sarojini Sarangi, W/o- Manoranjan Sarangi, At- Srirampur, P.O.- S.Palapatana, P.S.- Pattamundai, Dist.- Kendrapara, instead of Sarojini Barik for all purposes. D-226

By virtue of an affidavit sworn before the Executive Magistrate of Kujang on dated 17.07.2025, I, Manoranjan Behera, resident of Village- Kaladip, P.O.- Pankapal, P.S.- Kujang, Dist.- Jagatsinghpur, Odisha, PIN- 754140, declare that I have changed my daughter's name from Divyanshi Debadarshini Behera to Divyanshi Behera. Henceforth, she shall be known as Divyanshi Behera for all purpose at all.
Manoranjan Behera D-227

By virtue of an affidavit sworn before the Executive Magistrate, Jagatsinghpur, Sl No.- 2378 dated 28.03.2025, I Gitanjali Swain, W/o- Samir Kumar Swain, Village- Badalahanga, P.O.- Taradapada, P.S./ Dist.- Jagatsinghpur, PIN- 754103, Odisha, declare that I have changed my minor son's name from Sai Suman Swain to Omm Shree Saisuman. Henceforth, he will be known as Omm Shree Saisuman for all purposes. D-234

## ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱତାରାମଣୀ ମିଶ୍ର
ସ୍ୱାମୀ: ୱଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୧

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱରବୀନ୍ଦ୍ର ନାଥ ଦାସ
ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ
ଆବିର୍ଭାବ: ତା ୧୭।୦୫।୧୯୪୨
ତିରୋଧାନ: ତା ୨୦।୦୪।୨୦୨୨
୨୦ ଏପ୍ରିଲ ୨୦୨୨ରେ ଆମ ସମସ୍ତଙ୍କୁ ଏଠି ଛାଡ଼ି ଆରପାରିକୁ ଚାଲିଗଲ ତମେ । ଚାହୁଁ ଚାହୁଁ ତିନିବର୍ଷ ବିତିଗଲାଣି ୟା ଭିତରେ । ତୁମ ଅନୁପସ୍ଥିତିରେ ତୁମକୁ ଝୁରିହଉଛୁ ଆମେ। ଆମ ଗହଣରେ ଏବେ ତୁମେ ନାହଁ ସତ, ଆମ ଭିତରେ ଆଗଭଳି ବଞ୍ଚି ରହିଛ ତୁମେ। ତୁମେ ସିନା ସାହିତ୍ୟ କୃତି ଲାଗି ଅମର ହୋଇ ଯାଇଛ, କିନ୍ତୁ ଓଡ଼ିଆ ସାହିତ୍ୟ ଜଗତରେ ତୁମ ସ୍ଥାନ ଖାଲି ପଡ଼ିଛି। ଏବେ ତୁମେ ଯେଉଁଠି ଅଛ ପ୍ରଭୁ ତୁମକୁ ସେଇଠି ଭଲରେ ରଖିଥାନ୍ତୁ, ବିଶ୍ୱନିୟନ୍ତାଙ୍କ ପାଖରେ ଆମର ଏତିକି ପ୍ରାର୍ଥନା
-:ଶୋକସନ୍ତପ୍ତ ପରିବାରବର୍ଗ:-
ଡଲି, ପିଙ୍କୁ, ପୁପୁନ, ବୁଲୁ, ନୁତୁନ ଓ ନୂପୁର
ଧ-୨୩୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

"M.B.K."

# Great Eastern® RETAIL

ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ

upto ₹7000 EXCHANGE VALUE* | upto ₹45000 CASH BACK* | 0 DOWN PAYMENT* COST EMI*
5 YEARS COMPREHENSIVE WARRANTY* | FREE STANDARD INSTALLATION* | FREE EXPRESS DELIVERY*

LLOYD — upto 53% OFF
1.5 T 3* Inverter AC MRP ₹55990 EMI ₹2325*
1.5 T 5* Inverter AC MRP ₹67990 EMI ₹2830*

Godrej — upto 49% OFF
1.5 T 3* Inverter AC MRP ₹45900 EMI ₹2042*
1.5 T 5* Inverter AC MRP ₹54900 EMI ₹2417*

VOLTAS — upto 65% OFF
1.5 T 3* Inverter AC MRP ₹69490 EMI ₹2292*
1.5 T 5* Inverter AC MRP ₹77790 EMI ₹2833*

LG — upto 66% OFF
1.5 T 3* Inverter AC MRP ₹78990 EMI ₹2542*
1.5 T 5* Inverter AC MRP ₹85990 EMI ₹3208*

HITACHI — upto 57% OFF
1.5 T 3* Inverter AC MRP ₹64850 EMI ₹2458*
1.5 T 5* Inverter AC MRP ₹75850 EMI ₹3125*

DAIKIN — upto 51% OFF
1.5 T 3* Inverter AC MRP ₹58400 EMI ₹2542*
1.5 T 5* Inverter AC MRP ₹67200 EMI ₹3292*

Panasonic — upto 56% OFF
1.5 T 3* Inverter AC MRP ₹59900 EMI ₹2333*
1.5 T 5* Inverter AC MRP ₹67900 EMI ₹3167*

Whirlpool — upto 60% OFF
1.5 T 3* Inverter AC MRP ₹62200 EMI ₹2250*
1.5 T 5* Inverter AC MRP ₹71900 EMI ₹2500*

GENERAL — upto 20% OFF
1.5 T 3* Inverter AC MRP ₹55790 EMI ₹3750*
1.5 T 5* Inverter AC MRP ₹70520 EMI ₹4708*

upto 65% OFF
1.5 T 3* Inverter AC MRP ₹78990 EMI ₹2458*
1.5 T 5* Inverter AC MRP ₹78490 EMI ₹3042*

LLOYD — upto 44% OFF
1.5 T 3* Window AC MRP ₹47990 EMI ₹2250*

Godrej — upto 39% OFF
1.5 T 3* Window AC MRP ₹41900 EMI ₹2125*

VOLTAS — upto 43% OFF
1.5 T 3* Window AC MRP ₹46990 EMI ₹2240*

upto 48% OFF — 596L Side By Side + 24L OTG MRP ₹101990 EMI ₹3295*
upto 35% OFF — 235 L Double Door MRP ₹30690 EMI ₹1650*
upto 35% OFF — 184 L Single Door MRP ₹17260 EMI ₹933*
upto 40% OFF — HAVELLS Desert Cooler MRP ₹22390 EMI ₹1124*
upto 36% OFF — USHA Air Cooler MRP ₹13190 EMI ₹708*
upto 27% OFF — 230L Deep Freezer MRP ₹32890 EMI ₹1999*

## BRING HOME THE GAME

75 (190.5cm) UHD TV — upto 55% OFF — MRP ₹199900 EMI ₹5333*
65 (165.1cm) Google TV — upto 45% OFF — MRP ₹101990 EMI ₹4858*
55 (139.7cm) UHD TV — upto 49% OFF — MRP ₹66990 EMI ₹3083*
43 (109.7cm) Smart TV — upto 55% OFF — MRP ₹50490 EMI ₹1874*
32 (81.28cm) Smart TV — upto 65% OFF — MRP ₹22990 EMI ₹666*

SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA

HDFC BANK upto ₹4000 INSTANT CASH BACK*
9 MEGA STORES IN ODISHA | 90+ STORES ACROSS INDIA
SCAN FOR MORE OFFERS
Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | 033 4037 2000

ବ୍ରହ୍ମପୁର ଦଳୁଆ ସାହି ✆ 9938668181

ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES

*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.

virtual frame

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୦ ଏପ୍ରିଲ, ୨୦୨୫ | Bhubaneswar, Sunday, 20 April, 2025

# ଟେବୁଲ ଶୀର୍ଷରେ ଗୁଜରାଟ

**ଅହମଦାବାଦ,୧୯।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଓ ଜୋସ୍ ବଟ୍‌ଲରଙ୍କ ଅପରାଜିତ ୯୭ ରନ୍‌ର ପାଳି ବଳରେ ଗୁଜରାଟ ଟାଇଟନ୍ସ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୦୪ ରନ୍‌ର ଟାର୍ଗେଟ୍‌କୁ ଗୁଜରାଟ ୧୯.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି ଏବଂ ଦିଲ୍ଲୀ ଦ୍ୱିତୀୟ ସ୍ଥାନକୁ ଖସିଛି। ଏହା ଗୁଜରାଟର ୫ମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ୨ୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୩୯(୧ ଚୌକା ଓ ୨ ଛକା), ଆଶୁତୋଷ ଶର୍ମା ୩୭(୨ ଚୌକା ଓ ୩ ଛକା), ଟ୍ରିଷ୍ଟାନ ଷ୍ଟବ୍ସ ୩୧(୨ ଚୌକା ଓ ୧ ଛକା), କରୁନ ନାୟାର ୩୧(୨ ଲେଖାଏ ଚୌକା ଓ ଛକା) ଓ ଲୋକେଶ



ଅପରାଜିତ ୯୭ ରନ୍‌ର ଇନିଂସ ଖେଳିବା ଅବସରରେ ଜୋସ୍ ବଟଲର।

ରାହୁଲ ୨୮(୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଗୁଜରାଟ ଲାଗି ପ୍ରସିଦ୍ଧ କ୍ରିଷ୍ଣା ୪ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଅର୍ଶଦ ଖାନ୍, ଇଶାନ୍ତ ଶର୍ମା ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ଶୁବ୍‌ମନ ଗିଲ୍(୭)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ସାଇ ସୁଦର୍ଶନ ଓ ବଟ୍‌ଲର ଦ୍ୱିତୀୟ ଉଇକେଟରେ ୬୦ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ସୁଦର୍ଶନ ୨୧ ବଲରେ ୫ ଚୌକା ଓ ୧ ଛକା ସହିତ ୩୬ ରନ୍‌କରି ଆଉଟ୍ ହୋଇଯାଇଥିଲେ। ଏହାପରେ ଶେର୍ଫାନେ ରଦରଫୋର୍ଡ ଓ ବଟ୍‌ଲରଙ୍କ ଯୋଡ଼ି ତୃତୀୟ ଉଇକେଟରେ ୧୧୯ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ରଦରଫୋର୍ଡ ୧ ଚୌକା ଓ ୩ ଛକା ସହିତ ୪୩ ରନ୍‌କରି ପାଭିଲିଅନ ଫେରିଥିଲେ। ଚତୁର୍ଥ କ୍ରମରେ ଆସିଥିବା ରାହୁଲ ଟେୱାଟିଆ ୧୧ ଓ ବଟ୍‌ଲର ୯୭ ରନ୍‌ରେ ଅପରାଜିତ ରହି ଦଳକୁ ମ୍ୟାଚ୍ ଜିତାଇଥିଲେ। ୫୪ ବଲର ସମ୍ମୁଖୀନ ହୋଇଥିବା ବଟ୍‌ଲରଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଦିଲ୍ଲୀ ପାଇଁ କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୩/୮(ଅକ୍ଷର ପଟେଲ-୩୯, ଆଶୁତୋଷ ଶର୍ମା-୩୭, ଟ୍ରିଷ୍ଟାନ ଷ୍ଟବ୍ସ-୩୧, କରୁନ ନାୟାର-୩୧, ଲୋକେଶ ରାହୁଲ-୨୮, ପ୍ରସିଦ୍ଧ କ୍ରିଷ୍ଣା-୪/୪୧, ସାଇ କିଶୋର-୧/୯, ଇଶାନ୍ତ ଶର୍ମା-୧/୧୯)। ଗୁଜରାଟ ଟାଇଟନ୍ସ: ୧୯.୨ ଓଭରରେ ୨୦୪/୩(ଜୋସ୍ ବଟଲର-୯୭*, ଶେର୍ଫାନେ ରଦରଫୋର୍ଡ-୪୩, ସାଇ ସୁଦର୍ଶନ-୩୬, କୁଲଦୀପ ଯାଦବ-୧/୩୦, ମୁକେଶ କୁମାର-୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ**
**ବନାମ ବେଙ୍ଗାଲୁରୁ**
ସ୍ଥାନ: ଚଣ୍ଡିଗଡ଼
ସମୟ: ଅପରାହ୍ଣ ୩.୩୦

**ମୁମ୍ବାଇ**
**ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## କେକେଆର୍‌କୁ ଫେରିଲେ ନାୟାର

**କୋଲ୍‌କାତା,୧୯।୪(ପି.ଟି.)**

ନିକଟରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ପଦରୁ ବହିଷ୍କୃତ ହୋଇଥିବା ଅଭିଷେକ ନାୟାର କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ରେ ସପୋର୍ଟ ଷ୍ଟାଫ୍ ଭାବେ ଯୋଗଦେଇଛନ୍ତି। ଏ ନେଇ କେକେଆର୍ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଦାୟିତ୍ୱ ଓ ପଦବୀ ସମ୍ପର୍କରେ କିଛି କୁହାଯାଇନାହିଁ। ନାୟାର ପୂର୍ବରୁ କେକେଆର୍‌ର ଆସିଷ୍ଟାଣ୍ଟ କୋଚ୍ ଥିଲେ। ତାଙ୍କ ମାର୍ଗଦର୍ଶନରେ କୋଲକାତା ଏକ ଦଶନ୍ଧି ପରେ ଆଇପିଏଲ୍ ଟାଇଟଲ ଜିତିଥିଲା। ଏଥିସହିତ କେକେଆର୍ ଏକାଡେମୀରେ ଯୁବ ଖେଳାଳିଙ୍କ ଉନ୍ନତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା।

## ଆଇପିଏଲ୍‌ରେ ୨୦୦ ଛକା ରାହୁଲ ଦ୍ରୁତତମ ଭାରତୀୟ

**ଅହମଦାବାଦ,୧୯।୪**

ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳତା ହାସଲ କରିଛନ୍ତି। ଶନିବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିବାବେଳେ ଏହା ତାଙ୍କ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସ୍ ଥିଲା। ମ୍ୟାଚ୍‌ରେ ସେ ୧୪ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୨୮ ରନ୍‌ର ପାଳି ଖେଳିଥିଲେ। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ(୧୬୫ ଇନିଂସ), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି। ତେବେ ରାହୁଲ ଟୁର୍ନାମେଣ୍ଟ ଇତିହାସରେ ତୃତୀୟ ଦ୍ରୁତତମ ବ୍ୟାଟର ଭାବେ ୨୦୦ ଛକା ମାରିଛନ୍ତି।

# ଲକ୍ଷ୍ନୌର ଦୃଢ଼ ବ୍ୟାଟିଂ

**ଜୟପୁର,୧୯।୪**

ଚଳିତ ଆଇପିଏଲ୍‌ରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଛନ୍ତି। ଏଡେନ ମାରକ୍ରାମ ଓ ଆୟୁଷ ବଦୋନୀଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପ୍ରତିପକ୍ଷ ରାଜସ୍ଥାନ ଆଗରେ ୧୮୧ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି।

ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ନିଷ୍ପତ୍ତି ଦଳ ପାଇଁ ଉଚିତ ସାବ୍ୟସ୍ତ ହୋଇନଥିଲା। ଦଳ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ୩ ମୁଖ୍ୟ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ମିଚେଲ ମାର୍ଶ ୪, ନିକୋଲସ ପୁରନ ୧୧ ଓ ଅଧିନାୟକ ପନ୍ତ ୩ ରନ କରି ପାଭିଲିଅନ ଫେରିଥିଲେ। ଲକ୍ଷ୍ନୌ ୭.୪ ଓଭର ଶେଷ ସୁଦ୍ଧା ୫୪ ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅନ୍ୟତମ ଓପନର ମାରକ୍ରାମ ଓ ବଦୋନୀ ଚତୁର୍ଥ ଉଇକେଟରେ ଦ୍ରୁତ ୭୬ ରନ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ମାରକ୍ରାମ ୪୫ ବଲରେ ୫ ଚୌକା ଓ ୩ ଛକା ସହିତ ୬୬ ଏବଂ ବଦୋନୀ ୩୪ ବଲରେ ୫ ଚୌକା ଓ ୧ ଛକା ବଳରେ ୫୦ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅବଦୁଲ ସମଦ ୧୦ ବଲରେ ୪ ଛକା ସହିତ ୩୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହାସାରଙ୍ଗା ଦୁଇଟି ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର, ସନ୍ଦୀପ ଶର୍ମା ଓ ତୁଷାର ଦେଶପାଣ୍ଡେ ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୮୦/୫ (ଏଡେନ ମାରକ୍ରାମ-୬୬, ଆୟୁଷ ବଦୋନୀ-୫୦, ୱାନିନ୍ଦୁ ହାସାରଙ୍ଗା-୨/୩୧, ତୁଷାର ଦେଶପାଣ୍ଡେ-୧/୨୬, ଜୋଫ୍ରା ଆର୍ଚ୍ଚର-୧/୩୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

# କ୍ରିସ୍‌ପିନ୍ ଘୋଷଣା କଲେ ୩୯ ଜଣିଆ ଦଳ



**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଜୁନ୍-ଜୁଲାଇରେ ହେବ ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ। ଏଥିପାଇଁ ଆୟୋଜନ କରାଯାଇଥିବା ଏକ ଜାତୀୟ କ୍ୟାମ୍ପରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଛେତ୍ରୀ ଶନିବାର ୩୯ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ବ୍ଲୁ ଟାଇଗ୍ରେସ୍ ଦଳ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଥାଇଲାଣ୍ଡର ଚିଆଙ୍ଗମାଇଠାରେ ହେବାକୁଥିବା ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ରେ ଅଂଶଗ୍ରହଣ କରିବ। ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ଆୟୋଜକ ଥାଇଲାଣ୍ଡ, ମଙ୍ଗୋଲିଆ, ତିମୋରଲିଷ୍ଟ ଓ ଇରାକ୍ ସହ ସ୍ଥାନ ପାଇଛି। ସିନିୟର ମହିଳା ଦଳ କ୍ୟାମ୍ପ ମେ'୧ରୁ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଦ୍ରାବିଡ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସିଲେନ୍ସ ଅନୁଷ୍ଠିତ ହେବ।

**ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ପାଇଁ ସମ୍ଭାବ୍ୟ ଖେଳାଳି ତାଲିକା:** ଗୋଲ୍‌କିପର: ପାୟଲ ବାସୁଦେ, ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, କିଶାମ ମେଲୋଡି ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ। ଡିଫେଣ୍ଡର: ପୂର୍ଣ୍ଣିମା କୁମାରୀ, ଫାନ୍‌ଜୋବାମ୍ ନିର୍ମଳା ଦେବୀ, ମାର୍ଟିନା ଥୋକ୍‌ଚୋମ୍, ଶୁଭାଙ୍ଗୀ ସିଂ, ସଞ୍ଜୁ ମାଳତୀ ମୁଣ୍ଡା, ତୋଇଜାମ ଥୋଇବିସାନା ଚାନୁ, ସୋରୋଖାଇବାମ ରଞ୍ଜନା ଚାନୁ, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ ଭିକ୍ସିତ ବାରା, ହେମାମ ସିଲ୍‌କି ଦେବୀ। ମିଡ୍‌ଫିଲ୍ଡର: କିରନ ପିସ୍‌ଡା, ନଙ୍ଗମାଇଥେମ ରତ୍ନବାଳା ଦେବୀ, ମୁସ୍କାନ ସୁବା, ଲିଶାମ ବାବିନା ଦେବୀ, କାର୍ତ୍ତିକ ଆଙ୍ଗାମୁଥୁ, ସିଣ୍ଡି ରେମ୍‌ରୁଆତପୁଇ କୋଲ୍‌ନେ, ସଙ୍ଗୀତା ବାସ୍‌ଫୋର, ଏସ୍. ପ୍ରିୟଦର୍ଶିନୀ, ବେବି ସାନା, ସନ୍ତୋଷ, ଅଞ୍ଜୁ ତମାଙ୍ଗ। ଫରୱାର୍ଡ: ମୌସମୀ ମୁର୍ମୁ, ପି. ମାଳବିକା, ସନ୍ଧ୍ୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ, ସୁଲଞ୍ଜନା ରାଉଲ, ଲିଣ୍ଡା କମ୍ ସେର୍ଟୋ, ରିମ୍ପା ହାଲ୍‌ଦାର, ମନୀଷା କଲ୍ୟାଣ, ଗ୍ରେସ୍ ଡାଙ୍ଗମେଇ।

**ବିଶ୍ୱ ବ୍ରିଜ୍ ଚାମ୍ପିୟନଶିପ୍**

# ଭାରତୀୟ ଦଳକୁ ଯୋଗ୍ୟତା

**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଦୁବାଇରେ ଅନୁଷ୍ଠିତ ବ୍ରିଜ୍ ଫେଡେରେଶନ ଅଫ୍ ଏସିଆ ଓ ମିଡଲ ଇଷ୍ଟ ଟୁର୍ନାମେଣ୍ଟରେ ଭାରତ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଛି। ପଦକ ବିଜେତା ଦଳଗୁଡ଼ିକ ପରବର୍ତ୍ତୀ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାର୍ଲ୍ଡ ବ୍ରିଜ୍ ଫେଡେରେଶନ ଅଧୀନରେ ଏପ୍ରିଲ ୧୦ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଏବଂ ସିନିୟର ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ମିକ୍ସଡ ଟିମ୍ ରୌପ୍ୟ ପଦକ ଲାଭ କରିଛି। ଭାରତର ସମସ୍ତ ୪ଟି ଦଳ ଡେନ୍‌ମାର୍କର ହର୍ନିଙ୍ଗ୍‌ଠାରେ ଅଗଷ୍ଟ ୨୦ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ୪୭ତମ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୫ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍‌ରେ ବର୍ମୁଡା ବାଓଲ, ଭେନିସ କପ୍, ଡି'ଓରିସ୍ ଟ୍ରଫି ଓ ୱହାନ କପ୍‌କୁ ସାମିଲ କରାଯାଇଛି। ଚାମ୍ପିୟନଶିପ୍‌ରେ ୩୫ଟି ଦେଶର ୬୬ଟି ଦଳ ଅଂଶଗ୍ରହଣ କରିବେ। ସ୍ୱର୍ଣ୍ଣ ଜିତିଥିବା ପୁରୁଷ ଦଳଗୁଡ଼ିକ ହେଲେ ସୁମିତ୍ ମୁଖାର୍ଜୀ ଓ ରାଜେଶ ତିୱାରୀ; ସାଗନିକ ରୟ ଓ କୌସ୍ତୁଭ ନନ୍ଦୀ; କୌସ୍ତୁଭ ମିଲିନ୍ଦ ବିନ୍ଦ୍ରେ ଓ ସାୟନ୍ତନ କୁଶାରି। ଦେବାଶିଷ ରାୟ ହେଉଛନ୍ତି କୋଚ୍ ଓ ଅଣଖେଳାଳି ଅଧିନାୟକ। ସ୍ୱର୍ଣ୍ଣ ଜିତିଥିବା ମହିଳା ଦଳଗୁଡ଼ିକ ହେଲେ ପୂଜା ବାତ୍ରା ଓ ଆଶା ଶର୍ମା; ବିନ୍ଦିୟା କୋହଲି ଓ ପ୍ରିୟା ବାଲା ସୁବ୍ରମଣ୍ୟନ; ଭାରତୀ ଦେ ଓ ଅଲ୍‌କା ଏମ୍. କ୍ଷୀରସାଗର। ଏମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ଅରବିନ୍ଦ ବୈଦ୍ୟ। ସ୍ୱର୍ଣ୍ଣ ଜିତିଥିବା ସିନିୟର ଦଳଗୁଡ଼ିକ ହେଲେ ରାମରତ୍ନମ କ୍ରିଷ୍ଣନ ଓ ବି. ପ୍ରଭାକର; ବାଚିରାଜୁ ସତ୍ୟନାରାୟଣ ଓ ଜାଗି ବି. ଶିବଦାସାନୀ, ସୁଭାଷ ଗୁପ୍ତା ଓ ରବି ଗୋଏଙ୍କା। ଗିରିଶ୍ ବିଜୁର ଥିଲେ ସେମାନଙ୍କ କୋଚ୍ ତଥା ଅଣଖେଳାଳି ଅଧିନାୟକ। ରୌପ୍ୟ ଜିତିଥିବା ମିକ୍ସଡ ଟିମ୍‌ଗୁଡ଼ିକ ହେଲେ ରାଜୀବ ଖଣ୍ଡେଲୱାଲ ଓ ହିମାନୀ ଖଣ୍ଡେଲୱାଲ; ରାଣା ରୟ ଓ ଶୀତଲ ବଂଶଲ; ପ୍ରିୟା ରଞ୍ଜନ ସିହ୍ନା ଓ ବିନ୍ଦିଆ ନାଇଡୁ। ସେମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ବିନୟ ଦେଶାଇ। ସୂଚନାଯୋଗ୍ୟ, କ୍ରୀଡ଼ା ମନ୍ତ୍ରଣାଳୟ ୨୦୧୭ରୁ ବ୍ରିଜ୍ ଫେଡେରେଶନ ଅଫ୍ ଇଣ୍ଡିଆକୁ ସାହାଯ୍ୟ ଓ ସହଯୋଗ କରିଆସୁଅଛି।



ଟ୍ରଫି ଓ ପଦକ ସହ ଭାରତୀୟ ଦଳ।

## ବାବୁ ଜିତିଲେ ୩୫ କି.ମି. ରେସ୍‌ୱାକ୍

**ଚଣ୍ଡିଗଡ଼, ୧୯।୪(ପି.ଟି.)**

ଜାତୀୟ ରେକର୍ଡଧାରୀ ରାମ୍ ବାବୁ ଏଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ ରେସ୍ ୱାକିଙ୍ଗ୍ ପ୍ରତିଯୋଗିତାର ୩୫ କି.ମି ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଷୟିକ କାରଣରୁ ମହିଳା ବିଭାଗ ରେସ୍ ଫଳାଫଳ ଘୋଷଣାକୁ ସ୍ଥଗିତ ରଖାଯାଇଛି। ଏଠାରେ ସେ ୨ ଘଣ୍ଟା ୩୨ ମିନିଟ ୫୩.୫୦ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ। ତେବେ ଏହା ତାଙ୍କ ଜାତୀୟ ରେକର୍ଡ ୨:୨୯.୫୬ଠାରୁ କମ୍ ରହିଛି। ଏଠାରେ ଦ୍ୱିତୀୟଥର ପାଇଁ ଏକ ରେସ୍‌ୱାକ୍ ଇଭେଣ୍ଟରେ ବୈଷୟିକ ସମସ୍ୟା ଦେଖାଦେଇଛି। ୨୦୨୪ରେ ନ୍ୟାଶନାଲ ଓପନ ରେସ୍ ୱାକିଙ୍ଗ୍ ଚାମ୍ପିୟନଶିପ୍ ବେଳେ ତ୍ରୁଟିପୂର୍ଣ୍ଣ ରିଡିଂ ଯୋଗୁ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଅଂଶଗ୍ରହଣକାରୀଙ୍କ ଟାଇମିଂରେ ସଂଶୋଧନ କରାଯାଇଥିଲା। ପରେ ବିଶ୍ୱ ପରିଚାଳନା ପରିଷଦ ୨୦କିମି ରେସ୍ ୱାକ୍ ଇଭେଣ୍ଟର ସମସ୍ତ ଫଳାଫଳକୁ ରଦ୍ଦ କରିଦେଇଥିଲେ। ଶନିବାର ଅନୁଷ୍ଠିତ ଇଭେଣ୍ଟରେ ୩୫ କିମି ପରିବର୍ତ୍ତେ ପ୍ରତିଯୋଗୀ ୩୪ କିମି ଶେଷ କରିଥିଲେ।

# ଝାରସୁଗୁଡ଼ାରେ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି

**ଭୁବନେଶ୍ୱର, ୧୯।୪(ବିଜୟ ରଣା)**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ସହଯୋଗରେ ୧୭ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି ପ୍ରତିଯୋଗିତା ଝାରସୁଗୁଡ଼ାର ଏସ୍. କଟାପାଲି ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ଏଥିରେ ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶାର ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦଳରେ ୮ ଖେଳାଳି, ଜଣେ ପ୍ରଶିକ୍ଷକ ଓ ଜଣେ ପରିଚାଳକ ରହିଛନ୍ତି। ଓଡ଼ିଶା ହକି ଆସୋସିଏଶନ ଦ୍ୱାରା ନିଯୁକ୍ତ ୧୦ଜଣ ଅଧିକାରୀ ଟୁର୍ନାମେଣ୍ଟ ତଦାରଖ କରୁଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆସୋସିଏଶନର ବରିଷ୍ଠ ସଦସ୍ୟ, ସମ୍ପାଦକ ସନାତନ ସାହୁ. କୋଷାଧ୍ୟକ୍ଷ ପି.କେ. ମହାନ୍ତି, ବରିଷ୍ଠ ସଦସ୍ୟ ରଞ୍ଜନ ଦାସ, ଓଏସ୍‌ଡି କ୍ରୀଡ଼ା କାଳୁ ଚରଣ ଚୌଧୁରୀ ଓ ପୂର୍ବତନ ଭାରତୀୟ ଖେଳାଳି ତଥା ବର୍ତ୍ତମାନର ଚୟନକର୍ତ୍ତା ସୁଭଦ୍ରା ମହାନ୍ତି। ହକି ଇଣ୍ଡିଆର ସଭାପତି ତଥା ପଦ୍ମଶ୍ରୀ ଦିଲୀପ କୁମାର ତିର୍କୀ ଏହି ଟୁର୍ନାମେଣ୍ଟର ମୁଖ୍ୟ ପରାମର୍ଶଦାତା ଅଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଫୁଟ୍‌ବଲରେ ସମ୍ବଲପୁର ଚାମ୍ପିୟନ

**ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

**କେନ୍ଦୁଝର,୧୯।୪**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଚତୁର୍ଥ ଦିନ ଶନିବାର ବିଭିନ୍ନ ପ୍ରତିଯୋଗିତାର ଫାଇନାଲ ଖେଳା ଯାଇଥିଲା। ଏଥିମଧ୍ୟରେ ଶଙ୍କରପୁର ଖେଳପଡ଼ିଆରେ ଅନୁଷ୍ଠିତ ଫୁଟ୍‌ବଲ ଫାଇନାଲ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରି ଚାମ୍ପିୟନ ହୋଇଛି।

ସେହିପରି ଧରଣୀଧର ମେଡିକାଲ କଲେଜରେ ଅନୁଷ୍ଠିତ ବାସ୍କେଟ ବଲ ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବାସ୍କେଟ ବଲ୍ ମହିଳା ଫାଇନାଲ ମ୍ୟାଚ୍‌ରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। କ୍ୟାରମ୍ ପୁରୁଷ ଫାଇନାଲ ମ୍ୟାଚରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ଫାଇନାଲ ମ୍ୟାଚ୍‌ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଚେସ୍ ପ୍ରତିଯୋଗିତାର ପୁରୁଷ ବିଭାଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ବିଭାଗରେ ରେଭେନ୍ସାକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବ୍ୟାଡମିଣ୍ଟନ ଫାଇନାଲ ପୁରୁଷ ବିଭାଗ ଏକକରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ମହିଳା ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମେନ୍ସ ଡବଲ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ଓମେନ୍ସରେ ଉତ୍କଳକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଟେବୁଲ ଟେନିସ ମେନ୍ସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ହକି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମହିଳା ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨-୦ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଚାମ୍ପିୟନ ଟିମକୁ ଉଦ୍‌ଯାପନୀ ଉତ୍ସବରେ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯିବ।



ଫାଇନାଲରେ ପ୍ରବେଶ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ